

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୦ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 JULY 2021

Vol.No. 32 ■ No. 184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିରୋଧୀଙ୍କ ହଟ୍ଟଗୋଳ ଭିତରେ ମୌସୁମୀ ଅଧିବେଶନ ବାଧାପ୍ରାପ୍ତ

## ଆସନ୍ତାକାଲି ୧୧ ଟା ପର୍ଯ୍ୟନ୍ତ ସ୍ଥଗିତ ରହିଲା ଉଭୟ ସଦନର ବୈଠକ



ନୂଆଦିଲ୍ଲୀ,୧୯/୦୭: ମୌସୁମୀ ଅଧିବେଶନର ପ୍ରଥମଦିନରେ ଠିକରେ ଚାଲିପାରି ନାହିଁ ଲୋକସଭା ଓ ରାଜ୍ୟ ସଭା । ଉଭୟ ସଂସଦରେ ବୈଠକ ଆରମ୍ଭ ହେବା ପୂର୍ବରୁ ୫୬ ଜଣ ଦିବଙ୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମ ଆରମ୍ଭରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଭ୍ୟ ମାନଙ୍କୁ ଯୁକ୍ତି ଯୁକ୍ତ ପ୍ରଶ୍ନ ପଚାରିବା ସହ ସରକାରଙ୍କ ଉତ୍ତରକୁ ଶୁଣିବାକୁ ବିରୋଧୀମାନଙ୍କୁ ଅନୁରୋଧ କରିଥିଲେ । ଏହାପରେ ସେ ନୂଆମନ୍ତ୍ରୀ ମାନଙ୍କର ପରିଚୟ ପ୍ରଦାନ କରୁଥିବା ବେଳେ ବିରୋଧୀମାନେ ହୋ ହାଲ୍ଲା ଆରମ୍ଭ କରିଥିଲେ । ଏହାକୁ ନେଇ ଉଭୟ ସଦନର ବୈଠକକୁ ପରିଚାଳକମାନେ ଦିନ ୨ ଟା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ । ଏହାକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଥିଲେ କି ତାଙ୍କ ୨୪ ବର୍ଷର ସାଂସଦ ଜୀବନରେ ସେ କେବେ ବି ଏଭଳି ହେବାର ଦେଖିନଥିବା କଥା କହିଛନ୍ତି । ଦ୍ୱିତୀୟ ଥର ୩.୩୦ ରେ ପୁଣି ବୈଠକ ଆରମ୍ଭ ହୋଇଥିବା ବେଳେ ବିରୋଧୀମାନେ କୋଭିଡ ପରିଚାଳନା, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଓ ଚୀନ ପ୍ରସଙ୍ଗରେ ଉଭୟ ସଦନରେ ହୋ ହାଲ୍ଲା କରିବା ପରେ ଉଭୟ ସଦନର ବୈଠକକୁ ଆସନ୍ତା କାଲି ୧୧ ଟା ପର୍ଯ୍ୟନ୍ତ ସ୍ଥଗିତ ରଖା ଯାଇଛି । ଅନ୍ୟପଟେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି । ଏହି ସର୍ବଦଳୀୟ ବୈଠକରେ କୋଭିଡ -୧୯ ଟିକା ଉପରେ ଆଲୋଚନା ହୋଇପାରେ !

# ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେନାଲ ଜଳସେଚନ ବ୍ୟବସ୍ଥାର ପ୍ରଥମ ଜଳପ୍ରବାହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

## ମୋଟ ୯୪ଟି ଗାଁର ୧୫ ହଜାର ୩ ଶହ ୫୯ ହେକ୍ଟର ଜମି ହେବ ଜଳସେଚିତ



ବାରିପଦା,୧୯/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ବୃହତ ଜଳ ସେଚନ ପ୍ରକଳ୍ପର କାଠପାଳ ପୁରୁଡ଼ିହି ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନାଲ ଜଳସେଚନ ସୁବୁଧାର ପ୍ରଥମ ଜଳ ପ୍ରବାହ କାର୍ଯ୍ୟକ୍ରମକୁ ଆଜି ଅପରାହ୍ନ ୪.୩୦ ମିନିଟ ସମୟରେ ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟ ସ୍ତରରୁ ରିମୋଟ ମାଧ୍ୟମରେ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଲୋକାର୍ପିତ କରି ମୟୂରଭଞ୍ଜ ଜିଲ୍ଲାରେ କୃଷି ଓ କୃଷକର କଲ୍ୟାଣ ସହ ବିଭିନ୍ନ ଉନ୍ନୟନ ମୂଳକ ଜନକଲ୍ୟାଣ କାରୀ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକାରୀ କରାଯାଉ ଥିବାର କହିଛନ୍ତି । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଏହି କେନାଲ ଜଳସେଚନ ବ୍ୟବସ୍ତା ଦ୍ୱାରା ବାରିପଦା, ମୋରଡ଼ା, ରାସଗୋବିନ୍ଦପୁର, ଶୁଳିଆପଦା ଓ ବେତନଟି ବ୍ଲକର ମୋଟ ୯୪ଟି ଗାଁର ୧୫ ହଜାର ୩ ଶହ ୫୯ ହେକ୍ଟର ଜମି ଏହି ପର୍ଯ୍ୟାୟରେ ଜଳ ସେଚିତ ହେବ । ଏହା ଦ୍ୱାରା ବହୁ ଚାଷୀ ଉପକୃତ ହେବା ସହିତ ଚାଷୀଙ୍କର ଉତ୍ପାଦନ ଓ ଆୟ ମଧ ବୃଦ୍ଧି ହେବ । ଜିଲ୍ଲା ପ୍ରସାଶନ ତତ୍ୱାବଧାନ ରେ ସୁବର୍ଣ୍ଣରେଖା ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ଲୋକାର୍ପଣ ଉତ୍ସବରେ ରାଜ୍ୟ ଜଳ ସଂମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମକୁ ରାଜ୍ୟସରକାର ବିଶେଷ ଧ୍ୟାନଦେଇ କୃଷି ଓ କୃଷକ ମାନଙ୍କର ଶଶକ୍ତି କରଣ ପାଇଁ କାର୍ଯ୍ୟକ୍ରମ ମାନ ତ୍ୱରାନ୍ୱୀତ କରୁଥିବାରୁ ଜିଲ୍ଲା ବାସିଙ୍କ ତରପରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ ।

# ବାହୁଡା ଯାତ୍ରା ନେଇ ଶ୍ରୀମନ୍ଦିର ପ୍ରଶାସନର ବଡ ପ୍ରସ୍ତୁତି



ପୁରୀ,୧୯/୦୭(ନି.ପ୍ର): ଆସନ୍ତାକାଲି ମହାପ୍ରଭୁଙ୍କ ବାହୁଡାଯାତ୍ରା । ଆଜି ରାତି ୮ଟାରୁ ୨୧ ତାରଖ ରାତି ୮ଟା ଯାଏଁ ପୁରୀ ଜାରି ହେବ କର୍ଫ୍ୟୁ । ନିଳାଦ୍ରୀ ଭକ୍ତ ନିବାସରେ ବସିଥିଲା ବୈଠକରେ ମହାବାହୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକ ହୋଇଛି । କୋଭିଡ କଟକଣା ଭିତରେ ବାହୁଡା ଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ସୁରୁଖୁରୁରେ ସମାପନ କରିବା ପାଇଁ ସବୁ ବିଭାଗୀୟ ଅଧିକାରୀଙ୍କ ସହ ହୋଇଛି ଆଲୋଚନା । ଶ୍ରୀମନ୍ଦିର ପ୍ରଶାସକ କହିଲେ, କୋଭିଡ କଟକଣା ଭିତରେ ସମ୍ପୂର୍ଣ୍ଣ ହେବ ସମସ୍ତ ନୀତିକାନ୍ତି । ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ସଂଧ୍ୟା ଦର୍ଶନ ପର୍ଯ୍ୟନ୍ତ ସମସ୍ତ ପ୍ରଶାସନିକ କାର୍ଯ୍ୟ ସହିତ ପୁଲିସର ଏନଫୋର୍ସମେଂଟ ଉପରେ ସମୀକ୍ଷା ହୋଇଛି । ବୈଠକରେ ବାହୁଡାଯାତ୍ରା ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଆସନ୍ତାକାଲି ସକାଳ ୮ଟା ସୁଦ୍ଧା ପହଣ୍ଡି ନୀତି ସାରି ଦିନ ୧୨ଟା ସୁଦ୍ଧା ରଥଟଣା କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି । ବାହୁଡା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ▶▶ପୃଷ୍ଠା ୭

# ଅଗଷ୍ଟ ୨୭ରେ ଓଏଏସ୍ ପ୍ରିଲିମ୍

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଆସନ୍ତା ଅଗଷ୍ଟ ୨୭ ତାରିଖରେ ଓଏଏସ୍ ପ୍ରିଲିମ୍ ପରୀକ୍ଷା ହେବ । ଏ ନେଇ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଦୁଇଟି ସିଟିଂରେ ପରୀକ୍ଷା ହେବ । ସକାଳ ୧୦ରୁ ୧୨ ଜିଏସ୍ ପ୍ରଥମ ପେପର ଓ ସାଢ଼େ ଗୋଟାଏରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଦ୍ୱିତୀୟ ପେପର ପରୀକ୍ଷା ହେବ । ଏଥିପାଇଁ ରାଜ୍ୟରେ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ସମ୍ବଲପୁର ଆଦି ୫ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର କରାଯାଇଛି । ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ଏହି ପରୀକ୍ଷାରେ ଅତିରିକ୍ତ ୪୦ ମିନିଟ ସମୟ ଦିଆଯିବ । ପରବର୍ତୀ ସମୟରେ ଯୋଗ୍ୟ ପରୀକ୍ଷାର୍ଥୀଙ୍କ ପାଇଁ ଓପିଏସସି ୱେବସାଇଟ୍‌ରେ ଆଡ୍‌ମିଶନ ସାର୍ଟିଫିକେଟ୍ ଉପଲବ୍ଧ ହେବ ।

# ପୁରୀ ସହରରେ ଲାଗୁ ହେଲା କର୍ଫ୍ୟୁ

ପୁରୀ,୧୯/୦୭(ନି.ପ୍ର): ପୁରୀ ସହରରେ ଲାଗୁ ହେଲା କର୍ଫ୍ୟୁ । ୨୧ ତାରିଖ ରାତି ୮ଟା ଯାଏଁ ଏହି କଟକଣା ଜାରି ରହିବ । ବାହୁଡା ଯାତ୍ରା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଏହି କଟକଣା ଲାଗୁ ହୋଇଛି । ସେହିପରି ରଥଯାତ୍ରା ସମୟରେ ମଧ ପୁରୀ ସହରରେ କର୍ଫ୍ୟୁ ଜାରି ହୋଇଥିଲା । ଏହି ସମୟରେ ଲୋକମାନେ ଘରୁ ବାହାରିବା ଉପରେ ମଧ କଟକଣା ଜାରି କରିଥିଲା ପ୍ରଶାସନ । କରୋନା ସଂକ୍ରମଣ ଯୋଗୁଁ ବିନା ଭକ୍ତରେ ଏଥର ରଥଯାତ୍ରା ଅନୁଷ୍ଠିତ ହୋଇଛି । ସେବାୟତ ମାନେ ରଥ ଟାଣି ଗୁଣ୍ଡିଚା ମନ୍ଦିର ନେଇଥିଲେ ।

# ଆଜିଠାରୁ ସାରା ଓଡିଶାରେ ଚାଲିଲା ବସ୍

ଭୁବନେଶ୍ୱର,୧୯/୦୭ (ନି.ପ୍ର): ପ୍ରାୟ ତିନି ମାସ ପରେ ଜିଲ୍ଲାସ୍ତରକୁ ଗଡ଼ିଛି ବସ୍ । ଏପ୍ରିଲ ୧୦ରୁ ରାଜ୍ୟ ବାହାରକୁ ଏବଂ ମେ ୫ରୁ ରାଜ୍ୟ ଭିତରେ ବସ ଚଳାଚଳ ବନ୍ଦ ରହିଥିଲା । ୧ ତାରିଖରୁ ୨୦ଟି ଜିଲ୍ଲାରେ ଏବଂ ଏବେ ଅବଶିଷ୍ଟ ୧୦ ଜିଲ୍ଲାରେ ବସ ଚଳାଚଳକୁ ଅନୁମତି ଦିଆଯାଇଛି । ରାଜ୍ୟରେ ପ୍ରାୟ ୧୬ ହଜାରରୁ ଅଧିକ ବସ୍ ଠିଆ ହୋଇ ରହିଥିଲା । ଏଭଳି ସ୍ଥିତିରେ କରୋନା କଟକଣା ଯୋଗୁଁ ଦୀର୍ଘ ଦିନ ଠିଆ ହୋଇଥିବାରୁ ବସ୍ ଗୁଡ଼ିକର ମରାମତି ଦରକାର ପଡୁଛି । ବସ୍ ଗଡ଼ିବା ନେଇ ସରକାରଙ୍କ ନିଷ୍ପତ୍ତି ସତ୍ୱେ ରାସ୍ତାକୁ ଓହ୍ଲାଇଛି ମାତ୍ର ୧୦ରୁ ୧୫ ପ୍ରତିଶତ । ତେବେ ବସରେ ଠିଆ ହୋଇ ଯାତ୍ରା କରିବା ମନା । ରାଜ୍ୟର ମୋଟ ୧୬ ହଜାରୁ ଅଧିକ ବସ୍ ଗତ ୩ ମାସ ଧରି ଛିଡ଼ା ହୋଇଥିବା ବେଳେ ଏବେ ସେଗୁଡ଼ିକ ଗଡ଼ିବା ପୂର୍ବରୁ ମରାମତି ଖୋଜୁଛି । କଟକ ଓ ଭୁବନେଶ୍ୱରରୁ ମୋଟ ବସ୍‌ର ୬୦ ପ୍ରତିଶତ ଥିବା ବେଳେ ଏହାର ମରାମତି ପାଇଁ ଗ୍ୟାରେଜ୍ ଗୁଡିକରେ ମେକାନିକ୍‌ଙ୍କ ଅଭାବ ଦେଖାଯାଇଛି । କଟକ ମଙ୍ଗୁଳି ଛକରୁ ଭୁବନେଶ୍ୱରର ପାତ୍ରପଡ଼ା ମଧ୍ୟରେ ୩୭୦ରୁ ଅଧିକ ଛୋଟ-ବଡ଼ ଗ୍ୟାରେଜ୍ ରହିଛି । ମାତ୍ର କରୋନା ପାଇଁ ଏଠାରେ କାମ କରୁଥିବା ମେକାନିକ୍ ଓ ଶ୍ରମିକମାନେ ▶▶ପୃଷ୍ଠା ୭

# କୃଷକ ଆନ୍ଦୋଳନ : ୨୨ ତାରିଖରୁ ସଂସଦ ଭବନ ଆଗରେ କୃଷକଙ୍କ 'କିଷାନ ପଞ୍ଚାୟତ'




ନୂଆଦିଲ୍ଲୀ,୧୯/୦୭: କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ କୃଷି ଆଇନକୁ ବିରୋଧ କରି ଦେଶରେ ଚାଲିଥିବା ଆନ୍ଦୋଳନ ଏବେ ନୂଆ ରୂପ ନେବାକୁ ଯାଉଛି । ସଂସଦରେ ମୌସୁମୀ ଅଧିବେଶନ ଚାଲିଥିବା ବେଳେ କୃଷକ ମାନେ ୨୨ ତାରିଖରୁ ସଂସଦ ଭବନ ଆଗରେ 'କିଷାନ ପଞ୍ଚାୟତ' କରିବେ ବୋଲି ଜଣାପଡିଛି । ଏନେଇ ଭାରତୀୟ କିଷାନ ମୋର୍ଚ୍ଚା ସ୍ପଷ୍ଟ କରିଛି କି ସଂସଦ ଭବନ ଘେରାଓ କରିବାରେ ତାଙ୍କର କିଛି ଉଦ୍ଦେଶ୍ୟ ନାହିଁ । ସେମାନେ ସଂସଦ ଭବନ ନିକଟ ଜନ୍ତରମନ୍ତର ଠାରେ କିଷାନ ପଞ୍ଚାୟତ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜିତ କରିବେ । ଭାରତୀୟ କୃଷକ ସଂଘର ଗଣମାଧମ ପ୍ରଭାରୀ ଧର୍ମେନ୍ଦ୍ର ମଲ୍ଲିକ କହିଛନ୍ତି କି ଜୁଲାଇ ୨୨ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା କିଷାନ ପଞ୍ଚାୟତକୁ ଯାଉଥିବା ସଂଗଠନ ଗୁଡିକର ଏକ ରୋଷ୍ଟର ଲିଭର ପ୍ରସ୍ତୁତ କରାଯାଇଛି । ଏହି କିଷାନ ମହାପଞ୍ଚାୟତରେ ସାମିଲ ହେବାକୁ ସାରା ଦେଶର ୨୦୦ ଟି କୃଷକ ସଂଗଠନ ମାନଙ୍କୁ ଚିହ୍ନଟ କରାଯାଇଛି । ପ୍ରତିଦିନ ପ୍ରତିଟି ସଂଗଠନର ୫ ଜଣ ଲେଖାଏଁ କୃଷକ କିଷାନ ▶▶ପୃଷ୍ଠା ୭

# ପଞ୍ଜାବ ରାଜନୀତି : କ୍ୟାପଟେନଙ୍କୁ ଭେଟିବାକୁ ସିସବା ଫାର୍ମ ହାଉସରେ ପହଂଚିଲେ ସିଦ୍ଧୁ



ପଞ୍ଜାବ,୧୯/୦୭ (ନି.ପ୍ର): ପଞ୍ଜାବ କଂଗ୍ରେସର ନୂଆ ଅଧକ୍ଷ ଭାବେ ନିଯୁକ୍ତ ହୋଇଥିବା ନବଜୋତସିଂ ସିଦ୍ଧୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ଭେଟିବାକୁ ତାଙ୍କ ସିସବା ସ୍ଥିତ ତାଙ୍କ ଫାର୍ମ ହାଉସରେ ପହଂଚିଛନ୍ତି । ସିଦ୍ଧୁଙ୍କ ସହ ଅନେକ ମନ୍ତ୍ରୀ ଓ ବିଧାୟକ ପହଂଚିଥିବା କୁହାଯାଇଛି । କୁହାଯାଇଛି କି ସିଦ୍ଧୁ ଓ କ୍ୟାପଟେନଙ୍କ ମଧରେ ଥିବା ମନୋମାଳିନ୍ୟ ତୁଟାଇବାକୁ ସିଦ୍ଧୁ କ୍ୟାପଟେନଙ୍କୁ ଭେଟ କରିବାକୁ ପହଂଚିଛନ୍ତି । ହେଲେ ସର୍ବ ସାଧାରଣରେ ସିଦ୍ଧୁ କ୍ଷମା ମାଗନ୍ତୁ ବୋଲି କ୍ୟାପଟେନ୍ ଦାବି କରିଥିବା ବେଳେ, ସିଦ୍ଧୁ କ୍ୟାପଟେନଙ୍କୁ ମନାଇବାରେ ସଫଳ ହେବେ କି ? ଗୋଟିଏ ପଟେ କଂଗ୍ରେସ ହାଇକମାଣ୍ଡ ଯେଭଳି ଭାବେ କ୍ୟାପଟେନଙ୍କୁ ଅଣଦେଖା କରି ସିଦ୍ଧୁଙ୍କୁ ରାଜ୍ୟ କଂଗ୍ରେସର ଅଧକ୍ଷ ଭାବେ ନିଯୁକ୍ତ କଲେ ସେ ନେଇ କ୍ୟାପଟେନ ସନ୍ତୋଷ୍ଟ ନଥିବା ଭଳି ମନେ ହେଉଛି । ଅନ୍ୟପଟେ କେବଳ ▶▶ପୃଷ୍ଠା ୭

# ୨୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୯/୦୭ (ନି.ପ୍ର): ଆସନ୍ତା ୨୩ ତାରିଖ ସୁଦ୍ଧା ଉତରପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ଉତର ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର କନ୍ଧମାଳ, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିସହିତ ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୧୬୪୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୬୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୫୯୭୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୩୦୪୧୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୦୩୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୬୪୮ ଜଣଙ୍କ ମଧ୍ୟରୁ ୯୫୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ▶▶ପୃଷ୍ଠା ୭

# ପଞ୍ଜାବ ପରେ ରାଜସ୍ଥାନରେ ବଦଳିବେ କି ରାଜ୍ୟ କଂଗ୍ରେସର ଅଧକ୍ଷ



ନୂଆଦିଲ୍ଲୀ,୧୯/୦୭: ପଞ୍ଜାବ କଂଗ୍ରେସର ଅଧକ୍ଷ ଭାବେ ନବଜୋତସିଂ ସିଦ୍ଧୁଙ୍କୁ ଦଳ ଚୟନ କରିବା ପରେ ଏବେ ରାଜସ୍ଥାନରେ ବଦଳି ପାରନ୍ତି କଂଗ୍ରେସ ଅଧକ୍ଷ । ରାଜସ୍ଥାନ କଂଗ୍ରେସ ପ୍ରଭାରୀ ଅଜୟ ମାକେନଙ୍କ ଏକ ରି ଟ୍ୱିଟ୍ ପରେ ଚର୍ଚ୍ଚା ଜୋର ଧରିଛି । କଂଗ୍ରେସ ଭିତରେ ଚର୍ଚ୍ଚା ଚାଲିଛି କି କଂଗ୍ରେସ ହାଇକମାଣ୍ଡ ବା ଗାନ୍ଧୀ ପରିବାର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଆଶୋକ ଗେହଲଟଙ୍କ ଉପରେ ସନ୍ତୋଷ୍ଟ ନାହାନ୍ତି । ଅଜୟ ମାକେନ ଏକ ଟ୍ୱିଟ୍ ଉପରେ ରି ଟ୍ୱିଟ୍ କରି ଲେଖିଥଲେ କି ରାଜସ୍ଥାନରେ କୌଣସି ବି କଂଗ୍ରେସ ନେତା ନିଜ ଦମରେ ଜିତି ନାହାନ୍ତି । ତାଙ୍କର ଏଭଳି ଟ୍ୱିଟ୍ ପରେ ସସ୍ପେନ୍ସ ବଢ଼ିଛି । କହିରଖୁ କି ୧୦ ଦିନ ପୂର୍ବରୁ ଅଜୟ ମାକେନ ଜୟପୁର ଆସିଥିଲେ । ସେ କହିଥିଲେ କି ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀମଣ୍ଡଳ ବିସ୍ତାର ଓ ଦଳର କିଛି ପଦ ପଦବୀର ନବିକରଣ କରିବାକୁ ସେ ଆସିଛନ୍ତି । ହେଲେ ମୁଖ୍ୟମନ୍ତ୍ରୀ ଆଶୋକ ଗେହଲଟଙ୍କ ସହ ବୈଠକ ପରେ ବି କିଛି ▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ମରାମତି ହେଉନଥିବା ଅଭିଯୋଗ

ନୂଆପଡା,୧୯/୭ (ନି.ପ୍ର): ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଠାରୁ ସିଙ୍ଗବାହାଲି ଭାୟା ଡୁଙ୍ଗୁରିପାଲି ପର୍ଯ୍ୟନ୍ତ ୨୦୧୯ରେ ନିର୍ମିତ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମରାମତି ଅଭାବରୁ ମରଣଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଛନ୍ତି । ମୋଟ ୪.୪ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୩ କିଲୋମିଟର ୯୩୧ ମିଟର ପିଚୁ କରାଯାଇଛି । ଏଥିପାଇଁ ଅଟକଳ ମୂଲ୍ୟ ୧ କୋଟି ୬ ଲକ୍ଷ ୫୦ ହଜାର ଟଙ୍କା ଅଟକଳ ଥିବା ବେଳେ ରକ୍ଷଣା ବେକ୍ଷଣ ପାଇଁ ୧୩ ଲକ୍ଷ ୮୯ ହଜାର ଟଙ୍କା ରହିଅଛି । ଆସନ୍ତା ୨୦୨୩ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ସମୟ ଅବଧି ରହିଅଛି । ଲାଠୋରର ଠିକାଦାର ଅର୍ଜୁନ ଅଗ୍ରୱାଲ ଏହି ରାସ୍ତା ନିର୍ମାଣ କରିଥିବା ବେଳେ ଆଉ ମରାମତି କରୁନାହାନ୍ତି । ରାସ୍ତା ସାରା ଖାଲଖମା ହୋଇଯାଇଥିବା ବେଳେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି । ଏହି ରାସ୍ତାଟି ତୁକଲା ସହ ବଲାଙ୍ଗିର ଜିଲାର ବଙ୍ଗୋମୁଣ୍ଡା, କଂଟାବାଞ୍ଜି ଆଦିକୁ ଯୋଡାଯାଇଥିବା ସତ୍ୱେ ପ୍ରଶାସନ ଦୃଷ୍ଟି ଦେଉନଥିବା ପରିତାପର ବିଷୟ ବୋଲି ଲୋକେ ମତବ୍ୟକ୍ତ କରିଛନ୍ତି । ଏନେଇ ବିଭାଗୀୟ ଏସଡିଓ ତ୍ରିଭୁବନ କହଁରଙ୍କୁ ପଚାରିବାରୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିଲେ । ଯଦି ଶିଘ୍ର ସେ ମରାମତି କାର୍ଯ୍ୟ ଆରମ୍ଭ ନ କରନ୍ତି ରକ୍ଷାଣା ବେକ୍ଷଣ ଅର୍ଥ ବ୍ୟାଜପ୍ତି କରାଯାଇ ଅନ୍ୟ ଠିକାଦାରଙ୍କ ଜରିଆରେ କରାଯିବ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତ୍ୱରିତ ମରାମତି ନକଲେ ଓ କୌଣସି ଦୁର୍ଘଟଣା ଘଟି ଜନଜୀବନ ହାନି ହେଲେ ବିଭାଗୀୟ କର୍ମକର୍ତା ଦାୟୀ ରହିବେ ଓ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ପୂର୍ବତନ ଖଡିଆଳ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ଦାସ ଚେତାବନୀ ଦେଇଛନ୍ତି ।

## ଜିଲ୍ଲା ଉଦ୍ୟାନ କୃଷି ବିଭାଗର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୯/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସହକାରୀ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ କନ୍ଦ ଜେନାଙ୍କ ଉପସ୍ଥିତିରେ ଚଳିତ ବର୍ଷ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ସହିତ ମିଶନ ଶକ୍ତି ମାଧମରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନେ ଜିଲ୍ଲାରେ ୪୦-୫୦ ନର୍ସରୀ କରି ବିଭିନ୍ନ ପ୍ରକାର ଚାରା ଉତ୍ପାଦନ କରି ଏହାକୁ ବିକ୍ରି କରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଆଲୋଚନା କରା ଯାଇଥିଲା । ଚାରା ଉତ୍ପାଦନ ଏବଂ ନର୍ସରୀ ପ୍ରସ୍ତୁତ କରିବା ପାଇଁ ଉଦ୍ୟାନ ବିଭାଗ ମହିଳା ମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ମିଶନଶକ୍ତି ମାଧମରେ ସହଯୋଗ କରିବେ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି । ଆମ୍ବ, କାଜୁ, ଲେମ୍ବୁ, ପିଜୁଳି ଚାଷର ଉନ୍ନତି ପାଇଁ ଗୁରୁତ୍ୱ ଦେବା ସହ ନରେଗା ମାଧମରେ ବିଭିନ୍ନ କାମ ହାତକୁ ନେଇ କାର୍ଯ୍ୟ ଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ଏହି ବୈଠକରେ ଆଲୋଚନା କରା ଯାଇଥିଲା ।

# କୃଷି ବିଭାଗ ସ୍ୱତନ୍ତ୍ର ସଚିବଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ: ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

କେନ୍ଦୁଝର,୧୯/୭ (ନି.ପ୍ର): କୃଷି ଓ କୃଷକଙ୍କ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ତଥା ନୋଡାଲ ଅଧିକାରୀ ମନ୍ମଥ କୁମାର ପାଣି ୩ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ମୃର୍ତିକା ସଂରକ୍ଷଣ ବିଭାଗର ସମସ୍ତ କ୍ଷେତ୍ର ପ୍ରଦର୍ଶନ ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡିକର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀ ସହିତ ବୈଠକରେ ସମୀକ୍ଷା କରିଛନ୍ତି । ସ୍ୱତନ୍ତ୍ର ସଚିବ ମନ୍ମଥ ପାଣି ୧୫ ତାରିଖ ଦିନ ଘଟଗାଁ ବ୍ଲକର ପିପିଳିଆ ଗ୍ରାମରେ ଚାଷୀ ଋଷିବର ମହାପାତ୍ର ଓ ସୁରେନ୍ଦ୍ର ମହାପାତ୍ରଙ୍କ ଜମିରେ କୃଷି ବିଭାଗର ରାଜ୍ୟ ଯୋଜନା ତରଫରୁ ଦିଆଯାଇଥିବା ଧାଡିରୁଆ ଚାଷ କ୍ଷେତ୍ର ବୁଲି ଦେଖିଥିଲେ । ଏହାପରେ ଢେଙ୍କିକୋଟ ଲ୍ୟାମ୍ପସ କୁ ଯାଇ ସାର ଓ ବିହନ ବିକ୍ରୟ କେନ୍ଦ୍ର ବୁଲି ଦେଖିଥିଲେ । ମୃର୍ତିକା ସଂରକ୍ଷଣ ବିଭାଗର ଖଟଂଘର ଠାରେ କଲମୀ କାଜୁ ଚାଷ ବୁଲି ଦେଖିଥିଲେ । ଉଦ୍ୟାନ ବିଭାଗର ଘଟଗାଁ ବ୍ଲକର ମୁକ୍ତାପୁରର ରାମଚନ୍ଦ୍ରପୁର ଗ୍ରାମରେ ହୋଇଥିବା ଆମ୍ବ ଚାଷ ବୁଲି ଦେଖିବା ସହିତ ଉପସ୍ଥିତ ଚାଷୀମାନଙ୍କ ସହିତ ମତ ବିନିମୟ କରିଥିଲେ । ଏହାପରେ ପାଟଣା ବ୍ଲକକୁ ଯାଇ କୃଷି ଓ ବୈଷୟିକ ପରାମର୍ଶ କେନ୍ଦ୍ରରେ ୩ ଟି ବିଭାଗର ସମନ୍ୱୟ ବୈଠକ କରିଥିଲେ । ସେଠାରେ ବୃକ୍ଷରୋପଣ କରିବା ପରେ ଆଗ୍ରୋ ଇଣ୍ଡଷ୍ଟ୍ରିଜ ଡିଲର ପଏଂଟ ଭେରିଫିକେସନ କରିଥିଲେ । ପରେ କେନ୍ଦେଇପଶି ଠାରେ ଉଦ୍ୟାନକୃଷି ବିଭାଗର ଛତୁ ଚାଷ ଦେଖିଥିଲେ । ପାଟଣା ବ୍ଲକର ଡେଣୁଆ ଗ୍ରାମରେ କଲମୀ କାଜୁ ଚାଷ ବୁଲି ବୁଲି ଦେଖିବା ସହ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନଙ୍କ ସହ ଆଲୋଚନା କରିଥିଲେ । ସେହି ଗ୍ରାମର ଜଣେ ହିତାଧିକାରୀ ଭଜମୋହନ ମୁଣ୍ଡା ଜଳ ବିଭାଜିକା ମିଶନ ଅନୁଦାନରେ କରିଥିବା ଫାର୍ମ ପଣ୍ଡ ବୁଲି ଦେଖିଥିଲେ । ଫାର୍ମ ପଣ୍ଡ ରୁ ପାଣି ନେଇ ଭେଣ୍ଡି, ବାଇଗଣ, ବିଲାତି, ଝୁଡଙ୍ଗ ଆଦି ଚାଷ କରିବା ସହ ସେ ସବୁକୁ ବିକ୍ରୀ କରି ବେଶ ଲାଭବାନ ହୋଇଛନ୍ତି । ଏଥିସହ ସହ ପୋଖରୀ ହୁଡାରେ ଅମୃତଭଣ୍ଡା, କଦଳୀ, ସଜନା ଗଛ ଲଗାଇଛନ୍ତି ଏବଂ ପୋଖରୀରେ ମାଛ ଚାଷ କରିଛନ୍ତି । ୧୬ ତାରିଖ ଦିନ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ର ରଥକୁ ଉଦ୍‌ଘାଟନ କରିଥିଲେ ଏବଂ କୃଷି ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହାପରେ ଝୁମ୍ପୁରା ବ୍ଲକରେ ବୋରୱେଲ ପଏଂଟରେ ହୋଇଥିବା କଲରା ଚାଷ ବୁଲି ଦେଖିଥିଲେ । ଯୋଡାରେ କୃଷି ପରାମର୍ଶ କେନ୍ଦ୍ରରେ ଚାଷୀ ମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ । ୧୭ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁକାନ୍ତ କୁମାର ସାହୁଙ୍କ ସହିତ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଆଲୋଚନା କରି ଚାଷୀଙ୍କ ପାଖରେ ବୈଜ୍ଞାନିକ ପଦ୍ଧତି କିପରି ପହଁଚି ପାରିବ ଏବଂ ସେମାନଙ୍କର ଆୟ ଦ୍ୱିଗୁଣିତ ହେବ ସେ ନେଇ ଆଲୋଚନା କରିଥିଲେ । କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ସମୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଅରୁଣ କୁମାର ଦାସ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଜୟନ୍ତ କୁମାର ନାୟକ, ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ, ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ଆତ୍ମା ହେମନ୍ତ କୁମାର ସାମଲ, କୃଷି ଅଧିକାରୀ ସତ୍ୟବ୍ରତ ଦାସ, ପାଟଣା ବ୍ଲକର ସହକାରୀ ମୃର୍ତିକା ସଂରକ୍ଷଣ ଅଧିକାରୀ ଅଶେଷ କୁମାର ଦାସଙ୍କ ସହ ୩ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ ।

## କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୧୯/୭ (ନି.ପ୍ର): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଯାଜପୁର ଜିଲା ରସୁଲପୁର ବ୍ଲକରେ ଏ ଗ୍ରେଡ୍ ହାସଲ କରିଥିବା ତିନି ସଫଳ ଛାତ୍ରଛାତ୍ରୀଙ୍କୁ ଓପନ ସେଂଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ୩୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରସୁଲପୁର ବ୍ଲକ ସାମନ୍ତରାପୁର ପଂଚାୟତସ୍ଥ ମା' ଖଗେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ କରୋନା ମହାମାରୀ ଯୋଗୁଁ ଶ୍ରେଣୀଗୃହରେ ପାଠପଢ଼ା ବନ୍ଦ ରହିଥିବା ବେଳ ସାମନ୍ତରାପୁର ଓ ଅତଲାପୁର ଅଂଚଳର ୩୩ ଜଣ ମ୍ୟାଟ୍ରିକ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଏକ କୋଚିଂ ସେଂଟର ଖୋଲି ମାଗଣାରେ ଶିକ୍ଷାଦାନ କରାଯାଉଥିଲା । ଏହି କୋଚିଂ ସେଂଟରରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ସଫଳତା ହାସଲ କରିବା ସହ ପୂଜା ସାହୁ ୫୧୪,ସ୍ନେହା ସାହୁ ୪୯୮,ସୁଶ୍ରୀ ସଂଗୀତା ସାହୁ ୪୯୭ ମାର୍କ ରଖି ଏ-୨ଗ୍ରେଡରେ ଉତିର୍ଣ୍ଣ ହୋଇଥିବା ବେଳେ ୧୨ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଲେଁଖା ଗଛ ଲଗାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ୍ ମନୋଜ କୁମାର ସାହୁ, କିଶୋର ରଣା, ନାରାୟଣ ସାହୁ, ସତ୍ୟଦର୍ଶୀ ସାହୁ , କିରଣ ମହାରଣା, କାଜଲ ସାହୁ ଓ ସୌଦାମିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରବୀଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କରୋନା କାଳରେ ମନରେ ଦୃଢତା ଆଣୁଛି ସାଇକୋ ସୋସିଓ କାର୍ଯ୍ୟକ୍ରମ

କନ୍ଧମାଳ,୧୯/୭ (ନି.ପ୍ର): ସମଗ୍ର ବିଶ୍ୱ କରୋନାର ପୀଡାରେ ଜର୍ଜରିତ ହୋଇଥିବା ବେଳେ ମନୁଷ୍ୟର ମନରେ ସାହାସ ବାନ୍ଧିବା ପାଇଁ ବିଭିନ୍ନ ସଚେତନତା ଓ ସୋସିଆଲ ମିଡିଆର ସହଯୋଗ ନେଉଛନ୍ତି ଏବଂ ପାଠପଢାରେ ଶିଶୁମାନଙ୍କର ମନୋବଳ ଦୃଢ କରିବାରେ ବିଭିନ୍ନ ସାଇକୋ ସୋସିଓ କାର୍ଯ୍ୟକ୍ରମର ଆଜି ଆବଶ୍ୟକତା ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, କୋଲକତାର 'କ୍ରାଏ' ଅନୁଷ୍ଠାନ ସହାୟତାରେ ଶିଶୁ ମାନଙ୍କର ଶରୀର ଓ ମନକୁ ପୁଣିଥରେ ଚଳଚଂଚଳ କରିବା ପାଇଁ ପ୍ରୟାସ ଆରମ୍ଭ କରି ଦେଇଛନ୍ତି । ପ୍ରଥମେ ଅନ୍‌ଲାଇନ୍ ମାଧମରେ 'କ୍ରାଏ' କୋଲକାତାଙ୍କ ତରଫରୁ ଗ୍ରାମାଂଚଳରେ କାର୍ଯ୍ୟରତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ପାଇଁ ସାଇକୋ ସୋସିଓ ୱେଲ୍‌ବିଙ୍ଗ ଶୀର୍ଷକ ଏକ ତାଲିମ ଆୟୋଜନ କରି ଅନୁଷ୍ଠାନର କର୍ମୀମାନେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଂଚଳରେ ଯଥା- ପାହିରାଜୁ, ଲୁଇସିଂ, ବାଲନ୍ଦାପଡା ଓ କୁଏରମାଣ୍ଡୁର କିଶୋରୀ ଓ କିଶୋରମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ କରୋନା ସମୟର ବିଭିନ୍ନ କାରଣରୁ ଯଥା- ଲକ୍‌ଡାଉନ, ସଟ୍‌ଡାଉନ୍, ସ୍କୁଲ ବନ୍ଦ ଇତ୍ୟାଦିର ସମ୍ମୁଖିନ ହୋଇ ପିଡୀତ ଛାତ୍ରଛାତ୍ରୀ ମାନଙ୍କର ମନ ମଧରେ ଥିବା ଭୟ, ଏକା ହୋଇଯାଉଥିବାର ଭାବନା, ଏକ ପ୍ରକାର ବନ୍ଦୀ ଜୀବନ ବିତାଇବାର ମ୍ରିୟମାଣ ଓ ଘରୋଇ ହିଂସା ରୋକିବାକୁ ବିଭିନ୍ନ ଖେଳ ଯଥା- ସାଧାରଣ ପଥରରେ ଚିତ୍ର ଅଙ୍କନ କରିବା, କାଗଜରେ ପିରାମିଡ ତିଆରି କରିବା, ନିଜର ନାମ ଓ ଭାବନାକୁ ଗୀତ ମାଧମରେ ପରିପ୍ରକାଶ କରିବା ଭଳି ମନସ୍ତାତ୍ୱିକ ଖେଳ ଜରିଆରେ ଆଗକୁ ବଢିବାର ଲକ୍ଷ୍ୟ ରଖାଯାଇଛି । ଏଭଳି କାର୍ଯ୍ୟକ୍ରମକୁ ଅଂଚଳବାସୀଙ୍କ ତରଫରୁ ପ୍ରଶଂସା କରାଯାଇଥିବା ବେଳେ ଏହା ଏକ ଅଭିନବ ଚେଷ୍ଟା ବୋଲି ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମ ଗୁଡିକୁ ଆଲୋକ ସାମନ୍ତରାୟ, ଅମ୍ବିକା ପ୍ରଧାନ, ଅନନ୍ତ ଚରଣ ମଲ୍ଲିକ ଓ ମୁକ୍ତା ନାୟକ ପରିଚାଳନା କରିଥିବା ବେଳେ 'ସ୍ୱାତୀ'ର ସଂପାଦକ ହରିଶଙ୍କର ରାଉତ ଓ ସଂଯୋଜକ ବିଶ୍ୱରଞ୍ଜନ କର ପ୍ରେରଣା ଯୋଗାଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପର ଯୋଜନାରେ ମହିଳାଙ୍କ ଭାଗିଦାରୀକୁ ନେଇ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୯/୭ (ନି.ପ୍ର): ସହରାଂଚଳ ବିକାଶ ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିୟୋଜିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ସହରାଂଚଳର ବିକାଶ ପାଇଁ କାର୍ଯ୍ୟ କରୁଥିବା ଠିକାଦାରୀ ବ୍ୟବସ୍ଥା ବଦଳରେ ମିଶନଶକ୍ତି ମାଧମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିୟୋଜିତ କରି ରାଜ୍ୟରେ ମହିଳା ଓ ସମ୍ବେଦନଶୀଳ ବ୍ୟକ୍ତିଙ୍କୁ କାମ ମିଳିବା ସହ ସେମାନଙ୍କର ରୋଜଗାରା ବୃଦ୍ଧି ପାଇବ ବୋଲି ଜଣାପଡିଛି । ଆବାସୀ ସମ୍ମିଳନୀ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଅଧକ୍ଷତା କରିଥିଲେ । ସହରାଂଚଳରେ କରାଯାଉଥିବା ବିକାଶ କାର୍ଯ୍ୟ ୧୦ ଲକ୍ଷ ଟଙ୍କା ଭିତରେ ଥିଲେ ସେଗୁଡିକୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ କରାଯିବ । ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ବରାଦର କାର୍ଯ୍ୟକୁ ପୌରସଂସ୍ଥା ନିଜେ କରାଇବ ଓ ମୀଶନଶକ୍ତି ମାଧମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଶ୍ରମିକ ଯୋଗାଇବ ବୋଲି ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟ କରିବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ଏହି ବୈଠକରେ ଅନ୍ୟ ମାନଙ୍କ ମଧରେ ପିଡି ଡିଆରଡିଏ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଡିପିସି ମିଶନଶକ୍ତି କୈଳାସ ଚନ୍ଦ୍ର ସେନାପତି, ଡିଏସଡବ୍ଲୁଓ ଚିନ୍ମୟୀ ରଥ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ପଟ୍ଟାମୁଣ୍ଡାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ଉପସ୍ଥିତ ଥିଲେ ।

## ଫୁଲବାଣୀରେ ସମ୍ବାଦ ସାହିତ୍ୟ ଘରର ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କନ୍ଧମାଳ,୧୯/୭ (ନି.ପ୍ର): ଫୁଲବାଣୀ ସମ୍ବାଦ ସାହିତ୍ୟ ଘର ତରଫରୁ ବିଭିନ୍ନ ଅନୁଷ୍ଠାନରେ ବୃକ୍ଷ ରୋପଣ କରାଯାଇଛି । ସମ୍ବାଦ ସାହିତ୍ୟ ଘରର ସଂଯୋଜକ ତଥା ସମ୍ବାଦ ଜିଲ୍ଲା ପ୍ରତିନିଧି ଡଃ ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଏବଂ ସମ୍ବାଦ ସାହିତ୍ୟ ଘରର ସଭାପତି ରବିନ୍ଦ୍ର ନାଥ ମିଶ୍ର ସମ୍ପାଦକ କୈଳାସ ଚନ୍ଦ୍ର ଧଳ,କୋଷାଧକ୍ଷ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ୱାବଧାନରେ ସ୍ୱାମୀ ନିରଞ୍ଜନ ବେଦାନ୍ତ ସେବା ସମିତି, ଏସଏସ ନର୍ଶରୀ ବିଦ୍ୟାଳୟ,ଶ୍ରୀ ସତ୍ୟସାଇ ବିଦ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଅନ୍ୟୁନ୍ୟ ୨୦୦ଟି ଚାରା ଗଛ ରୋପଣ କରାଯାଇଥିଲା । ବୃକ୍ଷହିଁ ଜୀବନ ବୃକ୍ଷ ଆମ ପରିବେଷକୁ ସଫା ରଖିଥାଏ । ଆଜିର ଏହି ଘଡି ସନ୍ଧି ମୁହୁର୍ତରେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ଏବଂ ବୃକ୍ଷର ଯତ୍ନ ନେବା ଆବଶ୍ୟକ ବୋଲି ଉପସ୍ଥିତ ବ୍ୟକ୍ତିମାନେ ଅଲୋଚନା କରିଥିଲେ । ଏହି କାର୍ଯ୍ୟ କ୍ରମରେ ସମ୍ବାଦ ସାହିତ୍ୟ ଘରର ସଦସ୍ୟ ଅଶୋକ ମିଶ୍ର,ବିକେ କମାଲ,ଜିଲ୍ଲା ଲେଖକ ସାମୁଖ୍ୟର ସମ୍ପାଦକ ବନ ବିହାରୀ ନନ୍ଦ,ନିରଞ୍ଜନ ବେଦାନ୍ତ ସମିତିର ଉପ ସଭାପତି ତଥା ଜିଲ୍ଲା ଶିଶୁ ସୁରକ୍ଷା କମିଶନ ଅଧକ୍ଷ ଅଶୋକ କମାର ବେହେରା, ସଦସ୍ୟ ଶାମ ସୁନ୍ଦର ପଣ୍ଡା, କୋଷାଧକ୍ଷ ନୃସିଂହାନନ୍ଦ ମହାପାତ୍ର, କୁନ୍ଦନ ସିଂ,ସତ୍ୟସାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନୁସୟା ଆଚାର୍ଯ୍ୟ, ଶିକ୍ଷକ ସଞ୍ଜିବ ନାୟକ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ଜାନକୀ ବଲ୍ଲଭ ବିଷୋୟୀ,ଗିରିଶ ବେହେରା, ପିତାମ୍ବର ଦିଗାଲ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ସହଯୋଗ କରିଥିବାରୁ ସମ୍ବାଦ ସାହିତ୍ୟ ଘରର ସମ୍ପାଦକ କୈଳାଶ ଚନ୍ଦ୍ର ଧଳ ସମସ୍ତଙ୍କୁସାଧୁବାଦ ଜଣାଇବା ସହ ଲଗାଯାଇଥିବା ବୃକ୍ଷର ରକ୍ଷଣା ବେକ୍ଷଣା କରିବା ପାଇଁ ନିବେଦନ କରିଥିଲେ ।

## କନ୍ଧମାଳ ମିଡିଆ ଫୋରମର ପ୍ରଥମ ବୈଠକ ଓ ଉପଦେଷ୍ଟା, କାର୍ଯ୍ୟକାରୀ ସଦସ୍ୟ ଚୟନ

କନ୍ଧମାଳ,୧୯/୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ସରକାରୀ ପଞ୍ଜିକୃତ କନ୍ଧମାଳ ମିଡିଆ ଫୋରମ ଅନୁଷ୍ଠାର ପ୍ରଥମ ବୈଠକ ସଭାପତି ସୁନୀଲ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍ଥାନୀୟ ପ୍ରେସ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଫୋରମର ସମ୍ପାଦକ ସୁର୍ଯ୍ୟ ନାରାୟଣ ବେହେରା ସମସ୍ତ କର୍ମକର୍ତାଙ୍କୁ ସ୍ୱାଗତ କରିଥିଲେ । ଫୋରମର ସଭାପତି ସୁନୀଲ ବିଶ୍ୱାଳଙ୍କ ପରିଚାଳାନାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା, ସଦସ୍ୟ ଓ ସ୍କୁଟନି କମିଟି ଚୟନ କରାଯାଇଥିଲା । ମିଡିଆ ଫୋରମର କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶୋକ ପରିଡା,ପ୍ରଶାନ୍ତ କୁମାର ଜେନା, ବାଳ କୃଷ୍ଣ ଚର୍ଚ୍ଚି, ଶିବ ପ୍ରସାଦ ନାୟକ, ବ୍ରଜ ମୋହନ ନାୟକ ଓ ବୈଦ୍ୟ ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ସେହିପରି ଉପଦେଷ୍ଟା ଭାବେ ବରିଷ୍ଠ ସମ୍ବାଦିକ ସୁନୀଲ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ଦିଗାଲ, ତ୍ରିନାଥ ସାହୁ ,ଅଜିତ ମହାରଣା ଓ ଶିବାନନ୍ଦ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା । ସେହିପରି ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ବେହେରାଙ୍କୁ ଆଇନ ଉପଦେଷ୍ଟା ଏବଂ ସ୍କୁଟନିଂ କମିଟିର ମୁଖ୍ୟ ଭାବେ ମନୋନୀତ କରାଗଲା । ସଂଘର ଉପଦେଷ୍ଟା ସନ୍ତୋଷ କୁମାର ଦିଗାଲ ପୂର୍ବରୁ ବହିଷ୍କୃତ ରାଧାମୋହନ ମହାପାତ୍ରଙ୍କୁ ସଦସ୍ୟ ରୁପେ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଥିଲେ । ସମସ୍ତ ସଦସ୍ୟ ସମ୍ମତ ପ୍ରକାଶ କରିବାରୁ ପୁନଃ ସଦସ୍ୟ ରୁପେ ଗ୍ରହଣ କରାଗଲା । ପ୍ରତି ମାସରେ ନିୟମିତ ଭାବେ ଫୋରମର ବୈଠକ କରିବା ନିମନ୍ତେ ନିଷ୍ପତି ନିଆଯାଇଥିଲା । ଏଥି ସହିତ ଖୁବ ଶିଘ୍ର ଫୋରମର କାର୍ଯ୍ୟାଳୟ ନିଜସ୍ୱ ଜାଗାରେ କରାଯିବା ପାଇଁ ସଭାପତି ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଫୋରମର ଉପ ସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ,କୋଷାଧକ୍ଷ ଶିବ ବିଶ୍ୱାଳ,ସହ ସମ୍ପାଦକ ରମେଶ ପ୍ରଧାନଙ୍କ ସମେତ ନିମନ୍ତ୍ରିତ ଅତିଥି ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା,ଅଶୋକ ମହାନ୍ତି,ସୁଜିତ ବେହେରା,କ୍ଷୀରୋଦ ସାହାଣୀ,ହିମାଂଶୁ ଶେଖର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଧର୍ମଶାଳା ମିଡିଆ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା,୧୯/୭ (ନି.ପ୍ର): ମୁଦ୍ରିତ ଓ ବୈଦୁତିକ ଗଣମାଧମକୁ ନେଇ ଗଠିତ ହୋଇଥିବା ଧର୍ମଶାଳା ମିଡିଆ କ୍ଲବର ଆଜି ବାହୁଡା ନବମୀ ଅବସରରେ ବୃକ୍ଷରୋପଣ କରାଯାଇ ଶୁଭାରମ୍ଭ କରାଯାଇଛି । ଯାଜପୁର ଜିଲା ଗଡମଧୁପୁର ପଂଚାୟତ ଭୁବନପୁର ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା ସୁନାମୁହିଁ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କରୋନା କଟକଣା ଭିତରେ ଆୟାଜିତ ଏହି ନିରାଡମ୍ବର କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଆନନ୍ଦ ମହାରଣା ପ୍ରାରମ୍ଭିକ ସୂଚନା ପରେ କ୍ଲବର ସଭାପତି ବିମଳ ପତିଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ,୧୨ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ପ୍ରଣତି ଲେଙ୍କା, ପରିବେଶବିତ୍ ଶ୍ରୀନିବାସ ଜେନା, କବାଟବନ୍ଧ ଡାକ୍ତରଖାନାର ଡାକ୍ତର ନିହାର ରଂଜନ କର ଓ ଚଡେଇଧରା ଫରେଷ୍ଟର ମହମ୍ମଦ ଜାକିର ହୁସେନ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ବୃକ୍ଷରୋପଣର ଆବଶ୍ୟକତା ରହିଥିବା ବେଳେ କ୍ଲବର ଏପରି ନିଷ୍ପତିକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ କ୍ଲବ ସାଧାରଣ ଲୋକ ପାଖରେ ଠିଆ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ପରେ ତାରାରୋପଣ ହୋଇଥିବା ଚାରା ଗଛ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଫରେଷ୍ଟର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଦୀର୍ଘ ଆଠମାସ ହେବ ଏହି କ୍ଲବ ନିରନ୍ତରଭାବେ କାର୍ଯ୍ୟ କରୁଥିବା ବେଳେ ଆଜି ଏହା ଆନୁଷ୍ଠାନିକ ଭାବେ ଘୋଷିତ ହୋଇଥିବାରୁ କ୍ଲବର କାର୍ଯକାରୀ ସଭାପତି ସୁଧାକର ରାଉତ, ଉପ ସଭାପତି ବସନ୍ତ ନାୟକ, ସହ ସମ୍ପାଦକ ସେକ ଦିଲଦାର ଚାନ୍ଦ, କୋଷାଧ୍ୟକ୍ଷ ସେକ ଆଲ୍ଲାଦ୍ଦିନ ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ । ସାମାଜିକ ଗଣମାଧ୍ୟମ ସଂଯୋଜକ ସୁଶାନ୍ତ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଭ୍ୟ ଅଶୋକ ଦାସ,ସୁଶାନ୍ତ ନାୟକ,ସୁଶାନ୍ତ ଗୋଛାୟତ, ଅୟସକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଗାମୀ ଦିନରେ କ୍ଲବ ବହୁ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତ ନେବା ସହ ଲୋକମାନଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୋଣକୁ ଆଣିବାକୁ ସମସ୍ତ ସଭ୍ୟମାନେ ଶପଥ ନେଇଥିଲେ । ଶେଷରେ ଚିନ୍ମୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରି ମାମଲାର ଅଭିଯୁକ୍ତ କୋର୍ଟ ଚାଲାଣ

କୋରାଇ,୧୯/୭ (ନି.ପ୍ର): ଚୋରି ମାମଲାରେ ସମ୍ପୃକ୍ତ ଜଣେ ଯୁବକକୁ ପାଣିକୋଇଲି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ଜୁନ ୪ତାରିଖ ରୁଢିଆରେ ହୋଇଥିବା ବାଇକ ଓ ମୋବାଇଲ ଲୁଟ ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଛି । ପ୍ରକାଶ ଥାଉକି ଗତ ଜୁନ ୪ ତାରିଖ ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ରୁଢିଆ ବ୍ରିଜ ନିକଟରେ ଭଦ୍ରକ ଜିଲ୍ଲା ରାମକୃଷ୍ଣପୁର ଗ୍ରାମର ମଦନ ମୋହନ ଖିଲାରଙ୍କ ପୁଅ ଦୀପକ କୁମାରଙ୍କୁ ଅଟକାଇ ତାଙ୍କ ଠାରୁ ବାଇକ ଓ ମୋବାଇଲ ଲୁଟିବା ନେଇ ପାଣିଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ଏକ ମାମଲା ୧୭୩/୨୧ ରୁଜ୍ଜୁକରି ତଦନ୍ତ ଜାରି ରଖିଥିଲା । ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଯାଜପୁର ଥାନା ବୈଦରାଜପୁରର ଇନ୍ଦ୍ରମଣି ସାହୁଙ୍କ ପୁଅ ହୃଷିକେଶ ଓରଫ ରାହୁଲ(୨୬)କୁ ପୁଲିସ ଗିରଫ କରିବାକୁ ସକ୍ଷମ ହୋଇଥିଲା ।

# ପଡିଆ ସନ୍ତୋଷୀ ମା' ମନ୍ଦିର ପୂଜକଙ୍କୁ ବ୍ଲକ ବିଜେପି ପକ୍ଷରୁ ସହାୟତା ପ୍ରଦାନ

ମାଲକାନଗିରି,୧୯/୭ (ନି.ପ୍ର): ଗତ ୧୦ ତାରିଖ ରେ ପଡିଆ ଏମପିଭି ୬୬ ଗ୍ରାମ ରାସ୍ତା କଡରେ ଥିବା ସନ୍ତୋଷୀ ମାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ମନ୍ଦିର ପୁଜାରୀ ଙ୍କ ନଗଦ ଟଙ୍କା ଚୋରି ହେବା ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହାପରେ ସନ୍ତୋଷୀ ମାଙ୍କ ମନ୍ଦିର ପରିଚାଳନା ସହ ଏଠାରେ ପୂଜାରୀ ଭାବେ କାର୍ଯ୍ୟରତ ନନ୍ଦାରାମ ନୁପାଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି ।ଏହାକୁ ଦୃଷ୍ଟିରେ ରଖି ପଡିଆ ବ୍ଲକ ଅଧକ୍ଷ ଦେବା ମାଡକାମି, ବ୍ଲକ ବିଧାୟକ ପ୍ରତିନିଧି କୋଟାମ ବାଲାୟା ଓ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ସାହୁ ପ୍ରମୁଖ ସନ୍ତୋଷୀ ମାଙ୍କ ମନ୍ଦିରକୁ ଯାଇ ମନ୍ଦିର ପରିଚାଳନା ସହ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ମନ୍ଦିର ପରିସରରେ ପୂର୍ବରୁ ଅର୍ଦ୍ଧ ନିର୍ମିତ ବିଶ୍ରାମ ଗୃହ, ଦେବୀ ମାତାଙ୍କ ପୂଜା ଗୃହ, ପାନୀୟ ଜଳ ବ୍ୟବସ୍ଥା ସହ ପୂଜାରୀଙ୍କ ଅର୍ଦ୍ଧଭଗ୍ନ ଘରକୁ ଦେଖିଥିଲେ । ଏଥିପାଇଁ ମନ୍ଦିରକୁ ପୂର୍ବ ଭଳି ବ୍ୟବସ୍ଥିତ କରିବା ସହ ଅର୍ଦ୍ଧ ନିର୍ମିତ ବିଶ୍ରାମ ଗୃହକୁ ତୁରନ୍ତ ନିର୍ମାଣ ଦିଗରେ ପ୍ରଶାସନ ସହ ଆଲୋଚନା କରିବେ ବୋଲି ବ୍ଲକ୍ ଅଧକ୍ଷ ଦେବା ମାଡକାମି କହିଛନ୍ତି । ଏଥିସହ ମନ୍ଦିରର ପରିଚାଳନା ପାଇଁ ବ୍ଲକ ବିଜେପି ଏହି ତିନିଜଣ ୫ ହଜାର ଟଙ୍କା ପୂଜାରୀ ନନ୍ଦା ନୁପାଙ୍କୁ ପ୍ରଦାନ କରିଥିଲେ ଓ ଆଗାମୀ ଦିନରେ ମନ୍ଦିର ପୂର୍ବ ସ୍ଥିତି ଫେରାଇବା ପାଇଁ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ସେମାନଙ୍କ ସହଯୋଗ କାମନା କରିବେ ବୋଲି କହିଛନ୍ତି । ଏକଦା ଓଡିଶା, ପଡୋଶୀ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ର ଶହ ଶହ ମାତାଙ୍କ ଭକ୍ତ ଶାବେରୀ କୂଳରେ ଥିବା ଏହି ମାତାଙ୍କ ମନ୍ଦିରକୁ ଆସୁଥିବା ବେଳେ କରୋନା କଟକଣା ଯୋଗୁଁ ମନ୍ଦିରକୁ ପଡୋଶୀ ରାଜ୍ୟର ଭକ୍ତ ଆସିପାରୁ ନାହାନ୍ତି । ସନ୍ତୋଷୀ ମାତା ଙ୍କ ଏହି ମନ୍ଦିର ରୁ ଗତ ଦିନରେ ସୁନା ଚେନ, ଛତା, ମୁଦି, ନେତ୍ର ସମେତ ବିଭିନ୍ନ ରୂପା ଗହଣା ଓ ନଗଦ ଏକ ଲକ୍ଷ ପଚାଶ ହଜାର ଟଙ୍କା ଚୋରୀ ହୋଇଥିବା ନେଇ ପଡିଆ ଥାନାରେ ଏକ ଚୋରୀ ମାମଲା ରୁଜୁ ହୋଇଥିଲା । ପରେ ପୋଲିସ ଚୋରକୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ !

# ଧର୍ମଶାଳା ଯୁବ ବିଜେଡିର ସାଙ୍ଗଠନିକ ବୈଠକ

ଧର୍ମଶାଳା,୧୯/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକଙ୍କ ନେତୃତ୍ୱରେ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଧର୍ମଶାଳାର ୬ଟି ଜୋନର ସଭାପତି ଓ ପ୍ରମୁଖ କର୍ମକର୍ତାମାନଙ୍କୁ ନେଇ ଆଗାମୀ ଦିନରେ କୋଭିଡ ନିୟମକୁ ମାନି ଜନହିତ କାର୍ଯ୍ୟକ୍ରମ ସହିତ ସାଙ୍ଗଠନିକ କାର୍ଯ୍ୟକ୍ରମକୁ କିଭଳି ଆଗକୁ ନିଆ ଯାଇପାରିବ ସେହି ବିଷୟରେ ଜୋନ ସଭାପତିମାନେ ଆଲୋଚନା ରଖିଥିବାବେଳେ ଯୁବ ବିଜେଡି ସଭାପତି ଶ୍ରୀ ନାୟକ ଧର୍ମଶାଳାର ବିକାଶ ଓ ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୁବ ବିଜେଡି କର୍ମକର୍ତାମାନେ ପ୍ରମୁଖ ଅଂଶଗ୍ରହଣ କରିବା ସହିତ ବିଧାୟକ ପ୍ରଣବ ବଳବନ୍ତରାୟ ଗ୍ଲୁ ରଖିଥିବା ଧର୍ମଶାଳାର ବିକାଶ ଧାରାକୁ ଆଗକୁ ନେବାପାଇଁ ଯୁବ କର୍ମୀମାନେ ସହଯୋଗ କରନ୍ତୁ ବୋଲି ଉକ୍ତ ବୈଠକରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ଉପସଭାପତି ସୁବ୍ରତ ଧଳ, ଜିଲ୍ଲା ସାଧାରଣ ସମ୍ପାଦକ ବିକାଶ ଦାସ, ଜୋନ୍ ସଭାପତି ପ୍ରଦିପ ପାଲ, ଶକ୍ତିରଞ୍ଜନ ଦାସ, ସାଧାରଣ ସମ୍ପାଦକ ରିତେଶ ମିଶ୍ର, ଜିତେନ୍ଦ୍ର ରାଉତ ଓ ଅନିଲ୍ ରାଉତ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଶ୍ରୀକ୍ଷେତ୍ରେ ବାହୁଡ଼ାଯାତ୍ରା




ବିପିନ ବିହାରୀ ମହାନ୍ତି


ଅଧୁନା ଶ୍ରୀକ୍ଷେତ୍ର ବ୍ୟତୀତ ଓଡ଼ିଶା ତଥା ଭାରତ ଭୂଖଣ୍ଡ ଏବଂ ବିଦେଶର ବହୁସ୍ଥାନରେ ରଥଯାତ୍ରା ହୁଏ। ତେବେ ରଥଯାତ୍ରା କହିଲେ ପୁରୀ ବା ଶ୍ରୀକ୍ଷେତ୍ରର ରଥଯାତ୍ରାକୁ ବୁଝାଏ । ଏହାହିଁ ବିଶ୍ୱ ପ୍ରସିଦ୍ଧ। ରଥଯାତ୍ରାର ଭିନ୍ନ ନାମଗୁଡ଼ିକ ହେଲା: ଘୋଷଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା, ନବଦିନ ଯାତ୍ରା, ପତିତପାବନ ଯାତ୍ରା, ଆଡ଼ପ ମଣ୍ଡପ ଯାତ୍ରା ଏବଂ ମହାବେଦୀ ବା ଜନ୍ମବେଦୀ ଯାତ୍ରା । ପ୍ରତ୍ୟେକଟିର ନାମ କରଣର ଯଥାର୍ଥତା ମଧ ଅଛି। ଏହାକୁ ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଗୁଣ୍ଡିଚା ପ୍ରଚଳନ କରିଥିବାରୁ ଏହାକୁ ସର୍ବସାଧାରଣରେ ଶ୍ରୀଗୁଣ୍ଡିଚା ବୋଲି ମଧ କୁହନ୍ତି। ଏହି ଯାତ୍ରାରେ ଜିଉମାନେ ଅର୍ଥାତ୍ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ଶ୍ରୀ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ବା ଆଡ଼ପମଣ୍ଡପକୁ ବିଜେ କରନ୍ତି।

ଏହି ନବଦିନ ବ୍ୟାପୀ ଯାତ୍ରାରେ ଆଷାଢ଼ ଶୁକ୍ଳ ୨ୟା ଦିନ ଜିଉମାନେ ଶ୍ରୀ ମନ୍ଦିରରୁ ରଥଯୋଗେ ଯାଇ ଗୁଣ୍ଡିଚା ମନ୍ଦିର ସାମ୍ନା ଶରଧାବାଲି ଉପରେ ରଥରେ ରାତ୍ରିଯାପନ କରନ୍ତି ଏବଂ ତା' ପରଦିନ ଯଥାବିଧି ପୂର୍ବକ ଆଡ଼ପ ମଣ୍ଡପକୁ ବିଜେ କରନ୍ତି। ସେଠାରେ ସେମାନେ ସାତଦିନ ଅବସ୍ଥାନ କରନ୍ତି ଅର୍ଥାତ୍ ଆଷାଢ଼ ଶୁକ୍ଳ ତୃତୀୟା ଠାରୁ ନବମୀ ଯାଏଁ ସେଠାରେ ରୁହନ୍ତି। ଦଶମୀଦିନ ପୁନର୍ବାର ଗୁଣ୍ଡିଚାମନ୍ଦିର ଛାଡ଼ି ଶ୍ରୀମନ୍ଦିର ଅଭିମୁଖେ ବିଜେ କରନ୍ତି ଏବଂ ସିଂହଦ୍ୱାର ଉପକଣ୍ଠେ ପରବର୍ତ୍ତୀ ଦୁଇ ଦିନ ପାଇଁ ଅଟକନ୍ତି ଏବଂ ତ୍ରୟୋଦଶୀ ଦିନ ଶ୍ରୀ ମନ୍ଦିରକୁ ବିଜେ କରନ୍ତି। ଏହି ପ୍ରତ୍ୟାବର୍ତ୍ତନ ଯାତ୍ରାକୁ ବାହୁଡ଼ାଯାତ୍ରା କୁହନ୍ତି।

ଶ୍ରୀ ଗୁଣ୍ଡିଚା ଯାତ୍ରାପରି ଶ୍ରୀମନ୍ଦିର ଯାତ୍ରା ନିମନ୍ତେ କିଛି ବିଧି ନିର୍ଣ୍ଣିତ କରାଯାଇଛି। ତାହାକୁ ଯାତ୍ରା ସମୟରେ ପାଳନ କରିବାକୁ ହୁଏ ।

ଆଷାଢ଼ ଶୁକ୍ଳ ଦଶମୀଦିନ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା' ଶୁଭଦ୍ରାଙ୍କର ପ୍ରାତଃ କର୍ମ ଇତ୍ୟାଦି ପ୍ରଥମେ ସାରି ଦିଆଯାଏ । ଏହାକୁ ଚାରବନ୍ଧା ଏବଂ କୁସୁମ ଲାଗିନୀତି କୁହନ୍ତି। ଏହାପରେ ଜିଉମାନଙ୍କର ଆରତି ଶେଷକରି ମଇଲମ ଲାଗି ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଇତ୍ୟାଦି ନୀତିକର୍ମାଣି ସଂପନ୍ନ କରାଯାଏ । ଏଥୁଅନ୍ତେ ଖେଚୁଡ଼ି ଭୋଗ ପରେ 'ସେନାପଟାଲାଗି' ନାମକ ଏକ ଗୁପ୍ତନୀତି କରାଯାଏ। ତହିଁ ଉତ୍ତାରୁ ମାଲ୍ୟାର୍ପଣ ପୂର୍ବକ ଜିଉମାନଙ୍କର ଧାଡ଼ିପହଣ୍ଡି ବିଜେ କାର୍ଯ୍ୟକ୍ରମ ଆରମ୍ଭ ହୁଏ। ଶ୍ରୀ ଗୁଣ୍ଡିଚା ଯାତ୍ରାପରି ହରିବୋଲ, ହୁଳହୁଳି, ଘଣ୍ଟ, ମର୍ଦ୍ଦଳ ଓ ଶଙ୍ଖଧ୍ୱନି ସହ ଜିଉମାନଙ୍କର ରଥ ଉପରକୁ ବିଜେହୁଏ। ତା'ପରେ ଶ୍ରୀ ଗଜପତି ମହାରାଜା ତାଙ୍କର ଛେରା ପହଁରା କାର୍ଯ୍ୟ ସମାପନ କରନ୍ତି। ଏହାପରେ ଚାରମାଳ ଫିଟାଯାଏ; ରଥରେ ଘୋଡ଼ା ଯୋଡ଼ା ହୁଅନ୍ତି ଏବଂ ଦଉଡ଼ି ବନ୍ଧାଯାଏ। ଟଣାଯାଏ ରଥ।

ଶ୍ରୀ ଗୁଣ୍ଡିଚା ମନ୍ଦିରଠାରୁ ସିଂହଦ୍ୱାର ଅର୍ଥାତ୍ ଶ୍ରୀମନ୍ଦିର ଯାଏଁ ଯାତ୍ରାବେଳେ ଜିଉମାନଙ୍କର ରଥ ବଡ଼ ଦାଣ୍ଡର ବିଭିନ୍ନସ୍ଥାନରେ ଅଟକି ଥାଆନ୍ତି। ସେସବୁ ଜାଗାଗୁଡ଼ିକରେ ମଠ, ମନ୍ଦିର, ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଭାବେ ଚଳି ଆସୁଥିବା ନାନା ଭୋଗ, ରୀତି, ନୀତି କରାଯାଇଥାଏ। ମାଉସୀ ମା' ମନ୍ଦିର ଠରେ ରଥାରୁଢ଼ ଜିଉମାନଙ୍କୁ ପୋଡ଼ପିଠା ଅର୍ପଣ କରାଯାଏ। ଶ୍ରୀ ବଳଭଦ୍ରଙ୍କର ରଥ ତାଳଧ୍ୱଜ ଏବଂ ମା' ସୁଭଦ୍ରାଙ୍କ ରଥ ଦର୍ପଦଳନ ସିଧାସଳଖ ଶ୍ରୀମନ୍ଦିର ସିଂହଦ୍ୱାରକୁ ବିଜେ କଲାବେଳେ, ଶ୍ରୀ ଜଗନ୍ନାଥଙ୍କ ରଥ ନନ୍ଦିଘୋଷ ଗଜପତିଙ୍କ ନଅର ସାମନାରେ କିଛି ସମୟ ଅଟକି ଯାଆନ୍ତି। ସେଠାରେ ଗଜପତିଙ୍କ ସହାୟତାରେ ଶ୍ରୀମନ୍ଦିରରୁ ବିଜେ କରିଥବା ମହାଲକ୍ଷ୍ମୀଙ୍କ ସହିତ ଭେଟ କରାନ୍ତି ଅର୍ଥାତ୍ ଲକ୍ଷ୍ମୀ ନାରାୟଣ ଭେଟ ହୁଏ। ଏହାପରେ ରଥ ଟଣାଯାଏ ସିଂହଦ୍ୱାର ସାମ୍ନାକୁ। ସେଦିନ ଜିଉମାନଙ୍କର ମନ୍ଦିର ବିଜେ ହୁଏ ନାହିଁ। ଅଥଚ ରଥ ଟଣାକାର୍ଯ୍ୟ ଅର୍ଥାତ୍ ରଥଯାତ୍ରା ସେଠି ଶେଷ ହୁଏ।

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ହରିଶୟନ ଏକାଦଶୀ ପାଳିତ ହୁଏ। ଏହି ଦିନ ଜିଉମାନଙ୍କର ବଡ଼ତଡ଼ାଉ ସୁନାବେଶ ହୁଏ। ଜିଉମାନଙ୍କର ଏହି ସୁନାବେଶ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତମାନଙ୍କର ସମାଗମ ହୁଏ। ଏହିଦିନ ମଧ ଠାକୁରମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ଅଛି; ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ଗୋପାଳ ବଲ୍ଲଭ, ସକାଳ ଧୂପ, ମହାସ୍ନାନ ଓ ମଧାହ୍ନ ଧୂପ, ଶାଢ଼ି ଖଣ୍ଟୁଆଲାଗି ଏବଂ ସଂଧ୍ୟା ଆଳତୀ ଇତ୍ୟାଦି ମୁଖ୍ୟ। ଏହାପରେ ନିର୍ଦ୍ଦିଷ୍ଟ ସେବାୟତ ଯଥା ପାଳିଆ, ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳିଛ ଓ ଭିତରଛ ମହାପାତ୍ର ଇତ୍ୟାଦିଙ୍କ ଦ୍ୱାରା ଜିଉମାନଙ୍କୁ ସୁନାବେଶ କରାଯାଏ । ଏହି ବେଶରେ ଶ୍ରୀ ଜଗନ୍ନାଥଙ୍କର ଅଳଙ୍କାର ଯଥାକ୍ରମେ: ଶ୍ରୀ ପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, ଚନ୍ଦ୍ର, ସୂର୍ଯ୍ୟ, କାନ, ଆଡ଼କାନି, ଘାଗଡାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାବର୍ଣ୍ଣି, ସ୍ୱର୍ଣ୍ଣଚନ୍ଦ୍ର ଓ ରୌପ୍ୟଶଙ୍ଖ, ହରିଡ଼ାମାଳି, ବାହାଡ଼ାମାଳି, ସେବତୀମାଳି ଓ ତ୍ରିଖଣ୍ଡିକା କମର ପଟି ପ୍ରଭୃତି ଅଳଙ୍କାରରେ ଲାଗି ହୁଅନ୍ତି। ସେହିପରି ଶ୍ରୀ ବଳଭଦ୍ର ତାଙ୍କ ଅଳଙ୍କାରରେ : ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ ଆଡ଼ିକାନି, ଘାଗଡ଼ାମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକର୍ଣ୍ଣ, ହଳମୂଷଳ, ବାହାଡ଼ାମାଳି, ବାଘନାଖି ମାଳି, ସେବତୀମାଳି ଓ ତ୍ରିଖଣ୍ଡିକା କମର ପଟି ପ୍ରଭୃତି ଅଳଙ୍କାରେ ଭୂଷିତ ହୁଅନ୍ତି ଏବଂ ମା' ସୁଭଦ୍ରା : କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଗଡ଼ାମାଳି, ତଗଡ଼ି ଓ ସେବତୀମାଳି ଇତ୍ୟାଦି ଲାଗିହୁଅନ୍ତି । ଏ ସମସ୍ତ ଅଳଙ୍କାରରେ ଜିଉମାନେ ଅପରୂପ ସୌନ୍ଦର୍ଯ୍ୟରେ ଚମତ୍କୃତ କରନ୍ତି । ଏ ଶୋଭା ଅବର୍ଣ୍ଣନୀୟ। ଏହି ବେଶରେ ଜିଉମାନଙ୍କର ଦର୍ଶନ ସଂଧ୍ୟା ୫ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଚାଲେ । ଅବଶ୍ୟ ଏହା ପ୍ରଶାସନର ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥାଏ ।

ମହାପ୍ରଭୁଙ୍କର ୨୪ଟି ବେଶ ମଧରୁ ବର୍ଷକୁ ୫ଥର ସୁନାବେଶ ହୁଏ । ୪ଥର ରତ୍ନସିଂହାନରେ ଏବଂ ଗୋଟିଏଥର ଯାହାକି ହରିଶୟନ ଏକଦଶୀ ଦିନ ବାହୁଡ଼ାଯାତ୍ରା ବେଳେ ବଡ଼ଦାଣ୍ଡରେ ଭକ୍ତମାନଙ୍କର ଦର୍ଶନପାଇଁ ସମାହିତ କରାଯାଇଥାଏ । ଏହି ସୁନାବେଶ ୧୨୩୨ ଖ୍ରୀଷ୍ଟାବ୍ଦରୁ ଅନଙ୍ଗ ଭୀମଦେବଙ୍କ ସମୟରୁ ପ୍ରଚଳିତ ଅଛି। ଶୁଣାଯାଏ ୧୪୬୦ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଦେବ ଦକ୍ଷିଣ ଭାରତ ଜୟକରି ଅନେକ ଧନରତ୍ନ ଶ୍ରୀକ୍ଷେତ୍ରକୁ ଆଣିଥିଲେ। ସେଥିରୁ ଅନେକ ଗହଣା ଜିଉମାନଙ୍କ ଉଦ୍ଦେଶ୍ୟରେ ସେ ବ୍ୟବହାର କରାଇଥିଲେ।

ଦ୍ୱାଦଶୀ ତିଥିରେ ଜିଉମାନଙ୍କ ପାଇଁ ଏକ ବିଶେଷ ଆୟୋଜନ ହୋଇଥାଏ । ତାହା ହେଉଛି ଅଧରପଣା । ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ପ୍ରଶାସନ ତରଫରୁ ଏଥିପାଇଁ ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୁର, ଜାଇଫଳ ଓ ପାଣି ମିଶାଇ ଏକ ସୁଗନ୍ଧିତ ପଣା ମହାସୁଆରମାନେ ତିଆରି କରନ୍ତି। ଏହାପରେ ପତ୍ରିବଡୁ, ସୁଆରବଡୁ, ଗରାବଡୁ ଓ ପାଳିଆ ସେବକମାନେ ରଥଗୁଡ଼ିକ ଉପରେ ପୂଜାଠା' କରନ୍ତି। ଭୋଗପରେ ଏ ପଣାହାଣ୍ଡି ଗୁଡ଼ିକ ରଥଉପରେ ପାର୍ଶ୍ୱଦେବତା ଓ ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ଭାଙ୍ଗି ଦିଆଯାଏ।

ତ୍ରୟୋଦଶୀଦିନ ରଥଉପରେ ଯଥାରୀତି ଠାକୁରଙ୍କ ନୀତି ସମାପନ ପରେ ଜିଉମାନଙ୍କୁ ଗୋଟି ପହଣ୍ଡିରେ ନିଳାଦ୍ରୀ ବିଜେ କରାଯାଏ । ବଳଭଦ୍ର ଓ ସୁଭଦ୍ରା ସିଧାସଧା ନିଜ ସ୍ଥାନକୁ ଗଲାବେଳେ ଜଗନ୍ନାଥଙ୍କୁ ମହାଲକ୍ଷ୍ମୀ ବାଟରେ ଦ୍ୱାର କିଳି ଦିଅନ୍ତି। ଏହାତାଙ୍କର ଜଗନ୍ନାଥ ପ୍ରତି ରାଗ ତଥା ଅଭିମାନର ପ୍ରଭାବ। ତା'ପରେ ଗୁଡାଏ ଜବାବ୍ ସୁଆଲ ପରେ ଲକ୍ଷ୍ମୀ ଜଗନ୍ନାଥଙ୍କୁ ମନ୍ଦିର ପ୍ରବେଶକୁ ଅନୁମତି ଦିଅନ୍ତି। କଥିତ ଅଛି ଏଥିପାଇଁ ଲକ୍ଷ୍ମୀଙ୍କ ତରଫରୁ ଦେବଦାସୀ ଓ ପ୍ରଭୁଙ୍କ ତରଫରୁ କୌଣସି ସେବାୟତଙ୍କ ମାଧମରେ ନାନା ବାକ୍‌ବିତଣ୍ଡା ହୁଏ।

ଶ୍ରୀ ଜଗନ୍ନାଥ ସିଂହାସନ ବିଜେପରେ ବାହୁଡ଼ାଯାତ୍ରା ତଥା ନିଳାଦ୍ରୀ ବିଜେର କାର୍ଯ୍ୟକ୍ରମ ସମାପନ ହୁଏ। ଜିଉମାନେ ଦୀର୍ଘ ୧୧ଦିନ ପରେ ମନ୍ଦିର ଫେରିଥାନ୍ତି । ପୁଣି ମନ୍ଦିର ଚଳଚଞ୍ଚଳ ଏବଂ ମୁଖରିତ ହୋଇଉଠେ।


+ ବିପିନ ବିହାରୀ ପାଠାଗାର,ଜଟଣୀ
(ମୋ) ୯୯୩୮୩୪୪୧୩୮


## ବାହୁଡ଼ା ଯାତ୍ରା


ସୁଧାକର ରାଉତ


ଆଷାଢ଼ର ଶୁକ୍ଳ ଦ୍ୱିତୀୟା ଦିନ
ରଥେ ବିଜେ ହୋଇ ଚକାନୟନ
ଭାଇ ଭଉଣୀ ସାଙ୍ଗରେ
ରତ୍ନବେଦୀ ଛାଡ଼ି ପହଞ୍ଚିଛନ୍ତି ଯାଇ
ମା' ଗୁଣ୍ଡିଚାଙ୍କ ମନ୍ଦିରେ ।

ଜନ୍ମସ୍ଥାନ ପରା ଅଟଇ ସିଏ
ତାକୁ ମନୁ ଭଲ ଭୁଲିବ କିଏ
ସେଠି ରହି ସାତଦିନ
ସବୁ ନୀତି କାନ୍ତି ଶେଷ ହେବାପରେ
ଫେରିବେ ଚକାନୟନ ।

ବଡ଼ଦାଣ୍ଡ ପଡୁଥାନ୍ତା ଉଛୁଳି
ଲାଗିଥାନ୍ତା ଭକତଙ୍କ ଗହଳି
ସବୁ ଏବେ ଶୂନଶାନ
ଭାବଗ୍ରାହୀ ପରା ଭକ୍ତଙ୍କୁ ନ ଦେଖି
କରିଛନ୍ତି ଅଭିମାନ ।

ମାଆ ଲକ୍ଷ୍ମୀ କରୁଛନ୍ତି କ୍ରନ୍ଦନ
ମନେ ମନେ ବସି ଗଣନ୍ତି ଦିନ
ଶ୍ରୀମନ୍ଦିର ଶିରୀହୀନ
କଳପ ବଟ ବି ବିକଳେ ଚାହିଁଛି
ପ୍ରଭୁଙ୍କ ପ୍ରତ୍ୟାବର୍ତ୍ତନ ।

ଏକାଦଶୀରେ ସିଂହଦ୍ୱାରଠାରେ
ସୁନାବେଶ ହେବେ ସବୁ ଠାକୁରେ
ଦ୍ୱାଦଶେ ଅଧରପଣା
ପାନ କରିଣ ନିଳାଦ୍ରୀ ବିଜେ ହୋଇବେ
ନ ଭୁଲି ନିଜ ଠିକଣା ।

ସବୁ ଲୀଳା ତୋର ଭକତ ପାଇଁ
ଭକ୍ତ ବିନା ତୋ ଆନଗତି ନାହିଁ
ଭକତ ଜୀବନ ଧନ
ଭକତଙ୍କ ଦୁଃଖ ବାରେ ଦୂର କର
ପ୍ରଭୁ ଶ୍ରୀ କଳା ବଦନ ।


+ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨


## ବାହୁଡ଼ା ଯାତ


ରାମ ଚନ୍ଦ୍ର ପ୍ରଧାନ


ଓଡ଼ିଆ ଜାତିର ମଉଡ଼ମଣୀ ତୁ
ଭକତର ଭଗବାନ
ଜଗତ ଦେଖିବ ତୋ ବାହୁଡ଼ା ଯାତ
କରି ତୋତେ ଦରଶନ ।

ଫେରିଆ ଫେରିଆ ଆରେ' କଳାଦିଅଁ
ଏ ବାହୁଡ଼ା ଯାତରାରେ
ଭାଇ ଭଉଣୀଙ୍କୁ ସାଥେ ନେଇ ତୋ'ର
ବଡ଼ଦାଣ୍ଡେ ଆ' ରଥରେ ।

ନବ ଦିନାତ୍ମକ ମାନବୀୟ ଲୀଳା
କରି ତୁହି ସମାପନ
ନନ୍ଦିଘୋଷ ରଥେ ବାହୁଡ଼ି ତୁ ଆସେ
ନିଜର କରମ ସ୍ଥାନ ।

ଦଶମୀରେ ଦେଖି ତୋ ବାହୁଡ଼ା ଯାତ
ଉଲ୍ଲସିତ ଭକ୍ତ ମନ
ଏକାଦଶେ ସ୍ୱର୍ଣ୍ଣ ବେଶର ଚମକ
ଅଧର ପଣାର ଦିନ ।

ଜନମ ବେଦୀକୁ ବୁଲିବାକୁ ଯାଇ
ସାତଦିନ ସେଠି ରହୁ
ଅର୍ଦ୍ଧାସନି ଦେବୀ ମାଉସୀ ମାଆଠୁ
ପଥେ ପୋଡ଼ ପିଠା ଖାଉ ।

ତୋର ନାମ ଧରି ବିକଳେ ଡାକୁଛି
ତୋ ପାଦେ ପଶି ଶରଣ
କରୋନାକୁ ନାଶି ଫେରାଇଦେ ଖୁସି
ଦୁଃଖ ହେଉ ନିବାରଣ ।

ସତରେ କାଳିଆ ତୋ ଲୀଳାରେ ବୋଳା
ସଂସ୍କୃତିର ପରିଚୟ
ଘୋଷଯାତ୍ରାଠାରୁ ବାହୁଡ଼ା ଯାତରା
ଏକତାର ସମନ୍ୱୟ ।


+ ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬


## ବାହୁଡ଼ା ଯାତ୍ରା


ଝରଣା ବାରିକ


ବାହୁଡି ଯିବୁ ତୁ ବାହୁଡ଼ା ରଥରେ
ସିଂହ ଦୁଆରକୁ ତୋର,
ମାଉସୀ ମାଆ ଘରେ ଖେଳା ଲୀଳା ସବୁ
ସରିଲା ଏ ବରଷର ।

ଖିରି ପୁରୀ ସାଙ୍ଗେ ପୋଡ଼ ପିଠା ଖାଇ
ମନ ବୁଝିଗଲା ଯେବେ,
ବଡ଼ ଦେଉଳକୁ ଲକ୍ଷ୍ମୀଙ୍କ ପାଖକୁ
ଫେରିତୁ ଆସିଲୁ ସେବେ।

ରଥ ଗଡୁଥିଲା ଚକ ଗଡୁଥିଲା
ଶୁଭୁଥିଲା ଜୟ ଧ୍ୱନି,
ଡାହୁକ ପାଟିରୁ ଶୁଭୁଥିଲା ଗାଳି
ହସୁଥିଲୁ ତୁନି ତୁନି।

ନଅଦିନ ପରେ ଫେରିଲୁ ସିନା ତୁ
ଦେଉଳକୁ ଗଲୁ ନାହିଁ,
ଜର ହେବ ବୋଲି ଅଧା ବାଟ ଆସି
ଗୋଟେ ଦିନ ଗଲୁ ରହି।

ଏକାଦଶୀ କରି ଫଳମୂଳ ଖାଇ
ଭକତଙ୍କୁ ଦେଖା ଦେଲୁ,
ଯେବେ ବୁଝିଗଲା ଅବୁଝା ମନ ତୋ
ଦେଉଳକୁ ଫେରି ଗଲୁ।


+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨


# ଜଗନ୍ନାଥ ଏକ : ନାମ ଅନେକ




ଡ଼କ୍ଟର୍ ଲକ୍ଷ୍ମଣ ସାହୁ


ପୁଣ୍ୟଭୂମି ଉତ୍କଳ ଭୂଖଣ୍ଡର ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିବା ଅଚଳ ଅଟଳ ମହାବାହୁ, ସାକାର ଓ ନିରାକର, ଲୀଳାମୟ ମର୍ଯ୍ୟାଦାବନ୍ତ ଶ୍ରେଷ୍ଠ ପୁରୁଷ ପୁରୁଷୋତ୍ତମ, ରସରାଜ ଜଗତର ନାଥ ଶ୍ରୀଜଗନ୍ନାଥ ବିରାଜିତ । ସତ୍ୟଯୁଗରେ ସେ ସଚ୍ଚିଦାନନ୍ଦ, ତ୍ରେତାଯୁଗରେ ସେ ଶ୍ରୀରାମ, ଦ୍ୱାପର ଯୁଗରେ ସେ ଶ୍ରୀକୃଷ୍ଣ ଓ କଳିଯୁଗରେ ସେ ଶ୍ରୀଜଗନ୍ନାଥ । ଅଦୂରରେ ନୀଳ ପାରାବାର ନୀଳ ଆକାଶରେ ହଜିଯାଇଛି ପ୍ରାଚୀ ଦିଗ୍-ବଧୂ ନୀଳଶୈଳ । ନୀଳଆକାଶକୁ ସ୍ୱର୍ଶ କରିଛି ବଡ ଦେଉଳ । ସେଠି କେବଳ ସାମ୍ୟ ଓ ମୈତ୍ରୀର ମୂର୍ତ୍ତୀମନ୍ତ ପତିତପାବନଙ୍କ ଶୋଭାଶ୍ରୀ ମଣ୍ଡିତ କରେ ଶ୍ୱେତ, ପୀତ, ଆରକ୍ତ ବର୍ଣ୍ଣର ନେତ ଅନବରତ ଫରଫର ଉଡେ । ଭାରତ ବର୍ଷର ଚତୁଃଧାମ ଭିତରେ ଶ୍ରେଷ୍ଠ ଧାମ ପୁରୁଷୋତ୍ତମ ଧାମ, ଯେଉଁଠି କେବଳ ସକଳ ଧର୍ମ ଓ ସଂସ୍କୃତିର ମହାମିଳନ ଘଟିଛି । ସେଠି ସବୁ ମହାନ୍, ଠାକୁର ମହାନ୍, ଦାଣ୍ଡ ମହାନ, ଶରଧାବାଲି ମହାନ, ପଣ୍ଡା, ନେତ, ମହାବେଦୀ, ମହାପ୍ରସାଦ ମହାନ, ଏପରିକି ଜୀବନର ଶେଷ ମହାଯାତ୍ରା ସ୍ୱର୍ଗଦ୍ୱାର ମହାନ । ତେଣୁ ଜଗନ୍ନାଥ ଦେଶକୁ କୁହାଯାଇଛି-

'ବର୍ଷାଣାମ୍ ଭାରତ ଶ୍ରେଷ୍ଠଃ
ଦେଶାନାମ୍ ଉତ୍କଳଂ ସ୍ମୃତମ୍ ।
ଉତ୍କଳସ୍ୟ ସମୋଦେଶଃ
କୁତ୍ର ନାସି ମହିତଳେ ।'

ଉତ୍କଳ ଦେବଦେବ ଜଗନ୍ନାଥଙ୍କ ପୁଣ୍ୟଭୂମି ଓ ପବିତ୍ର ଦେଶ ଭାରତବର୍ଷରେ ପୁଣ୍ୟତମ ଭୂମି ଭାବେ ଓଡିଶା ଖ୍ୟାତ ଓ ସମଗ୍ର ବିଶ୍ୱ ମାନବର ତୀର୍ଥଭୂମି ପାଲଟିଛି । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢି ଉଠିଛି ଉତ୍କଳର ଧର୍ମ, ଧାରଣା, ସାହିତ୍ୟ ସଂସ୍କୃତି, ଶିକ୍ଷା, ଜୀବନବୋଧ, ଐତିହ୍ୟ, ପରମ୍ପରା, ପୁରୋଦୃଷ୍ଟି ଓ ସମ୍ୟକ୍ ଦର୍ଶନ । ସେହିଁ କେବଳ ଉତ୍କଳର ପ୍ରାଣକେନ୍ଦ୍ର ଓ ପରଂବ୍ରହ୍ମ । ସମସ୍ତ ଅବତାରର ସ୍ରଷ୍ଟା ଅବତାରୀ । ସିଦ୍ଧାନ୍ତ ଦର୍ପଣକାର ମହାମହୋପାଧାୟ ହରିଚନ୍ଦନ ମହାପାତ୍ର 'ସାମନ୍ତ ସିଦ୍ଧାନ୍ତ' ଦର୍ପଣରେ ଦର୍ଶାଇଛନ୍ତି-

'ଯା ଲୀଳା ଗୋକୁକାନ୍ତ
ମଧୁପୁରୀ ରଚିତା ଯା କୃତ୍ୱା ଦ୍ୱାରବତ୍ୟାଂ
କ୍ଷିତ୍ୟାଂ ନିତ୍ୟାବଦାରୈଃ
ପ୍ରତିଯୁଗ ମୁଚିତାଃ ସୂଚିତାଃ-ପ୍ରାଙ୍ଗୀନ୍ଦ୍ରୈଃ
ତାସ୍ତା ବିସ୍ତାରୟନ ଯୋ ବସତି
ଶିତିଗିରୌ ବେଦ ବେଦ୍ୟୋଜ୍ଜବତାରୀ
ନିତ୍ୟେ ଧାମ୍ନି ସ୍ୱନାମ୍ନି ସ୍ଫୁରତୁ
ମୁରରିପୁଃ ସୋଜ୍ଜୟ ମନ୍ତଃ ସଦାନଃ ।'

ଶ୍ରୀଜଗନ୍ନାଥ ଅବତାରୀ । ସେବେଦ ଦ୍ୱାରା ଜଣାଯାଇପାରନ୍ତି । ସେ ମୁରାରୀ ନିତ୍ୟଧାମ ବୈକୁଣ୍ଠରୂପୀ ନୀଳାଚରରେ ବିରଜିତ ଓ ଦ୍ୱାରକା, ଗୋକୁଳ, ମଥୁରାରେ ସେ ଯେଉଁ ଲୀଳା ପ୍ରକଟ କରିଛନ୍ତି, ପ୍ରତିଯୁଗରେ ପୃଥିବୀରେ ନିତ୍ୟାବତାର ଯାହାସବୁ କରିଯାଇଛନ୍ତି ସେସବୁ ବ୍ୟାସ ଆଦି ଋଷିଗଣ ପୂର୍ବରୁ ବର୍ଣ୍ଣନା କରିଯାଇଛନ୍ତି । ବର୍ତ୍ତମାନ ସେହି ମୁରାରୀ ନୀଳାଚରରେ ରହି ସବୁ ଲୀଳାର ବିସ୍ତାର ଦିଗରେ ପ୍ରେରଣା ଦାୟକ ପାଲଟିଛନ୍ତି ।

ସେ ସର୍ବବ୍ୟାପି, ପରମାତ୍ମା ଓ ଭଗବାନ ବ୍ରହ୍ମଙ୍କର ଐଶ୍ୱର୍ଯ୍ୟ । ରୂପ, ମୋକ୍ଷ, ଭୋଗ ଓ ଭକ୍ତି ବିତରଣ ବିଷୟରେ ସେ ସଂପୂର୍ଣ୍ଣ ଦକ୍ଷ, ପ୍ରେମ ବିଭୂତିରେ ସେ ପରିପୂର୍ଣ୍ଣ ଓ ଶରୀର ଜ୍ଞାନାନ୍ଦରେ ସମ୍ପୂର୍ଣ୍ଣ । ସେ ବଂଶୀଧର ଓ ଚାରିହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଛନ୍ତି । ସେ ମହାଦେବୀ ମହାଲକ୍ଷ୍ମୀ, ଭୂଦେବୀ ଓ ଲୀଳା ଆଦି ଦେବଦବୀଙ୍କ ଦ୍ୱାରା ସେବିତ । ସେହିଁ ନୀଳାଚଳ ରୂପକ ବୈକୁଣ୍ଠର ପ୍ରଭୁ ଓ ଗତି ମୁକ୍ତି ଦାତା ଜଗଦୈଶ୍ୱର ।

ମାଦଳାପାଞ୍ଜି ଅନୁସାରେ କେଶରୀ ବଂଶର ଆର୍ବିଭାବ ସମୟରେ ଯଯାତି ପ୍ରଥମ ପାଟରାଜା ହେବାପରେ ଓଡିଶାର ରାଷ୍ଟ୍ର ଦେବତାଙ୍କର ଅନ୍ୱେଷଣ କରି ତାଙ୍କୁ ଆଣି ଶ୍ରୀକ୍ଷେତ୍ରେ ପ୍ରତିଷ୍ଠା କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥ ପୁରୀରେ ରାଜଶକ୍ତି ଦ୍ୱାରା ପ୍ରତିଷ୍ଠିତ ହେବାପରେ ତାଙ୍କର ମହିମା ପ୍ରକଟିତ ହୋଇଆସିଛି । ପ୍ରଥମେ ଶବରର ଠାକୁର, ପରେ ପରେ ଜୈନ୍ୟ, ବୌଦ୍ଧ, ତାନ୍ତ୍ରିକ, ଶୈବ୍ୟ, ବୈଷ୍ଣବ, ଶାକ୍ତ, ଗାଣପତ୍ୟ ଓ ସୌର ଆଦି ସକଳ ଆର୍ଯ୍ୟଧର୍ମ ଶାଖାଦ୍ୱାରା ଗୃହୀତ ହୋଇ ଆସିଛନ୍ତି । ସେହିଁ କେବଳ ସକଳ ବିଶ୍ୱାସର ପ୍ରତୀକ, ବହୁମତ ସମନ୍ୱିତ ଧର୍ମର ଧାରକ, ବିଭିନ୍ନ ଧର୍ମର ନିର୍ଯ୍ୟାସ, ସାର୍ବଜନୀନ ଉଦାର ଦୃଷ୍ଟିଭଙ୍ଗୀର ସୂତ୍ରଧର ।

ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହେ ପରେ ତାଙ୍କୁ ମୂଳରୁ ବିଷ୍ଣୁ ବା ସୂର୍ଯ୍ୟ ପର୍ଯ୍ୟାୟଭୁକ୍ତ କରାଯାଇଛି । ବିଭିନ୍ନ ପ୍ରଚାର ଓ ଉଦାହରଣ ଦେଇ ତାଙ୍କୁ ପୁରୁଷୋତ୍ତମ ଆଖ୍ୟା କରି ପ୍ରଥମାବସ୍ଥାରେ ସେ ଶ୍ରୀନୃସିଂହଙ୍କ ବିଭୂତି ଓ ପରବର୍ତ୍ତୀ ସମୟରେ ତାଙ୍କୁ ବାସୁଦେବ ଶ୍ରୀକୃଷ୍ଣଙ୍କ ସହ ଚିହ୍ନିତ କରାଯିବାର ପ୍ରୟାସ କରାଯାଇଛି । କିନ୍ତୁ ଶ୍ରୀଜଗନ୍ନାଥ ହିଁ କେବଳ ଶ୍ରୀଜଗନ୍ନାଥ । ସେ ସର୍ବମୟ, ବ୍ରହ୍ମାଣ୍ଡ ସ୍ୱତଃ ଶୁଭ୍ର ଶ୍ରୀଜଗନ୍ନାଥ, ନିର୍ମଳ ଶୋଭାଧାରକ, ସର୍ବବସ୍ତୁ ପ୍ରଦ, ସର୍ବମୟ ପୁରୁଷ, ଗୁଣାତୀତ ସର୍ବବ୍ୟାପୀ ଅନନ୍ତ, ଅଣାକାର, ନିର୍ଗୁଣ, ନିରାକାର । ଶ୍ରୀଜଗନ୍ନାଥଙ୍କୁ ଅନାର୍ଯ୍ୟ ବା ଶବରମାନଙ୍କ ଦେବତା ଭାବେ ସ୍ୱୀକାର କରାଯାଇଛି । ଭାରତୀୟ ଆର୍ଯ୍ୟମାନଙ୍କ ପବିତ୍ର 'ବେଦ'ରେ (ଋକ୍ ବେଦର/୧୦/୧୨/୧୫୫/୩) ସମୁଦ୍ର କୂଳରେ ଦାରୁ ଭାସୁଥିବାର ବର୍ଣ୍ଣନାରେ କୁହାଯାଇଛି :

'ଅଦୋ ଯଦ୍ଧାରୁ ପ୍ଲବତେ
ସିନ୍ଧୋଃ ପାରେ ଅପୁରୁଷୋମ୍
ତଦା ରଭସ୍ୱ ଦୁର୍ହଣୋ
ତେନ ଗଚ୍ଛ ପୁରସ୍ତରମ୍ ।'

ଶ୍ଳୋକର ଅର୍ଥ କରି ପଣ୍ଡିତ ନୀଳକଣ୍ଠ ଦାସ କହିଛନ୍ତି ଯେ,'ଜଣେ ବୈଦିକ ଋଷି ଦୁର୍ହଣ (ଯାହାର ଅର୍ଥ ଦୁର୍ବଚନ, କୁଭାଷୀ) ଙ୍କୁ ସମ୍ବୋଧନ କରି କହିଛନ୍ତି- 'ସିନ୍ଧୁତୀରରେ ଭାସମାନ ଏହି ଅପୁରୁଷ ଦାରୁକୁ ଛେଦନ କରି ପରମପଦ ଲାଭକର ।' ଏଠାରେ ଦାରୁକୁ ଅପୁରୁଷ କହିବା ଦ୍ୱାରା ଅନାର୍ଯ୍ୟ ଦେବତା ବା ଶବରମାନଙ୍କ ଦେବତା ଭାବେ ଗ୍ରହଣ କରାଯାଇଛି । ଶ୍ରୀକ୍ଷେତ୍ରରେ ଦଇତାପତି ମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜ୍ଞାତି କୁଟୁମ୍ବ ପରିଜନ ନାମରେ ପରିଚିତ । ପ୍ରାଚୀନ ଶବରମାନଙ୍କ ବଂଶଧର ଦଇତା ପତିମାନେ ପ୍ରତ୍ୟେକ ବର୍ଷ ସ୍ନାନ ପୂର୍ଣ୍ଣିମା ଠାରୁ ରଥଯାତ୍ରା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସକଳ ପୂଜାର୍ଚ୍ଚନା, ବିଧିବିଧାନ ଅନୁସାରେ ସଂପାଦନ କରିଥାନ୍ତି । ତେଣୁ ଶ୍ରୀକ୍ଷେତ୍ରେ ବିରାଜିତ ପରମାରାଧ ଦେବତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଯେ ଶବର ପୂଜିତ ଦାରୁ ଦେବତା ଏହା ଅସ୍ୱୀକାର କରିହେବ ନାହିଁ । ଶ୍ରୀଜଗନ୍ନାଥଙ୍କୁ 'ମାଦଳା' ମଧ କୁହାଯାଏ । 'ମାଦଳା' ଅର୍ଥ ହସ୍ତପଦ ବିହୀନ ଗଣ୍ଡି ବା ମାଦଳା । ଶବରମାନଙ୍କ ମଧରେ ମାଦଳା ପୂଜା ବହୁକାଳରୁ ପ୍ରଚଳିତ । ସେମାନେ ହାତ ପାଦ ବିହୀନ ମୁଖ ଚକ୍ଷୁ ବିଶିଷ୍ଟ କାଠଗଣ୍ଡକୁ ପୂଜା କରିଥାନ୍ତି । ବଡଦେଉଳର ରତ୍ନସିଂହାସନେ ବିରାଜିତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସମସ୍ତେ କାଷ୍ଠଖଣ୍ଡ ପରି ଦିଶିଥାନ୍ତି । ଶବର ଦେବତା 'କାମୋଦ୍ରଦିଆ' ମାଟିରେ ପ୍ରସ୍ତୁତ ଅଣ୍ଡା ବା ମାଦଳ ଭଳି ଦୃଶ୍ୟମାନ ହୁଅନ୍ତି । 'ସ୍କନ୍ଦପୁରାଣ' କୁହାଯାଇଛି, ସମୁଦ୍ର ତଟରେ ନୌକା ସଦୃଶ ଶ୍ରୀକ୍ଷେତ୍ର ଯୂପପରି ମହାନ୍ ନ୍ୟଗ୍ରୋଧ ଦାରୁ ପୂଜା ପାଉଛନ୍ତି :

'ନୀଳାଦ୍ରୌ ଶଙ୍ଖମଧେ
ଶତଦଳ କମଳ ରତ୍ନ ସିଂହାସନସ୍ଥ
ନାନାଳଙ୍କାର ଯୁକ୍ତଂ ନବଘନ ରଚିତଂ
ସଂଯୁକ୍ତଂ ଜାଗ୍ରତେନ
ଭଦ୍ରାୟା ବାମଭାଗେ ରଥ ଚରଣ ଯୁତଂ
ବ୍ରହ୍ମ ରୁଦ୍ରେଶ ବନ୍ଦ୍ୟଂ
ଦେବାନାଂ ସାରମେକଂ ସକଳ
ଗୁଣମୟଂ ବ୍ରହ୍ମଦାରୁ ନମାମି ।'

ଡକ୍ଟର ବଂଶୀଧର ମହାନ୍ତିଙ୍କ ମତାନୁସାରେ ଓଡିଆ ସଂସ୍କୃତିର ପରିଚୟ ଆଦିବାସୀ ସଂସ୍କୃତିହିଁ ପ୍ରଥମ ଓ ପ୍ରଧାନ ପଥପ୍ରଦର୍ଶକ ତଥା ଜଗନ୍ନାଥଧର୍ମ ମୂଖ୍ୟତଃ ପ୍ରଥମ ଆଦିବାସୀ ଧର୍ମ । ପରିବର୍ତ୍ତିତ ପରିସ୍ଥିତିରେ ସମୟକ୍ରମେ ଶବରମାନଙ୍କ 'ମାଦଳା'ମୂର୍ତ୍ତି ନୀଳମାଧବ'ରୂପେ ରୂପାନ୍ତରିତ ହୋଇଛନ୍ତି ଓ ଏହି ମୂର୍ତ୍ତି ମଧ ଦାରୁ(ଦାରବୀ) ଭାବରେ ସ୍ୱୀକୃତି ଲାଭ କରିଛନ୍ତି । ପରବର୍ତ୍ତୀକାଳୀନ ଜୈନ ଜଗନ୍ନାଥ' ମୂଳରେ ଆଦିବାସୀ ମାନଙ୍କର 'ଜଗନ୍ତ', ଜୈନମାନଙ୍କ ଜଗନ୍ତ' ସହିତ ସ୍ୱଧର୍ମର ସର୍ବୋତ୍କର୍ଷ ପ୍ରତିପାଦକ ଶବ୍ଦ 'ନାଥ' ଯୋଗକରି 'ଜଗନ୍ତନାଥ' ଅଭିହିତ ହେଲା ଓ 'ଜଗନ୍ନାଥ' ଶବ୍ଦ ହେଉଛି ଏହି 'ଜଗନ୍ତନାଥ' ଶବ୍ଦର ରୂପାନ୍ତର । ଏପରିକି ଶବରମାନଙ୍କ 'ଶବରୀ ନାରାୟଣ' ପରବର୍ତ୍ତୀ ସମୟରେ ଜଗନ୍ନାଥ ନାମସହ ସମୀକୃତ ହୋଇଛି ଓ 'ଶବରୀ ନାରାୟଣ' ବସ୍ତୁତଃ 'ନିମ କାଠ'ରେ ଗଢା ଏକ ମୁଣ୍ଡଯୁକ୍ତ ସ୍ତମ୍ଭ ବିଶେଷ ବୋଲି ପଣ୍ଡିତ ନୀଳକଣ୍ଠ ଦାସ ଦର୍ଶାଇଛନ୍ତି ।

ଅଧାପକ ପ୍ରଭାତ ମୁଖାର୍ଜୀ ଶ୍ରୀଜଗନ୍ନାଥ ମୂଳରୁ କୃଷ୍ଣ ବାସୁଦେବ ବୋଲି ଦର୍ଶାଇଛନ୍ତି । ସେ ସୁଭଦ୍ରାଙ୍କୁ କୃଷ୍ଣ ବାସୁଦେବଙ୍କ ଭଗିନୀ ଓ ସ୍ତ୍ରୀ ଭାବେ ପରିକଳ୍ପନା କରିଛନ୍ତି । ତାତ୍ତ୍ୱିକ ଦୃଷ୍ଟିରୁ ଭାଗବତର ଉପାସ୍ୟ ବାସୁଦେବ ଶ୍ରୀକୃଷ୍ଣ ବୈଷ୍ଣବ ଧର୍ମର ଉପାସ୍ୟ ବିଷ୍ଣ ବା ସୂର୍ଯ୍ୟଙ୍କ ଠାରୁ ପୃଥକ । ବୌଦ୍ଧମାନଙ୍କ ପ୍ରଚଳିତ ଜଗନ୍ନାଥ ଧର୍ମ, ଭାଗବତ ଧର୍ମ ଓ ତାହାର ଉପାସ୍ୟ ଦେବତା ବାସୁଦେବ ଶ୍ରୀକୃଷ୍ଣଙ୍କ ଠାରୁ ସ୍ୱତନ୍ତ୍ର । ବୈଷ୍ଣବମାନେ ବାସୁଦେବ ଶ୍ରୀକୃଷ୍ଣଙ୍କୁ ବିଷ୍ଣୁଙ୍କର ଅଂଶ ବିଶେଷ ବା ଅବତାର ଭାବେ ଅପପ୍ରଚାର କରିଥିବା ସୂଚାଏ । ଏହାକୁ ଲକ୍ଷ୍ୟରେ ରଖି କବି ଜୟଦେବ ଗୀତ ଗୋବିନ୍ଦ'ରେ ଲେଖିଛନ୍ତି :

'ନିନ୍ଦସୀ ଯଜ୍ଞ ବିଧେରହଃ ଶ୍ରୁତିଜାତମ୍
ସଦୟ ହୃଦୟ ଦର୍ଶିତ ପଶୁଘାତମ୍
କେଶବ ଧୃତ -ବୃଦ୍ଧ ଶରୀର-ଜୟ ଜଗଦୀଶ
ହରେ ।'

ଜୟଦେବଙ୍କ ଏହି ଉକ୍ତି ଅନୁଯାୟୀ ଦ୍ୱାରକା କେଶବ ବା ବାସୁଦେବ ଶ୍ରୀକୃଷ୍ଣ ଉତ୍କଳ ଭୂଖଣ୍ଡର ରାଷ୍ଟ୍ର ଦେବତା ଜଗନ୍ନାଥଙ୍କ ସ୍ଥାନ ଅଳଙ୍କୃତ କରିଛନ୍ତି । ସେଭଳି ଇନ୍ଦ୍ରଭୂତି ତାଙ୍କର 'ଜ୍ଞାନସିଦ୍ଧି'ର ଆରମ୍ଭରେ ଜଗନ୍ନାଥଙ୍କୁ ବୁଦ୍ଧମୟ ରୂପେ ଦର୍ଶାଇଛନ୍ତି-'ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବିରାଜିତଂ, ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନୋପମଂ ।' 'ବରାହ ପୁରାଣ'ରେ ବିଷ୍ଣୁଙ୍କ ଦଶାବତାର ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ପର୍ଶୁରାମ, ଦାଶରଥି, ରାମ, ବସୁଦେବ-କୃଷ୍ଣଙ୍କ ଚିତ୍ର ଦେଖିବାକୁ ମିଳେ, ଏଥିସହ ବିଷ୍ଣୁଙ୍କର ବୁଦ୍ଧ ଓ କଳକୀ ଅବତାର ବର୍ଣ୍ଣନା ମଧ ଅଛି । ସେଭଳି 'ଗରୁଡ ପୁରାଣ'ରେ ଜଗନ୍ନାଥଙ୍କୁ ଗୋବିନ୍ଦ, ଦାମଦୋର, ବିଷ୍ଣୁ, କେଶବ, ନାରାୟଣ, ହରି, ତ୍ରିବିକ୍ରମ ଓ ବାସୁଦେବ ଆଦି ନାମରେ ନାମିତ କରାଯାଇଛି । 'ଅଗ୍ନି ପୁରାଣ'ରେ ଜଗନ୍ନାଥଙ୍କୁ ମଧ ଶାଳଗ୍ରାମ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, କୃଷ୍ଣ, ବିଷ୍ଣୁ, ନୃସିଂହ, ବାମନ, ତ୍ରିବିକ୍ରମ, ଅନନ୍ତ ଓ ସୁଦର୍ଶନ ଭାବରେ ପରିଚିତ ହୋଇ ଆସିଛନ୍ତି । ଶ୍ରୀକ୍ଷେତ୍ର ଧାମର ଶ୍ରୀଜଗନ୍ନାଥ କେଉଁ ଅନାଦି କାଳରୁ ଏ ଦେଶର ସାମାଜିକ ଜୀବନରେ ମର୍ଯ୍ୟାଦାବନ୍ତ ଓ ଉପାସିତ ତାହା ବିଭିନ୍ନ ତାତ୍ତ୍ୱିକ ବିଚାରରୁ ସ୍ପଷ୍ଟ ହୁଏ । 'ନୃସିଂହ ପୁରାଣ'ରେ ପୁରୁଷୋତ୍ତମ ପୀଠ ପବିତ୍ର ଶ୍ରୀକ୍ଷେତ୍ରକୁ ପୃଥିବୀର ସ୍ୱର୍ଗ ସହ ତୁଳନା କରାଯାଇଛି -

'ପୁରୁଷୋତ୍ତମ ପରଂକ୍ଷେତ୍ରଂ
ନାସ୍ତ୍ୟତ୍ର ପୃଥିବୀତଳେ
ଭୂସ୍ୱର୍ଗ ମିତି ବିଖ୍ୟାତଂ
ଦେବାନାମପି ଦୁର୍ଲ୍ଲଭଂ ।'

ପୁରୁଷୋତ୍ତମ ପୀଠରେ ମହାପ୍ରଭୁ ପରଂବ୍ରହ୍ମ ଦାରୁ ରୂପେ ପୂଜିତ । ପବିତ୍ର ଶ୍ରୀକ୍ଷେତ୍ର ପୃଥିବୀରେ ଅତୁଳନୀୟ । 'ଶିବ ପୁରାଣରେ' ଅଛି-'ପୁରୁଷୋତ୍ତମତ୍ ପରଂକ୍ଷେତ୍ରଂ ନାସ୍ତ୍ୟନଦ୍ ଭବମୋଚନଂ, ଯତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ୟଜ୍ଞ ଶରୀର୍ଯ୍ୟଭୂତ ।'

ଏଠି ନାନା ଜାତି, ଗୋଷ୍ଠୀ, ସଂପ୍ରଦାୟ ମିଳନ ଶ୍ରଦ୍ଧାର ପୀଠ ଶ୍ରୀକ୍ଷେତ୍ର । ଭାରତବର୍ଷକୁ ଓ ବିଶ୍ୱବାସୀଙ୍କୁ ଶ୍ରୀଜଗନ୍ନାଥ ପୀଠର ଶ୍ରେଷ୍ଠ ଅବଦାନ ସାମ୍ୟଭାବ ଓ ସମନ୍ୱୟ ଚିନ୍ତା । ଶ୍ରୀକ୍ଷେତ୍ରର ମହାପ୍ରସାଦ ନିକଟରେ ବ୍ରାହ୍ମଣଠାରୁ ଚଣ୍ଡାଳ ସକଳେ ସମାନ । ଆଚାର୍ଯ୍ୟ ରାମାନୁଜଙ୍କ ମତରେ-'ନ ଜାତି କାରଣଂ ଲୋକେ ଗୁଣାଃ କଲ୍ୟାଣ ହେତବଃ' । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଶ୍ରୀକ୍ଷେତ୍ର ଦୁର୍ଲ୍ଲଭ ବୋଲି ଯୁଗଯୁଗର ବିଶ୍ୱାସ ରହି ଆସିଛି । ଏଠି ସ୍ୱୟଂ ବିଶ୍ୱକର୍ମା ଦେବତା, ଦେଉଳ ଓ ମୂର୍ତ୍ତି ଗଢିଛନ୍ତି । ଶ୍ରୀମନ୍ଦିରରେ ପୁରୁଷୋତ୍ତମ ଆରାଧ ଜଗନ୍ନାଥଙ୍କୁ ଦର୍ଶନ କଲେ ବିଷ୍ଣୁ ଲୋକ ଗମନର ଶୁଭଫଳ ମିଳିବ। ନାରଦ ପୁରାଣରେ କୁହାଯାଇଛି-

'ପ୍ରତିମା ତତ୍ର ତାଂ ଦୃଷ୍ଟ
ସ୍ୱୟଂ ଦେବେ ନିର୍ମିତାମ୍
ଅନାୟାସେନ ବୈୟାନ୍ତି ଭବନଂ
ମେ ତତୋ ନରାଃ ।'

ପ୍ରତିବର୍ଷ ଆଷାଢ ମାସରେ ଜଗତର ନାଥ ଶ୍ରୀଜଗନ୍ନାଥ ଏକ, ସେ ନାମରେ ଅନେକ, ସେହିଁ କେବଳ ସାଧାରଣ ମଣିଷକୁ, ବିଶ୍ୱବାସୀଙ୍କୁ ରଥ ଉପରେ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥାନ୍ତି, ସେଥିପାଇଁ କୁହାଯାଇଛି-

'ରଥେ ତୁ ବାମନଂଦୃଷ୍ଟା
ପୁନଃଜନ୍ମ ନ ବିଦ୍ୟତେ ।'


+ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ, କଟକ-୪
(ମୋ) ୯୪୩୭୭ ୪୦୨୮୦




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତ ଓ ଆଫଗାନିସ୍ତା...

ଆଫଗାନିସ୍ତାନ ସ୍ଥିତି ଏବେ ତରଳାବସ୍ଥାରେ ରହିଛି। ଆସନ୍ତା ଅଗଷ୍ଟ ୩୧ ତାରିଖ ସୁଦ୍ଧା ସେ ଦେଶରୁ ଆମେରିକୀୟ ଓ ମିଳିତ(ନାଟୋ) ସେନାଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ସେଠାରେ ନିରାପତ୍ତା ପରିସ୍ଥିତି ବେଶ୍ ବିପଜ୍ଜନକ ହେବାରେ ଲାଗିଛି। ସାମରିକ ସାମର୍ଥ୍ୟ ଦୃଷ୍ଟିରୁ ଶକ୍ତିଶାଳୀ ତାଲିବାନ୍ ଗୋଷ୍ଠୀ ଏବେ ଗୋଟିକ ପରେ ଗୋଟିଏ ନୂଆ ଅଂଚଳ ଦଖଲ କରିଚାଲିଛନ୍ତି ଏବଂ ଆମେରିକୀୟ ସେନାଙ୍କ ପ୍ରସ୍ଥାନ ସହ ସେମାନେ ଖୁବ୍ ସହଜରେ ରାଜଧାନୀ କାବୁଲକୁ ଅକ୍ତିଆର କରିନେବା ପ୍ରାୟ ସୁନିଶ୍ଚିତ। ଯଦି ତାହା ହୁଏ, ତେବେ ୧୯୯୬ ମସିହା ଘଟଣାର ପୁନରାବୃତ୍ତି ଘଟିବ ଏବଂ ପୁଣିଥରେ ତାଲିବାନ ସେ ଦେଶର ଶାସନତନ୍ତ୍ରକୁ ନିୟନ୍ତ୍ରଣ କରିବ। ବର୍ତ୍ତମାନର ଶାସନ ବ୍ୟବସ୍ଥା ପରିବର୍ତ୍ତନ ହେବା ପ୍ରାୟ ଆସନ୍ନ। ଏପରିସ୍ଥଳେ କେବଳ ଆଫଗାନିସ୍ତାନ ନୁହେଁ, ସମଗ୍ର ଦକ୍ଷିଣ-ପଶ୍ଚିମ ଏସିଆ ଏବଂ ବିଶ୍ୱ ଶାନ୍ତି ବ୍ୟାହତ ହେବ ବୋଲି ଆଶଙ୍କା ପ୍ରକଟ କରାଯାଇପାରେ। ଏନେଇ ଏବେଠାରୁ ଭାରତର ମୁଣ୍ଡବିନ୍ଧା ଆରମ୍ଭ ହେଲାଣି। କେବଳ ଭାରତ ନୁହେଁ, ରୁଷିଆ, ଚୀନ ଭଳି ରାଷ୍ଟ୍ରମାନେ ମଧ୍ୟ ମନେ ମନେ ଆତଙ୍କିତ ହେଲେଣି। କେବଳ ପାକିସ୍ତାନ ଏଥିରୁ ଫାଇଦା ଉଠାଇବା ସକାଶେ ବ୍ୟଗ୍ର ଥିବାପରି ପ୍ରତୀୟମାନ ହୁଏ। ଭାରତ ପାଇଁ ସହସା ଏଥିପାଇଁ ଚିନ୍ତାର ସର୍ବାଧିକ କାରଣ ହୋଇଛି ଯେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏତେ ଶୀଘ୍ର ଆଫଗାନିସ୍ତାନରୁ ସଂପୂର୍ଣ୍ଣ ସେନା ପ୍ରତ୍ୟାହାର କରିନେବେ ବୋଲି କେବଳ ଘୋଷଣା କରିନାହାଁନ୍ତି, ବରଂ ତାହାକୁ ସାକାର କରିବାର ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଉଲ୍ଲେଖ ନିଷ୍ପ୍ରୟୋଜନ, ମାର୍କିନ୍ ଏବଂ ମିଳିତ ସେନା ହିଁ ୨୦୦୧ ମସିହାଠାରୁ ସେଠାରେ ସମସ୍ତ ସୁରକ୍ଷା ଦାୟିତ୍ୱ ବହନ କରିଆସୁଥିଲେ ଏବଂ ସେହି ଭରସାରେ ଭାରତ ସେଠାରେ ଆଫଗାନିସ୍ତାନ ପୁନଃନିର୍ମାଣ ପ୍ରକ୍ରିୟାରେ ପ୍ରାୟ ୩୦୦କୋଟି ଡଲାର ମୂଲ୍ୟର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। କେବଳ ସେତିକି ନୁହେଁ, ଏହି କାର୍ଯ୍ୟ ସକାଶେ ସେଠାରେ ବହୁ ଭାରତୀୟ କମ୍ପାନୀମାନଙ୍କର ହଜାର ହଜାର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ। ଭାରତ ଚାହିଁଲେ ସୁଦ୍ଧା ସେଠାରୁ ରାତାରାତି ସେସବୁ ବନ୍ଦ୍ କରି ଫେରି ଆସିପାରିବ ନାହିଁ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ୨୦୧୭ ମସିହାରେ ଯେତେବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଲିବାନ ଗୋଷ୍ଠୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ଆରମ୍ଭ କଲେ, ସେତେବେଳେ ଏଭଳି ଆଲୋଚନା ଓ ତାଲିବାନ ଗୋଷ୍ଠୀଙ୍କଠାରୁ ଭାରତ ନିଜକୁ ନିରାପଦ ଦୂରତାରେ ରଖିଥିଲା। ଯେଉଁ ତାଲିବାନଙ୍କୁ ସମୂଳେ ବିନାଶ କରିବା ସକାଶେ ମାର୍କିନ ସେନା ସେ ଦେଶକୁ ଯାଇଥିଲେ, ଦୀର୍ଘ ଦୁଇ ଦଶନ୍ଧିରେ ରକ୍ତାକ୍ତ ସଂଘର୍ଷ ପରେ ଯେତେବେଳେ ସେହି ଶତ୍ରୁପକ୍ଷଙ୍କ ସହ ସେମାନେ ଶାନ୍ତି ଆଲୋଚନାରେ ନିଭୃତରେ ମିଳିତ ହେଲେ, ସେଥିରୁ ଭାରତ କିଛି ଶିକ୍ଷା ଲାଭ କରିବାର ଥିଲା। ଏବେ ବିଳମ୍ବରେ ତାଲିବାନଙ୍କ ସହ କଥାବାର୍ତ୍ତା ହେବାପାଇଁ ଭାରତ କରୁଥିବା ପ୍ରୟାସ ନିଷ୍ଫଳ ହେବା ସୁନିଶ୍ଚିତ। ବରଂ, ପାକିସ୍ତାନର ପ୍ରଚ୍ଛନ୍ନ ସହାୟତାରେ ତାଲିବାନ ଗରିଲାମାନେ ବର୍ତ୍ତମାନ ଭାରତୀୟ ପ୍ରକଳ୍ପ ଓ ନାଗରିକଙ୍କୁ ଟାର୍ଗେଟ କରୁଥିବା ଶୁଣିବାକୁ ମିଳେ। ସେହିଭଳି ଏଲଓସି ପାର କରାଇ ଭାରତ ଭିତରକୁ ପ୍ରବେଶ କରାଇବା ନିମନ୍ତେ ପାକିସ୍ତାନୀ ସେନା ତାଲିବାନ ଗରିଲାମାନଙ୍କୁ ଗୁପ୍ତରେ ତାଲିମ ଦେଉଥିବା ଗୁଇନ୍ଦାଦ ରିପୋର୍ଟ ମିଳୁଛି। ତେଣୁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଯେଉଁ ଦୃଢ଼ୋକ୍ତିର ସହ ଦୁଶାୟେଠାରେ କହିଛନ୍ତି ଯେ, ଆଫଗାନିସ୍ତାନର ଭବିଷ୍ୟତ ଏହାର ଅତୀତକୁ ନେଇ କଳ୍ପନା କରାଯାଇପାରିବ ନାହିଁ, ତାହା ଭାରତର ଆଭିମୁଖ୍ୟ ହୋଇପାରେ। କିନ୍ତୁ ବାସ୍ତବତା ଯେ ଭିନ୍ନ ତାହା ଜଳଜଳ ହୋଇ ଦୃଶ୍ୟମାନ। ଭାରତ ଏବେ ଆଫଗାନିସ୍ତାନକୁ ପ୍ରତ୍ୟକ୍ଷ ସାମରିକ ସହାୟତା ମଧ୍ୟ ଦେବା ସମ୍ଭବପର ନୁହେଁ। ଅପରପକ୍ଷେ, ନିଜର ନାଗରିକମାନଙ୍କୁ ସୁରକ୍ଷା ଦେବା ଦାୟିତ୍ୱ ଭାରତ ମୁଣ୍ଡରେ ବୋଝ ହେବାରେ ଲାଗିଛି। କାରଣ, ଆଫଗାନ ସେନା ନିଜ ରକ୍ଷଣ ଅସମ୍ଭାଳ ବୋଲି ବିଚାର ଅନ୍ୟତ୍ର ପଳାୟନ କରିବାରେ ବ୍ୟସ୍ତ। ଅଗଷ୍ଟ ୩୧ ତାରିଖ ଆଉ ବେଶୀ ଦିନ ନାହିଁ। ସେପରି ସ୍ଥଳେ ଆଫଗାନିସ୍ତାନକୁ ନେଇ ଏବେ ଭାରତ ପାଇଁ ଏକ ବିଚିତ୍ର ସଂକଟ ଉପୁନ୍ନ ହୋଇଛି। ସେଥିରୁ ଉଦ୍ଧାର ପାଇବାର ପଥ ଯେତେ ଶୀଘ୍ର ବାହାରିବ, ସେତେ ଭଲ।

## କବିତା କୋଣାର୍କ

### କରୁଛି ଜଣାଣ ପତିତପାବନ...

ଶୁଭନାରାୟଣ ଶତପଥୀ

ରଥେ ବାମନ କି ସୁନ୍ଦର!
କିଏ ସେ ଜାଣେ ତା ହୃନ୍ଦର ?
ଭକ୍ତ ସାଲେବଗ
ଡାକିଦେଲା ବୋଲି
ଚକ ଗଡିଲାନି ରଥର।
ଦାସିଆ ହାତରେ ନଡିଆ
ଭକତି ତା ଭାରି ବଢିଆ
ଶ୍ରଦ୍ଧାରେ ଶ୍ରୀଫଳ
ଟେକିଦେଲା ସିଏ
ତା ହାତରୁ ନେଲା କାଳିଆ।
ଭକ୍ତ ପ୍ରାଣ ମଧୁସୂଦନ
ଭକତର ହୃଦ ଚନ୍ଦନ
ବଳରାମ ଦାସ ଭକତି ବଳୁଆ
ବାଲିରଥେ ହେଲ ଆସୀନ।
ଭକ୍ତ ପ୍ରେମ ସଦା ବାଇଆ
ନାହିଁ ତାର ଛୁଆଁ-ଅଛୁଆଁ
ମନ ଯୋଡି ଥାଏ ଭାବ-ଭକତିରେ
ବିପତିରେ ହୁଏ ସେ ଠିଆ।
ରଥେ ରଥାରୂଢ କାଳିଆ
ସଙ୍ଗେ ସୁଭଦ୍ରା ଓ ବଳିଆ
ହୁଏ ରଥଯାତ, ମନା ତୋର ଦାଣ୍ଡ
କପଟ କରିଛୁ ତୁ କିଆଁ।
ମୁଁ ନୁହେଁ ଦାସିଆ, ବଳିଆ
ନହୁଁ ସାଲେବଗ ଭଳିଆ
ତଥାପି ଜଣାଣ ପତିତପାବନ
କରୋନା ଛାଡୁ ଏ ଦୁନିଆଁ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

# ଦଶମୀ ତିଥିରେ ମହାନ ଯାତ୍ରା - ବାହୁଡ଼ା ଯାତ୍ରା



ଅମୂଲ୍ୟ କୁମାର ପଣ୍ଡା

ଶ୍ରୀବିଗ୍ରହ ମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା କୁହାଯାଏ। ଏହି ଦିବସରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶରଧାବାଲିରେ ଅପେକ୍ଷା କରିଥିବା ତିନି ରଥରେ ଅଧିଷ୍ଠିତ କରାଯାଏ। ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଦିନ ସହ ଉକ୍ତ ଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ ହୋଇଥାଏ। ଗୁଣ୍ଡିଚା ମନ୍ଦିର ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସାତ ଦିନର ରହଣି କାଳର ସେବା ପୂଜା ଆଦି ସମସ୍ତ କର୍ମ ଶ୍ରୀମନ୍ଦିର ବିଧିବିଧାନ ଅନୁସାରେ କରାଯାଇଥାଏ। ଗୁଣ୍ଡିଚା ମନ୍ଦିର ପ୍ରବେଶଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ମଂଦିରରେ ଯେଉଁ ପ୍ରସାଦ ହୁଏ ତାକୁ 'ଆଡପ ଅବଢ଼ା' କୁହାଯାଏ ଭୋରରୁ ଠାକୁର ମାନଙ୍କର ମଙ୍ଗଳ ଆରତୀ, ବାଳଭୋଗ, କୋଠଭୋଗ, ଖେଚଡ଼ି ଭୋଗ, ତିନି ଧୂପ, ବଡସିଂହାର, ଦେଉଳ ଶୋଧ ଆଦି ପ୍ରତ୍ୟହିକ କର୍ମ ସମ୍ପାଦିତ ହୁଏ। ମହାପ୍ରଭୁଙ୍କର ରତ୍ନବେଦୀରୁ ଜନ୍ମବେଦୀର ସମ୍ପୂର୍ଣ୍ଣ ଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଏବଂ ବାହୁଡ଼ା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ।

ଦଶମୀ ତିଥିରେ ମହାପ୍ରଭୁଙ୍କ ମହାନ ପ୍ରତ୍ୟାବର୍ତ୍ତନର ଯେଉଁ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ ତାହାର ସମସ୍ତ ବିଧିବିଧାନ ଓ ଠାକୁର ମାନଙ୍କର ପୂଜା ଅର୍ଚ୍ଚନା ଠିକ୍ ଗୁଣ୍ଡିଚା ଯାତ୍ରା ଭଳି କରାଯାଇଥାଏ। ନବମୀ ଦିନ ରାତିରେ ବଡ଼ସିଂହାର, ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ଏହା ପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତସେବା କରିବା ସହିତ କୋଠ ସୁଆଁସିଆମାନେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି। ରାଘବ ଦାସ ମଠ ଦେଇଥିବା ଶୁକ୍ଳ ସଜକୁ ଦଇତା ସେବକମାନେ ଠାକୁରମାନଙ୍କୁ ଲାଗି କରାଇଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ସାହାର୍ଯ୍ୟରେ ପୂଜା ସମାପନ ହୋଇଥାଏ। ଏହା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ଗୁପ୍ତ ନୀତି କରିଥାନ୍ତି। ଉକ୍ତ କାର୍ଯ୍ୟ ଶେଷ ହେବାପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ତତ୍ପରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବା ପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ। ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିୟା ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି କରିଥାନ୍ତି। ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢାଇଥାନ୍ତି। ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ସ୍ୱ ସ୍ୱ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢିଥାଏ। ଉକ୍ତ ଦିନ ମଧ ଗଜପତି ବଡ଼ଶଙ୍ଖଠାରୁ ହସ୍ତୀ, ଛତି, କାହାଳୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ତାମଯାନ୍ରେ ବସି ଗୁଣ୍ଡିଚା ଘର ନାକଚଣା ଦ୍ୱାରଠାରେ ରହିଥିବା ରଥ ନିକଟକୁ ଆସିଥାନ୍ତି। ସେଠାରେ ଶ୍ରୀଗୁଣ୍ଡିଚା ଦିନ ପରି ତିନି ରଥରେ ଛେରା ପହଁରା କରିଥାନ୍ତି। ଛେରା ପହଁରା ନୀତି ସରିବା ପରେ ଭୋଇ ସେବକମାନେ ରଥରୁ ଚାରମାଳ ଖୋଲିବା ସଙ୍ଗେ ସଙ୍ଗେ ରୂପକାର ସେବକମାନେ ରଥରେ ଘୋଡ଼ା ବନ୍ଧାଯାଇ ଡାହୁକ ବସେ। ମହାରଣା ଓ ଭୋଇ ସେବକମନେ ରଥ ଦଉଡି ଲଗାଇବା ପରେ ରଥଟଣା ହୋଇଥାଏ। ମାଉସୀମା ମନ୍ଦିରରୁ ପୋଡ଼ ପିଠା ଭୋଗ ଖାଇସାରି ଶ୍ରୀଜଗନ୍ନାଥ ଶ୍ରୀମଂଦିର ଅଭିମୁଖେ ଯାତ୍ରା କରନ୍ତି। ଶ୍ରୀମଂଦିରକୁ ପ୍ରବେଶ ପାଇଁ ଶ୍ରୀଜଗନ୍ନାଥଙ୍କର ପହଣ୍ଡି ବିଜେ ହେଉ ହେଉ ସିଂହଦ୍ୱାରର ପ୍ରଧାନ ଫାଟକକୁ ମାଆ ଲକ୍ଷ୍ମୀ ଅଭିମାନରେ ବନ୍ଦ କରି ଦିଅନ୍ତି। ଅଭିମାନର କାରଣ ଶ୍ରୀଲକ୍ଷ୍ମୀଙ୍କୁ ଶ୍ରୀମଂଦିରରେ ଏକାକି ଛାଡିଦେଇ ମହାପ୍ରଭୁ ଭାଇ ଭଉଣୀଙ୍କୁ ସଙ୍ଗରେ ନେଇ ନବଦିନ ଯାତ୍ରା କରିଥିଲେ ବୋଲି। ସେବକ ମାନଙ୍କ ବଚନିକା ଜରିଆରେ ଜଗନ୍ନାଥେ ଲକ୍ଷ୍ମୀଙ୍କୁ ନାନା ଭାବରେ ବୁଝାଇ ରସଗୋଲା ଖୁଆଇ ମାଆଙ୍କର ମାନ ଭଞ୍ଜନ କରି ଶ୍ରୀମଂଦିରକୁ ପ୍ରବେଶ କରନ୍ତି। ଏଥିରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଉତ୍କଳର ନରନାରୀ ନିଜର ପରିବାରର ଲୋକ ଭାବରେ ଗ୍ରହଣ କରି ନେଇଛନ୍ତି ବୋଲି ମନେ ହୋଇଥାଏ ଓ ମହାପ୍ରଭୁ ଅବିକଳ ମଣିଷ ପରି ସ୍ନେହ, ଅଭିମାନ ପ୍ରକାଶ କରି ଚଳପ୍ରଚଳ ବୋଲି ବିଶ୍ୱାସ କରାଯାଏ। ତେଣୁ ମହାପ୍ରଭୁଙ୍କର ରଥଯାତ୍ରା ଓ ବାହୁଡା ଯାତ୍ରା ମଣିଷର ଜୀବନ ଚଳଣିର ଯାତ୍ରା ସହ ସାମଞ୍ଜସ୍ୟ ଥାଏ ବୋଲି ଜନମାନସରେ କଥିତ ଅଛି। ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ମୋ ଅନୁଭୂତିରେ ଜଗନ୍ନାଥଙ୍କ ରଥଯାତ୍ରା



ଡକ୍ଟର ଶ୍ରୀହରି ପଣ୍ଡା

ପୃଥିବୀର ସର୍ବଶ୍ରେଷ୍ଠ ରହସ୍ୟ ଯାହା କେତେ ମାନବ ସଭ୍ୟତା ଅତିକ୍ରାନ୍ତ ହେଲାପରେ ମଧ୍ୟ ଉନ୍ମଚିତ ହୋଇପାରି ନାହିଁ ତାହା ଶ୍ରୀଜଗନ୍ନାଥ। କେଉଁ ଅକଳ୍ପନୀୟ ସମୟରୁ ସିଏ ଏପରି ରୂପ ଧରି ଦାରବ ହୋଇଛନ୍ତି ତାହା ଜ୍ଞାନର ଅଗୋଚର। ବିଶ୍ୱର ସମସ୍ତ ଧର୍ମ, ସଂସ୍କୃତି ଓ ଚେତନାର ପଥ ଓ ମତ ତାଙ୍କରିଠାରେ ହିଁ ପୂର୍ଣ୍ଣଚ୍ଛେଦ ପ୍ରାପ୍ତ ହୋଇଛନ୍ତି। ତାଙ୍କର ରୂପକଳ୍ପନାରେ ସିଏ ଅତିନ୍ଦ୍ରୀୟ ଚେତନାର ସ୍ୱର୍ଶ ଦେଇଥାନ୍ତି। ପୂଣ୍ୟ ମହୋଦଧି ତଟ କଳ୍ପବଟ ମୂଳରେ ଅସ୍ଥାନ ଜମାଇ ସେ ହୋଇଛନ୍ତି ପତ୍ୟେକଟି ଓଡ଼ିଆଙ୍କର ସର୍ବମୟ କର୍ତ୍ତା, ସଖା, ସୁହୃଦ, ବନ୍ଧୁ ଓ ଅନ୍ତରଙ୍ଗ। ଏ ଜାତିର ପ୍ରାଣର ଆଧାର ହେଉଛନ୍ତି ଶ୍ରୀଜଗନ୍ନାଥ। ତାଙ୍କୁ ହିଁ ନେଇ ଓଡ଼ିଶାର ଦର୍ଶନ.ସଂସ୍କୃତି, କଳା, ସାହିତ୍ୟ, ଭାସ୍କର୍ଯ୍ୟ, ନୃତ୍ୟ, ଯାନି-ଯାତ୍ରା ଓ ପର୍ବ-ପର୍ବାଣୀର ସୃଷ୍ଟି। ତାଙ୍କ ସ୍ୱରୂପ ଅଚିନ୍ତ୍ୟ, ଅବ୍ୟକ୍ତ ଓ ରହସ୍ୟମୟ। ପଣ୍ଡିତ ଓ ଦାର୍ଶନିକ ମାନେ ତାଙ୍କୁ ଅନନ୍ତ, ଅକ୍ଷୟ, ଅବ୍ୟୟ, ଅବିନଶ୍ୱର, ପୁଣି ସାକାର ଓ ନିରାକାର ଭାବରେ ଚିତ୍ରଣ କରିଛନ୍ତି। ତାଙ୍କ ବିଷୟରେ ଯେତେ ଚିନ୍ତାକଲେ ସେ ସେତେ ନୂତନରୁ ନୂତନ ଭାବରେ ଅନୁଭୂତ ହୁଅନ୍ତି। ନଦୀ ଯେପରି ସମୁଦ୍ରରେ ମିଶିବା ପାଇଁ ପାଗଳଙ୍କ ପରି ସମସ୍ତ ବାଧାବିଘ୍ନକୁ ବେଖାତିର କରି ଲହୁଲୁହାଣ ହୋଇ ଆଗକୁ ମାଡ଼ିଚାଲେ ନିଜର ସତ୍ତା ହରାଇବା ପାଇଁ,ନିଜକୁ ବିଲୀନ କରିଦେବା ପାଇଁ ସେହିପରି ଭକ୍ତ ସମାଜ ଯୁଗଯୁଗ ଧରି ଶ୍ରୀକ୍ଷେତ୍ରକୁ ଧାଇଁ ଚାଲିଛନ୍ତି ସେହି ଅଦମ୍ୟ,ଅଲଂଘ୍ୟ ଆକର୍ଷଣର ବଶବର୍ତ୍ତୀ ହୋଇ ନିଜକୁ ତାଙ୍କ ସହିତ ବିଲୀନ କରିଦେବାର ମୋହ ନେଇ। ଜଗନ୍ନାଥ ଜଗତର ନାଥ। ଜଗତର ସୃଷ୍ଟି ସ୍ଥିତି ଲୟ ତାଙ୍କରି ଭିତରେ ବିରାଜମାନ। ଏ ଭଳି ଅସରନ୍ତି-ଅସୀମ ସତ୍ତାକୁ ଦେଖିବା ନିମନ୍ତେ ଯେଉଁ ଦୃଷ୍ଟିର ଆବଶ୍ୟକତା ଅଛି ବୋଧେ ସେ ଦୃଷ୍ଟି ଆମ ମାନଙ୍କର ନାହିଁ ତଥାପି ବି ଆମେ ଧାଇଁ ଚାଲିଛୁ ତାଙ୍କୁ ଜାଣିବାର ମୋହ ନେଇ, ତାଙ୍କୁ ବୁଝିବାର ଚେଷ୍ଟା ନେଇ। ମାତ୍ର ସମସ୍ତ ଚେଷ୍ଟା ଶେଷରେ ବ୍ୟର୍ଥ ଯାଏ। କେହି ତାଙ୍କୁ ଆଜିଯାଏଁ ବୁଝିନାହାଁନ୍ତି କାରଣ ସେ ଦୁର୍ବୋଧ୍ୟ। ରହସ୍ୟମୟ ଏହି କଳାଠାକୁରଙ୍କର ସ୍ୱରୂପ ଜାଣିବା ବଡ଼ କଷ୍ଟକର। ଜଗନ୍ନାଥଙ୍କୁ ନେଇ ପ୍ରତ୍ୟେକଟି ପ୍ରାଣ ଯେପରି ଉତ୍କଣ୍ଠିତ ମୋ ପ୍ରାଣ ମଧ୍ୟ ସେହିପରି ଉତ୍କଣ୍ଠିତ। ତାଙ୍କୁ ଅନେକଥର ଦେଖିଛି ନିକଟରୁ ପୁଣି ଦୂରରୁ। ମାତ୍ର ସବୁ ସମୟରେ ଅନୁଭୂତି ସମାନ। ଦୂରରେ ଯେପରି ଦର୍ଶନ ଦେଇଛନ୍ତି ନିକଟରୁ ମଧ୍ୟ ସେହିପରି ସମ୍ମୋହିତ କରିଛନ୍ତି ମୋ ପ୍ରାଣକୁ।

ଆମ ଶାସ୍ତ୍ରମାନେ ମତ ଦେଇଛନ୍ତି ରଥେ ତୁ ବାମନଂ ଦୃଷ୍ଟ୍ୱ ପୁନର୍ଜନ୍ମ ନ ଲଭ୍ୟତେ। ଥରେ ମାତ୍ର ରଥରେ ଜଗନ୍ନାଥଙ୍କୁ ଦର୍ଶନ କଲେ ସମସ୍ତ ଜୀବନର ପାପ ଧୋଇଯାଇ ମନୁଷ୍ୟ ନିର୍ମଳ ହୋଇଯାଏ ଏବଂ ତା'ର ପୁନର୍ଜନ୍ମ ହୋଇନଥାଏ। ରଥଯାତ୍ରା ହେଉଛି ଭକ୍ତ ଓ ଭଗବାନର ମିଳନର ଯାତ୍ରା। ବଡ଼ଦାଣ୍ଡ ହେଉଛି ସେହି ପବିତ୍ର ମିଳନର କ୍ଷେତ୍ର। ଏଠି ନଥାଏ ଜାତିର ବାରଣ। ସମସ୍ତେ ଏଠି ଜଗନ୍ନାଥମୟ ହୋଇ ଉଠନ୍ତି। ହିନ୍ଦୁ, ମୁସଲିମ, ଶିଖ ଏବଂ ଈଶାଇ ସମସ୍ତେ ଏଠି ସେହି ପରମ କାରୁଣିକ ଭଗବାନଙ୍କର ସାନ୍ନିଧ୍ୟ ପାଇ କୃତକୃତ୍ୟ ହୋଇ ଉଠନ୍ତି। ପରମାତ୍ମାଙ୍କ ସହିତ ଆତ୍ମାର ମିଳନ ହୁଏ। ଗୋଟିଏ ଜାତି ମଣିଷ ଜାତି ଏଠି ବିଶ୍ୱାସରେ ଏକାକାର ହୋଇଯାଆନ୍ତି। ଶ୍ରୀଚୈତନ୍ୟ କହିଯାଇଛନ୍ତି ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର। ସତରେ ବିଶ୍ୱାସରେ ହିଁ ଭଗବାନ ମିଳନ୍ତି। ମନରେ ବିଶ୍ୱାସ ନେଇ ଦାସିଆ ନଡ଼ିଆ ପଠାଇବାରୁ ତାକୁ ଭଗବାନ ଗ୍ରହଣ କଲେ, ଗଣପତି ଭଟ୍ଟଙ୍କ ଲାଗି ଗଣେଶ ବେଶ ହେଲେ, ବଳରାମ ଦାସଙ୍କ ବାଲିରଥରେ ଆରୁଢ ହେଲେ। ଏହିଭଳି କେତେ ଦୃଷ୍ଟାନ୍ତ ଆମ ପାଖରେ ଅଛି। ଭକ୍ତଙ୍କ ପାଇଁ ତ ସେ ରତ୍ନ ସିଂହାସନ ଛାଡ଼ି ଓହ୍ଲାଇ ଆସନ୍ତି ଧୂଳିଧୂସରିତ ବଡ଼ଦାଣ୍ଡକୁ। ଲୋକକଥାରେ ପ୍ରଚଳିତ ଅଛି, ଯାହାକୁ କାଳିଆର ଡୋରି ଲାଗିଲା ସେ ପୁରୀକୁ ଗଲା। ମାତ୍ର ଏକଥାର ସତ୍ୟତାକୁ ମାନିବାକୁ ଏ ଅଧମ ରାଜି ନୁହେଁ। ବରଂ ଏ ଅଧମ ଅନୁସାରେ ଯାହାକୁ ଭଗବାନ ଦେଖିବାକୁ ଚାହାଁନ୍ତି ତାକୁ ହିଁ ଡାକି ନିଅନ୍ତି ଦର୍ଶନ କରିବାକୁ। ଜଗନ୍ନାଥ କାହାରି ଜଣକର ନୁହଁନ୍ତି, ସେ ସମସ୍ତଙ୍କର। ଜଗତବାସୀଙ୍କୁ ଆଲିଙ୍ଗନ କରିବାକୁ ସେ ବାହୁ ପ୍ରସାରଣ କରି ରଖିଛନ୍ତି। ସମସ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ସେ ଚକାଡୋଳାରେ ପଲକ ପକାନ୍ତି ନାହିଁ। କାଳେ କେହି ଭକ୍ତ ତାଙ୍କ ଦୃଷ୍ଟି ଆଢୁଆଳରେ ରହିଯିବ ସେଇଥିପାଇଁ ସଦା ଜାଗ୍ରତ ଜଗନ୍ନାଥ। ଭକ୍ତଟିଏ ତାଙ୍କ ନିମନ୍ତ୍ରଣ ପାଇ ଘରୁ ବାହାରି ଘରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେ ହିଁ ବହନ କରନ୍ତି। ଏହିଭଳି ଅନୁଭୂତିଟିଏ ଏ ଅଧମର ଅଛି। ରଥଯାତ୍ରା ପୂର୍ବଦିନ ଘରୁ ବାହାରି ଯାଉ ସସ୍ତ୍ରୀକ ପୁରୀ ଅଭିମୁଖେ। ଭୁବନେଶ୍ୱରରୁ ଟ୍ରେନ ଯୋଗେ ପୁରୀରେ ପହଞ୍ଚି ବଡ଼ଦାଣ୍ଡରେ ଥିବା ଶରଧା ମଣ୍ଡପରେ ରହିଲୁ। କିଛି ସାଧୁମାନଙ୍କ ପ୍ରଚେଷ୍ଟାରେ ସେଠାରେ ଅନ୍ନ ମହାପ୍ରସାଦ ବିତରଣ ସହିତ ରାମଚରିତ ମାନସ ପାରାୟଣ ହୋଇ ଆସୁଅଛି। ବର୍ଷସାରା ବୁଲିବୁଲି ଯାହା ସାଧୁମାନେ ସଂଚୟ କରିଥାନ୍ତି ତାହାକୁ ଏଠାରେ ଜଗନ୍ନାଥଙ୍କ ଭକ୍ତଙ୍କୁ ଦାନ କରି ନିଜକୁ ନିସ୍ୱ କରିବାର ମହାନନ୍ଦରେ ଅବଗାହନ କରନ୍ତି। ସେତେବେଳକୁ ବଡ଼ଦାଣ୍ଡରେ ଭିଡ ପରିଲକ୍ଷିତ ହେଲାଣି। ସମସ୍ତଙ୍କ ମୁହଁରେ ଜୟ ଜଗନ୍ନାଥର ଧ୍ୱନି। ଆମ ପାଇଁ ସ୍ଥିର ହୋଇଥିବା ହୋଟେଲକୁ ନ ଯାଇ ଆମେ ସେହି ଆଶ୍ରମରେ ରହିଗଲୁ। ଅପୂର୍ବ ଥିଲା ସେ ମାହୋଲ। ସେ ସ୍ଥାନ ଛାଡ଼ି ହୋଟେଲକୁ ଯିବାକୁ ମନ ନ ବଳିବାରୁ ସେଠାରେ ରହିଗଲୁ। ଆଶ୍ରମ ମାହୋଲରେ ପୂର୍ବରୁ କେବେ ନଥିବାରୁ ତାହା ଆମ ନିମନ୍ତେ ନିଶ୍ଚୟ ଆନନ୍ଦର ସମୟ ଥିଲା। ରାତି କାଟିଲୁ ବହୁ ଉତ୍କଣ୍ଠାର ସହିତ। ରାତି ପାହିଲେ ଭଗବାନଙ୍କ ରଥଯାତ୍ରା। ଭକ୍ତଙ୍କୁ ଦର୍ଶନ କରିବାକୁ ଭଗବାନ ଆସିବେ। ଭକ୍ତଙ୍କୁ ଦେଖି ଭଗବାନ ବିହ୍ୱଳିତ ହେବେ। ଭକ୍ତଙ୍କ ପାଇଁ ଭଗବାନ ଧୂଳିଧୂସରିତ ହେବେ। ଆଖିକୁ ନିଦ ଆସିଲାନି। ସାଙ୍ଗ ଉଗ୍ରେସନକୁ ତା ପରଦିନ ଦିଅଁମାନଙ୍କର ପହଣ୍ଡି ଦେଖିବା ନିମନ୍ତେ ପରମାଣିକ ଟିକେଟ କରିବାକୁ ଅନୁରୋଧ କରିଥିଲେ ବି ସେ ଯୋଗାଡ଼ କରିବାକୁ ଅସମର୍ଥ ଥିଲା। ମନରେ ଟିକିଏ ଅଭିମାନ ଅସିଲା ଆମକୁ ଘରୁ ଡାକିନେଇ ଜଗନ୍ନାଥ ଦର୍ଶନ ଦେବାକୁ ଚାହୁଁନାହାଁନ୍ତି ଯଦି ଆମେ କ'ଣ କରିବା? ସକାଳେ ଆମେ ବଡ଼ଦାଣ୍ଡରେ ଟହଲ ମାରୁଥାଉ। ସକାଳ ବେଳକୁ ବଡଦାଣ୍ଡ ଚଳଚଞ୍ଚଳ ହୋଇସାରିଥାଏ। ଆମେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ନିକଟକୁ ଚାଲିଚାଲି ଯାଉଥାଉ। ବାଟରେ ବିଭିନ୍ନ ଅନୁଷ୍ଠାନ ମାନଙ୍କ ଦ୍ୱାରା ଚା,ପାଣି,ଟିଫିନର ବ୍ୟବସ୍ଥା ହୋଇଥାଏ। ଭକ୍ତଟିଏ ଓପାସରେ ଚାଲି ନଯାଉ ବୋଲି ପ୍ରଭୁଙ୍କର କେତେ ଚିନ୍ତା! ଆଷାଢ ମାସର ନଦୀବଢିପରି ମନୁଷ୍ୟମାନେ ସବୁ ଜୟଜଗନ୍ନାଥ ଧ୍ୱନି ଦେଇ ଶ୍ରୀମନ୍ଦିର ନିକଟକୁ ମାଡ଼ିଚାଲିଥାନ୍ତି। ଆମେ କିଛି ବାଟ ଯାଇଛୁ କି ନାହିଁ ମୋର ପୁରୁଣା ଆଣ୍ଠୁରୋଗଟି ବାହାରି ପଡିଲା,ଚାଲିବାକୁ ଅସମର୍ଥ ବୋଲି ଭାବି ଆମେ ଡାକ୍ତରଖାନା ଛକରୁ ଅଗତ୍ୟା ଫେରିଲୁ ମନରେ ଅବଶୋଷ ନେଇ। ଆଶ୍ରମରେ ପହଞ୍ଚିବାର କିଛି ସମୟର ପରେ ଉଗ୍ରେସନ ହଠାତ୍ ଫୋନ କରି ଜଣାଇଲା ତମେ ଶୀଘ୍ର ରଥ ଚକଡ଼ାରେ ପହଞ୍ଚ,ସେଠାରେ ମୋ ସାଙ୍ଗ ତମକୁ ଦୁଇଟି ପରମାଣିକ ଟିକେଟ ଦେବ। ଆମେ ଆଉ କାଳ ବିଳମ୍ବ ନକରି ବାହାରିପଡିଲୁ। ଆଶ୍ଚର୍ଯ୍ୟର କଥା କିଛି ସମୟ ପୂର୍ବରୁ ମୋର ହେଉଥିବା ଆଣ୍ଠୁବ୍ୟଥା ଆଉ ନଥିଲା। ମୋତେ ଲାଗୁଥିଲା ସତେ ଯେପରି ମୁଁ ଦୌଡ଼ି ଦୌଡ଼ି ଯାଇପାରିବି। ଆମେ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଟିକେଟ ଦୁଇଟିକୁ ସଂଗ୍ରହ କରି ଉଗ୍ରେସନ ସାହାଯ୍ୟରେ ଦକ୍ଷିଣ ଦ୍ୱାର ନିକଟରେ ପହଞ୍ଚି ଭିତରକୁ ପ୍ରବେଶ କଲୁ। ସେତେବେଳକୁ ମନ୍ଦିର ଭିତରେ ଭିଡ଼ ହୋଇସାରିଥିବାରୁ ଆମେ ସେହି ଲୋକଙ୍କ ପଛରେ ଛିଡ଼ା ହେଲୁ। ମନ୍ଦିରରେ ପହଣ୍ଡି ଆରମ୍ଭ ହୋଇସାରିଥାଏ ମାତ୍ର ଆମେ କିଛି ବି ଦେଖିପାରୁ ନଥାଉ। ମନରେ ଆସିଲା ମନ୍ଦିରରେ ପହଞ୍ଚି ମଧ ଆମେ ଦର୍ଶନ କରିବାକୁ ଅସମର୍ଥ !ସବୁ ତାଙ୍କରି ଇଛା। ହଠାତ୍ ମୁଣ୍ଡରେ ପଶିଲା ରୋଷଶାଳା ଦେଇ ଆମେ ଯଦି ଯାଇପାରିବା ସେଠାରେ ନିଶ୍ଚୟ ପହଣ୍ଡି ଦେଖିପାରିବା। ସେୟା ହିଁ ହେଲା,ରୋଷଶାଳା ଦେଇ ଆମେ ଯାଇ ବାଇଶି ପାହାଚ ଉପରେ ଛିଡ଼ା ହେଲୁ। ସେଠାରେ ଯଦିଓ ଭିଡ଼ ଥିଲା ସେଥିରେ ଆନନ୍ଦ ବଜାରରୁ ଆସିବା ମାର୍ଗଟି ପରିଷ୍କାର ଭାବରେ ପରିଦୃଷ୍ଟ ହେଉଥିଲା। ଆମେ ସେଠାରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରି ଛିଡ଼ାହେଲୁ। ସୁଦର୍ଶନଙ୍କ ପହଣ୍ଡି ସରିଯାଇଥାଏ। ବଳରାମ,ପରେ ମା ସୁଭଦ୍ରାଙ୍କ ପହଣ୍ଡି ପରେ ଶେଷରେ କାଳିଆ ସାଆନ୍ତେ ହଲିହଲି ଦୋହଲି ଦୋହଲି ବାଇଶି ପାହାଚକୁ ଆସିଲେ। ଟାହିଆର ଅପୂର୍ବ ଦୋଳନ ଆନନ୍ଦ ବଜାର ଫାଟକ ପାଖରେ ଦେଖାଯିବା ମାତ୍ରେ ଜୟ ଜଗନ୍ନାଥର ଧ୍ୱନି ସମଗ୍ର ପରିବେଶକୁ ଜଗନ୍ନାଥମୟ କରିଦିଏ। କାଳିଆ ସାଆନ୍ତ ଆସିବା ମାତ୍ରେ ସମସ୍ତେ ତାଙ୍କର ଟିକିଏ ଦର୍ଶନ ପାଇବା ନିମନ୍ତେ ବ୍ୟଗ୍ର ହୋଇ ଉଠନ୍ତି। ନିଜ ଭିତରେ ଟଣାଓଟରା ଆରାମ୍ଭ ହୋଇଯାଏ।

(ଅବଶିଷ୍ଟାଂଶ ପୃଷ୍ଠା ୫ରେ)

## କବିତା କୋଣାର୍କ

### ଫେରିବ କାଳିଆ

ଶରତ କୁମାର ଦାସ

ନଅଦିନ ପରେ ଫେରିବ କାଳିଆ
ହସିବ ରତନବେଦୀ,
ଝୁରୁଥିବ ଲୁହ ଗୁଣ୍ଡିଚାମନ୍ଦିର
ଝୁରିବ ଜନମବେଦୀ
ଆସିବ ହରଷେ ଧାଇଁ,
ମାଉସୀ ମାଆର ସେନେହ ଆଦର
କେବେ ଭୁଲିଯିବ ନାହିଁ।
ଆଡପ ମଣ୍ଡପ ଆଡପ ଅବଢା
ଭାବୁଥିବ ଜଗା ବସି,
ରହିଥିବ ଚାହିଁ ଆର ବରଷକୁ
ସୁଦିନ ପଡିବ ଖସି
ପୁଣି ସେ ଆସିବ ଝୁଲି,
ହରିବୋଲ ହୁଳହୁଳି ଶବଦରେ
ବଡଦାଣ୍ଡ ଯିବ ଫୁଲି।
ଶରଧାବାଲିରୁ ବଡଦେଉଳକୁ
ପଡିଥିବ ପାଦଚିହ୍ନ,
ସେଇ ପାଦଚିହ୍ନ କେତେ ମନଲୋଭା
ଦିଶୁଥିବ ରାତିଦିନ
ସେଇ ବାଲି ବୋଳିଦେଇ,
ଭକତଙ୍କ ମନ ହେବ ପୁଲକିତ
ନାଚୁଥିବେ ଥେଇଥେଇ।
ଶିରୀମନ୍ଦିରକୁ ଫେରିବେ ଠାକୁର
କୋଳାହଳ ଶୁଭୁଥିବ,
ମାଆ ଲକ୍ଷ୍ମୀଙ୍କର ଅଭିମାନ ଭାଙ୍ଗି
ଜଗା ଧୀରେ ପଶୁଥିବ,
ଘଣ୍ଟ ଘଣ୍ଟା ବାଜୁଥିବ
ଦେବଦାସୀଙ୍କର ନୂପୁର ଶବଦ
ମନକୁ ତ ମୋହୁଥିବ।

+ବଡବିଲ ମହାବିଦ୍ୟାଳୟ, ବଡବିଲ
କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ହେ ମହାବାହୁ

ପୁଷ୍ପାଞ୍ଜଳି ମିଶ୍ର

ହେ ମହାବାହୁ ହେ ମହାବାହୁ
ପଥହରା ଏକ ପଥିକଟିଏ ମୁଁ
ଚାଲେ ମାୟା ବାଡି ଧରି
ଘନ କୁହୁଡ଼ିରେ ପହଁରୁଥାଏ
ଆଶା ମରୀଚିକା ପରି
ଜୀବନ୍ତ ଶବ ମୋ ଜୁଇରେ ଜଳି
ଲୁହରେ ଭିଜେ କୋହରେ ସିଝେ
ଜଳନ୍ତା ମନ ମୋ ସପନେ ଖେଳି
ହସଟେ ଖୋଜେ ଲୁହରେ ଭିଜେ
ଦୁଃଖ ଦରିଆରେ
ବୁଡି ମୁଁ ଯାଉଛି
ଉଦ୍ଧାର କର ହେ ହରି
ଦୁନିଆକୁ ଯାଏ ଡରି
ଅଢେଇ ଦିନର ଅଭିମାନ ମନ
କେତେ ଖେଳ ଖେଳି ଯାଏ
ସେନେହ ବଂଧନ ହିଂସା ପର ମନ
ମାଟି କୋଳେ ଖେଳି ଯାଏ
ଅନ୍ତର କୋଳେ ଆତ୍ମା ରାଣୀ
ସପନ ଦିଏ ସପନ ନିଏ
ଆଦର ବିହୁନେ ପଲକ ପୁଣି
ପଚାରେ କିଏ
ନିଦରେ ଶୁଏ
ମାୟା ଶ୍ରୋତ କରି ପାରି
ଦୁନିଆକୁ ଯାଏ ଡରି
ହେ ମହାବାହୁ କର ମତେ ପାରି

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୭୬୪୩୯୨୧

### ବାହୁଡ଼ା ଯାତ୍ରା

ରମାକାନ୍ତ ଦାସ

ଶ୍ରୀଗୁଣ୍ଡିଚା ଲୀଳା ଖେଳା ଶେଷକରି
ଖାଇସାରି ପୋଡ଼ ପିଠା
ରଥେବସି ବାହୁଡ଼ି ଆସୁଛନ୍ତି
ଜଗତ କରତା।
ଜନମ ବେଦୀରୁ ବାହୁଡ଼ିବେ ପ୍ରଭୁ
କରମ ବେଦୀକୁ
ରଥେବସି ଆସିବେ ପ୍ରଭୁ
ଶ୍ରୀକ୍ଷେତ୍ର ଧାମକୁ।
ଜଗା, କାଳିଆ ଓ ସୁଭଦ୍ରା
ତିନି ରଥେ ବିଜେ କରି
ଶରଧା ବାଲିରୁ ବଡଦେଉଳକୁ
ପୁନଶ୍ଚ ଆସନ୍ତି ଫେରି।
ନଅଦିନ ରହି ମାଉସୀ ମା ଘରେ
ଆଡପ ଅଭଡ଼ା ଖାଇ
ପୋଡ଼ପିଠା ଖାଇ ଫେରି ଆସୁଛନ୍ତି
ଭାଇ ଭଉଣୀଙ୍କୁ ନେଇ।
ହରିବୋଲ ସାଥେ ହୁଳହୁଳି ଶୁଭେ
ସମସ୍ତେ ହାତ ଯୋଡନ୍ତି
ଛୁଆଁ ଅଛୁଆଁର ଭେଦଭାବ ନାହିଁ
ସମସ୍ତେ ରଥ ଟାଣନ୍ତି।
ମାଉସୀ ମା ଘରୁ ଫେରି ଆସନ୍ତି
ଚତୁର୍ଦ୍ଧା ମୁରତି
ଶ୍ରୀକ୍ଷେତ୍ରରେ ପହଞ୍ଚି ଯାଇ
ବଡଦାଣ୍ଡେ ଦରଶନ ଦିଅନ୍ତି।

+ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ:୯୬୬୮୮୧୫୩୬୯



## ସନେଟ୍ : ଭାରି ମନେପଡେ
### ବୃନ୍ଦାବନ ଦାସ



କେବେ କେଉଁ ବିଜନ ବେଳାରେ ଯେବେ ସିଏ ଭାରି ମନେପଡେ
କେତେସ୍ମୃତି ଅଚାନକ ଶର ହୋଇ, ହାୟ ! ହୃଦୟକୁ ଫୋଡେ
ଭୁଲି ତ ହୁଏନି ତାକୁ ସେ ଯେ ଦିନେ ଥିଲା ଅତି ଆପଣାର
ମଧୁ ଗୁଞ୍ଜରଣେ ଭରୁଥିଲା ମୁହୂର୍ତ୍ତକୁ, ଏକା ନିରନ୍ତର ।

ତା' ମୁହଁର ସୁଢଳ ଜହ୍ନରେ ଜୋଛନାର କେତେକେତେ ଢେଉ
ମନେ ରଚୁଥିଲା ସପନର ଅଭିସାର, ପ୍ରୀତି ହାଉଯାଉ
ମଳୟର ଅଦୃଶ୍ୟ ଛୁଆଁରେ ପୁଲକିତ ଫୁଲେଇ ଫଗୁଣ
ଆଞ୍ଜୁଳା ଆଞ୍ଜୁଳା ଫୁଲରେ ସଜଉଥିଲା ଭୂଇଁଠୁ ଗଗନ ।

ଆଜି ସିଏ କେତେଦୂରେ କାହା ଅଗଂନରେ ଦୀପ ହୋଇ ଜଳେ
ସେଠି ଆଲୁଅରେ ଝଳେ କିଏ କେତେ, ମୁଁ ଏଠି ଅନ୍ଧାରରେ ଭାଳେ
ସେଠି ସିଏ ହସହୋଇ ଆଜି କା' ଓଠରେ, ଫୁଲ ପରି ଝରେ
ମୁଁ ଝରାପତ୍ର ମର୍ମର ହୋଇ ଛାତିତଳ କୋହକୁ ବିତରେ ।

ଜାଣେ, ଧରାଛୁଆଁ ଦେବନାହିଁ ସ୍ମୃତିସିକ୍ତ ଅଫେରା ଅତୀତ
ହେଲେ ତା' ଅପେକ୍ଷାରେ ରହିଥିବି ମୁଁ, ଧରି ବିରହର ହାତ ।


+ ଅଧ୍ୟାପକ , ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
(ମୋ) ୯୭୭୭୮୪୩୦୩୧


## ଈଶ୍ୱର ତୁମେ କେଉଁଠି ?
### ଡ.ମନୋରଞ୍ଜନ ବିଷୋୟୀ



ଜନ୍ମ ପୂର୍ବରୁ ତ
ସବୁ ହିସାବ ନିକାଶ ସରିଥାଏ
ତଥାପି କାହିଁକି ମଣିଷର
ଏତେ ଅଭାବ ରହିଯାଏ ?
ସର୍ବଦା ସେ ତୁମକୁ ଖୋଜୁଥାଏ
ଆଉ ପାଇଗଲେ ତୁମକୁ
କିଛି ମାଗିବ ବୋଲି
ମନେ ମନେ ମସୁଧା କରୁଥାଏ ।

ତେଣୁ ତ ତୁମକୁ ଖୋଜିବାକୁ
ଏ ମନ୍ଦିରରୁ ସେ ମନ୍ଦିର
ସେ ଘୂରି ବୁଲୁଥାଏ ।
ଆଉ ଆତୁର ଡାକରେ ଡାକି
ହାତ ପାତି କେତେ କ'ଣ ମାଗୁଥାଏ ।
ତଥାପି ସେ କ'ଣ କିଛି ପାଏ ?
ନା' ତାର ଆତ୍ମାର କାକଳି
ତୁମ ପାଖରେ ପହଞ୍ଚୁଥାଏ ?
ମାଗୁଥିବା ଜିନିଷ ନପାଇ

ତା' ମନ କେବଳ
ରାଗ ଅଭିମାନରେ ଭରି ରହିଥାଏ ।
କାରଣ ମାଗୁଥିବା ସବୁକିଛି ପାଇଗଲେ
କେହି କ'ଣ ତୁମକୁ ଖୋଜୁଥାନ୍ତା ?
ନା' ତୁମ ମନ୍ଦିରକୁ ଆସୁଥାନ୍ତା ?

ତେଣୁ ତ ତୁମେ ଈଶ୍ୱର
ଆମେ ମଣିଷ
ନ ହେଲେ ଏ ମଣିଷ
କେବେଠୁ ତୁମ ଜାଗା ମାଡ଼ି ବସିଥାନ୍ତା ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମ ପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
( ମୋ) ୮୮୯୫୧୪୧୭୨୭


## ବାଲିଚୁଆଁ...
### ପ୍ରଶାନ୍ତ କୁମାର ଦାଶ



ଆକାଶରେ ଉଡି ଉଡି ଥକିଗଲା ପରେ
ଘରକୁ ହିଁ ଫେରିବାକୁ ହୁଏ ।

ଘର, ନିର୍ଭେଜାଲ୍
ପ୍ରେମ ପାଝୁରୁଥିବା ବାଲିଚୁଆଁ,
ପୃଥିବୀସାରା ପ୍ରେମ ଖୋଜି ସାରିଲା ପରେ
ଯୋଉଠି ପହଞ୍ଚି ଆଶ୍ୱସ୍ତିର ନୀଳ
ନିଶ୍ୱାସ ନେଇହୁଏ
ଓ ପୂର୍ଣ୍ଣତାରେ ଜିଇଁହୁଏ ବାକିତକ ଆୟୁଷ ।

ଖରାରେ ଆତ୍ମୀୟତାର ଛାଇ
ବର୍ଷାରେ ବିଶ୍ୱାସର ଛତା
ଶୀତରେ ସ୍ନେହର ଚାଦର,
ସବୁକିଛି ସେଇ ଚାରିକାନ୍ଥ ଭିତରେ ।

ଘର ଭିତରେ ଥାଏ ଆଉ ଗୋଟେ ଘର,
ସେ ଘରେ ଅହରହ ଚାଲିଥାଏ ମହାଯଜ୍ଞ,
ପ୍ରେମ ପୂଜକ ହୋଇ, ଯଜ୍ଞକୁଣ୍ଡରେ
ଛନ୍ଦ-କପଟ-ଛଳନାମାନଙ୍କୁ
ଦେଉଥାଏ ଆହୁତି ।

ଘର ବାହାରେ
ଭୟ ଭାରି ଭୟାନକ ଦିଶେ,
ସେଇ ଭୟର ପାଦ କିନ୍ତୁ
ଘରର ଏରୁଣ୍ଡି ପର୍ଯ୍ୟନ୍ତ ବି ପହଞ୍ଚିପାରେନା;
ଅଦୃଶ୍ୟ ଆଶୀର୍ବାଦର ଆଖି ଚାରିପାଖେ
ଦେଉଥାଏ ପହରା ।

ସ୍ନେହ-ଶ୍ରଦ୍ଧାର ଧୂପ, ଦୀପ, ନୈବେଦ୍ୟରେ
ଘର ବାସୁଥାଏ ମନ୍ଦିର ମନ୍ଦିର,
ଆକାଶରେ ଉଡି ଉଡି ଥକିଗଲା ପରେ
ଆକାଶରୁ ଶୂନ୍ୟବାଣୀ ହୁଏ, ଏଇତ
ପ୍ରେମ ପାଝୁରୁଥିବା ବାଲିଚୁଆଁକୁ ଫେରିବାର
ଅମୃତ ବେଳ ।


+ ରେଗଡା, ଏମ୍. ରାମପୁର, କଳାହାଣ୍ଡି
(ମୋ) ୭୭୩୫୪୧୯୫୭୩


## ମଉସୁମୀ ତୁମେ ଆସ
### ଅଶୋକ କୁମାର ପ୍ରଧାନ



ଥିରି ବାଆ ସାଥେ ମଉସୁମୀ ଆସ
ହସ ଭରି ତୁମ ମୁଖରେ
ତୁମ ପାଇଁ ଆମେ ସହିଲୁଣୁ ପରା
କେତେ ତାତି ଖରା ଦୁଃଖରେ ।

ତୁମେ ପାଦ ଦେଲେ ଏ ଧରା ଧାମରେ
ହସି ଉଠିବ ଏ ଧରଣୀ
ଗଛ ଲତା ନୂଆଁ ଜୀବନ ପାଇବେ
ପୂରା ହେବ ହ୍ରଦ ସରଣୀ ।

କୃଷକ ଭାଇ ଏ ମନ ହରଷରେ
କାମ ପାଇଁ ଯିବେ କ୍ଷେତକୁ
କାଳିଆ ପାଖରେ ଜଣାଇବେ ଦୁଃଖ
ଚାହିଁ ତା ପାବନ ନେତକୁ ।

ଓଳିଆରୁ ପାଣି ଝରୁଥିବେ ହସି
ଗାଇ ଟୁପୁଟାପ ଗୀତରେ
ପିଲେ ଭସେଇବେ କାଗଜ ଡଙ୍ଗାକୁ
ବସି ସାଥି ମେଳେ ମିତରେ ।

ବେଙ୍ଗୁଲୀ ରାଣୀର କେଁ କଟର ଡାକେ
କମ୍ପି ଉଠୁଥିବ ଧରଣୀ
ନାବିକ ଭାଇ ଏ ଘାଟେ ମେଲିଲେଣି
କାତ ସାଥେ ତା'ର ତରଣୀ ।

ମଉସୁମୀ ଦେଖି ପକ୍ଷୀ ଦଳ ଏବେ
ଗଛେ ମେଲିଲେଣି ସଭାକୁ
ନାନା ଜାତି ଫୁଲ ସରାଗରେ ଫୁଟି
ମାଖି ହୋଇଲେଣି ଗଭାକୁ ।

ମହ ମହ ବାସ ଝରୁଛି ସବୁଠି
ପୁଲକିତ ଭରେ ମନରେ
ଅବୁଝା ପିଲାକୁ ବରଷା ଦେଖାଇ
ମାଆ ଗପ କହେ ଧନରେ ।

ମଉସୁମୀ ତୁମ ଆଗମନ ଦେଖି
କୁନା ରୁନା ମନ ଚଞ୍ଚଳ
ସବୁ ମନେ ତୁମେ ଆଶା ଭରିଦିଅ
ଜଡକୁ କରୁଛ ସଚଳ ।


+ ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ଗଞ୍ଜାମ
(ମୋ) ୮୨୪୯୧୧୯୧୩୦


## ଜୀବନ
### ସ୍ନିଗ୍ଧା. ଜି. ମହାପାତ୍ର



ଜନ୍ମ ମୃତ୍ୟୁର ବ୍ୟବଧାନ ମଧ୍ୟରେ
ରକ୍ତ ମାଂସ ଶରୀରର ପଞ୍ଜରା ଭିତରେ
ବହୁଥିବା ନିଃଶବ୍ଦ ପବନ ତ ଜୀବନ...

ଏହା ସୁଖ ଦୁଃଖର ଫେଣ୍ଟାଫେଣ୍ଟି
ଏକ ଅପୂର୍ବ ରସାୟନ..
ଦୁଃଖକୁ ଆଉଟି ଆଉଟି ସୁଖ
ସାଉଁଟିବା ଏହାର ମୁଖ୍ୟ ଅଭିଯାନ ...

ସଂସାର ବେଳାରେ ସମୟର ପାଦ ଥାପି
ଚାଲିଥାଏ ଆଗକୁ ଆଗକୁ..
କେବେ କେବେ ବାଟ ସରିବା ଆଗରୁ
ଅଟକିଯାଏ ନ କହି କାହାକୁ..
ଜୀବନ ଥିବା ନ ଥିବା ତ
ବାଦଲ ତଳର ଜହ୍ନ ପରି
ଏଇ ଅଛି ଏଇ ନାହିଁ....
ତଥାପି ପ୍ରୟାସ ତାର ସଭିଙ୍କୁ
ବାନ୍ଧି ରଖିବା ପାଇଁ...


+ ବାରିପଦା, ବିଜୟରାମଚନ୍ଦ୍ର ପୁର,
(ମୋ)୯୪୩୭୬୧୫୨୨୧


## ଫର୍ଦ୍ଦେ କାଗଜ...
### ଡଃ ମାଙ୍ଗଳିକା ମହାପାତ୍ର



ନିଦ ହଜାଏ ତୁମ
ଫର୍ଦ୍ଦେ କାଗଜ ...
ଯୋଉଥିରେ ଲେଖିଥାଅ
ଯେତେ ଆଜେବାଜେ କଥା

ପିଲାବେଳ ..
ବାଲି ଘର
ବେଳାଭୂମି
ବତୁରା ଶ୍ରାବଣ
ଖରାବେଳ କଥା
ବୈଶାଖର ଆମନ୍ତ୍ରଣ
କୃଷ୍ଣଚୂଡ଼ା ଗଛର ଛାଇ
ପଡିଶା ଘର ଝିଅ
କାହା ସାଥେ ଚାଲିଯିବା କଥା

ଏଇ ସବୁ ଲେଖା ଥାଏ
ଫର୍ଦ୍ଦେ କାଗଜ ତ ନୁହେଁ
ମହଣେ ଓଜନ ସେ
ଭାରି ଭଲ ଲାଗେ
ମନେ ପଡେ
ତୁମ କଥା ଏବେ ଖାଲି
ଭୋର ବେଳା ନିଦରେ ।


+ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ


## ବର୍ଷା
### ସଂଜୀବ କୁମାର ଦାଶ



ଚୁନାଫୁଲ ବୁଣିଯାଏ ଗଦଗଦ ଆକାଶ
ଝରିଯାଅ ରିମଝିମ ରିମଝିମ...
ଏ.. ବିରହୀ ମନର ପ୍ରିୟା !
ସ୍ମିତମନ୍ଦ ହସେ ତୁମ ସ୍ୱର୍ଗ ବି ନିନ୍ଦିତ !
ବିସ୍ମୟ ରୋମାଞ୍ଚେ, ଦେହ ପ୍ରାଣ ପୁଲକିତ ।

କେବେ ଆସ ରୁଣୁଝୁଣୁ ଭାବ ମସଗୁଲ....
ପିନ୍ଧି ସାଜି ଘାଗରା ଘୁଙ୍ଗୁର,
ଆଖିର ଝଲକ କଳା ଓଢଣୀର ଫାଙ୍କେ
ଝରଝର ପୀରତିର ଅସରା ଆଳାପ,
ନୃତ୍ୟରେ ଛନ୍ଦରେ, ପ୍ରେମୀ ଯୁଗଳ ବିଭୋର !

ମିଳନର ମଧୁର ଲଗନ,
ତନୁ ମନ ଅବସନ୍ନ....
ଅଭିମାନେ ଥରେ ଥରେ ଶର ବର୍ଚ୍ଛା ବର୍ଷା,

ଚପଳା ଚମକେ, ଭୈରବୀ କୁହାଟ,
ଇତସ୍ତତ କୂଳବନ୍ଧ ବାଡ଼ିଘର,
ଭୁଲି ରାଗରୁଷା କିଛି ମୁହୂର୍ତ୍ତର,
ଫେରିଥାଅ ପୁଣି ପ୍ରେମ ଚିରନ୍ତନୀ,
ଗାଏ ଆବାହନୀ ପ୍ରକୃତି ପୁରୁଷ..


+ ପ୍ରାଧ୍ୟାପକ, ପଦାର୍ଥବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
(ମୋ) ୯୪୩୭୭୩୯୫୭୭


## ଆଜି ପୁଣି ମୁକ୍ତିର ମଶାଲ ଲୋଡା...
### ଅନସୂୟା ପଣ୍ଡା



ତୁମେ ଭାଙ୍ଗିଥିବା ଛୁଆଁ ଅଛୁଆଁର ପାଚେରୀ
ପୁଣି ଅଙ୍କୁରିତ କରୋନାର ଛତ୍ର ଛାୟାରେ
ମଣିଷର ଜୈବିକ ଯୁଦ୍ଧରେ
ଆଜି ପୁଣି ତୁମେ ଲୋଡା ମୁକ୍ତିର ମଶାଲ
ଜାଳିବା ପାଇଁ
ଭାରତର ତ୍ରସ୍ତ ଜୀବନ ଧାରାରେ ।

ଆଜି ପୁଣି ସାରା ବିଶ୍ୱ ପରାହତ
ମଣିଷର ଆଣବିକ ଯୁଦ୍ଧରେ
ଶାଖା ମେଲିଥିବା ଗଛଟା ଜରା ଜୀର୍ଣ୍ଣ ଦିଶିଲାଣି
ଉପେକ୍ଷିତ ସବୁରି ସ୍ତରରେ ।

ବନ୍ଦ ବନ୍ଦରେ ଅଭାବି ଜୀବନ ଘୁଷୁରୁଛି
ଏକ ପଙ୍ଗୁ ମାନସିକତାରେ
ଶୋଷ, ଶୋଷ ହେଇ ଶୁଷ୍କ କରୁଛି ଗ୍ରନ୍ଥି ସ୍ନାୟୁ
ସପନ ଆଉ ଆଶାର ଆୟୁ ସବୁ
ପତ୍ର ଫୁଲ ଫଳ ସବୁ ଝଡିଗଲାଣି ।
ସ୍ୱଚ୍ଛତାରେ ଆଦ୍ରର୍ତା କମିଗଲାଣି
ଜିଆ ଜୋକ ଗେଣ୍ଡାଙ୍କର ମାଟିଦେହେ ଖେଳ

ପୁରା ସବୁଜିମାକୁ ନିଷ୍ଫଳ କଲାଣି
ସାରା ପୃଥିବୀର ଛାତି ଉପରେ
ନର ଭକ୍ଷୀ ରାକ୍ଷସର ଭିଡ ଜମିଲାଣି ।

ମଶାମାନଙ୍କ ପରି ଘୂରୁଛନ୍ତି ରକ୍ତ ଶୋଷିବାକୁ
ବ୍ୟଭିଚାରୀ ଶୋଷକ ଗୋଷ୍ଠୀ
ଯାହା ପାଖରେ ସୁପ୍ତ କାନ ନାକ ଆଖି
କେବଳ ଯାହା ଇନ୍ଦ୍ରିୟମାନେ
ଜାଗ୍ରତ ବୁବୁକ୍ଷୁ......... ।


+ ୫ଆର/୧, ଇଞ୍ଜିନିୟରିଂ କଲେଜ,
ବୁର୍ଲା, କଲୋନୀ, ସମ୍ବଲପୁର, ଓଡିଶା,
୭୬୮୦୧୮,
(ମୋ)୯୪୩୯୨୧୧୯୭୧


## ଲୁହ
### ସିଦ୍ଧେଶ୍ୱର ତ୍ରିପାଠୀ



ଦୁଇ ଧାର ହୋଇ ବହିଯାଏ ସିଏ
ଅମାନିଆ ନଈ ପରି
ଅଚାନକ ଆସେ ଅଟକି ହୁଏନି
ନିମିଷକେ ଯାଏ ଝରି ।

ଲୁଚି ପାରେନାହିଁ ଫୁଟି ଉଠିଥାଏ
କୋହର କୁହୁଳା ଗନ୍ଧ
କା' ଆଗେ ବାଢିବୁ ମନର ବେଦନା
ସଭିଏଁ ସ୍ୱାର୍ଥରେ ଅନ୍ଧ ।

ନିତି ଚାଲେ ଏଠି ଜୀଇଁବା ନାଟକ
ଅଦେଖା ନିଆଁରେ ଜଳି
ଦୁଇ ଧାର ହୋଇ ବହିଯାଏ ସିଏ
ଅମାନିଆ ନଈ ପରି ।

ଦେହ ଆଉ ମନ ସପନ ଜୀବନ
ତା ପାଇଁ ବରଷା ଝର
ସମାଜ ଚାହାଣୀ ଲଘୁଚାପ ପାଣି
ଆକଟ ମାନେନି କାର ।

ସକଳ ଭରସା ଭାଙ୍ଗିଯାଇଥାଏ
ଦିନ ଯାଇଥାଏ ସରି
ଦୁଇ ଧାର ହୋଇ ବହିଯାଏ ସିଏ
ଅମାନିଆ ନଈ ପରି


+ ଖୋର୍ଦ୍ଧା


## ପ୍ରତାରଣା
### ପ୍ରଶାନ୍ତ କୁମାର ନାଥ



ଭଲ ପାଇଥିଲି ହୃଦୟ ଦେଇ ମୁଁ
ହେଲି ଆଜି ବାଟବଣା
ପ୍ରେମଟା ମୋହର ମୋ ସାଥିରେ ଆଜି
କରିଦେଲା ପ୍ରତାରଣା ।

ପ୍ରେମର ନଅର ତୋଳିବି ବୋଲିକି
ଥିଲା ଯେଉଁ ଉନ୍ମାଦନା
ଜାଣିଲି ଆଜି ମୁଁ ସବୁ କିଛି ଥିଲା
ଖାଲି ଯାହା ବିଡମ୍ବନା ।

ଏକା ଏକା ହୋଇ ବାଟ ଚାଲୁଥିଲି
ଜୀବନ ପଥରେ ମୋର
କାହିଁକି ଆସିଲୁ ସେହି ଜୀବନକୁ
କରିବାକୁ ଛାରଖାର ।

ପ୍ରେମ ନଗରୀରେ ତୋଳିଲି ଘରଟେ
ପ୍ରୀତିର ମହକ ଦେଇ
ସେହି ଘରେ ପରା ରଖିଥିଲି ତୋତେ
ସାଧବ ବୋହୂ ସଜେଇ ।

କାହିଁକି ଭାଙ୍ଗିଲୁ ମନକୁ ମୋହର
ବିଶ୍ୱାସରେ ବିଷ ଦେଇ
ମୋ ସାଥେ ଛଳନା କାହିଁକି କରିଲୁ
କହ କେଉଁ ସୁଖ ପାଇଁ ।

ଭଲ ପାଇବାର ଅଭିନୟ କରି
କଲୁ ପୁଣି ପ୍ରତାରଣା
ବାଟ ଭୁଲି ଗଲି ହାଟ ମଝିରେ ମୁଁ
ପାଉନି ନିଜ ଠିକଣା ।


+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
(ମୋ) ୦୮୮୯୨୩୦୧୧୪୩


## ଅସଲି ଜୀବନ...
### ପଦ୍ମାଳୟା ସାମଲ



ସୂର୍ଯ୍ୟ ପହଁରୁଥାଏ ଶୂନ୍ୟରେ
ନଦୀ ବହୁଥାଏ
ଗୀତ ଗାଉଥାଏ
ଫୁଲ ଫୁଟୁଥାଏ
ଭ୍ରମର ଗୁଣୁଗୁଣଉଥାଏ
ରାତି ଆସେ, ଦିନ ହସେ
ଜହ୍ନ ଖିଲଖିଲଉଥାଏ ।

ଆମେ ଭ୍ରମରେ ଥିଲେ....
ଆମେ ତ୍ରାଣକର୍ତ୍ତା ବୋଲି
ନିଜକୁ ଭାବୁଥିଲେ,
ଆମେ ପୃଥିବୀକୁ ଗଢି ଦେଇଛେ
ଆମେ ପ୍ରଦୂଷଣକୁ ରୋକି ପାରିଛେ
ଆମେ ଧ୍ୱଂସମୁଖରୁ ବ୍ରହ୍ମାଣ୍ଡକୁ
ରକ୍ଷା କରିଛେ,
ନା ଆମେ ଭୁଲ...
ଆମ ବିନା ପୃଥିବୀ ଠିକ୍ ଅଛି

ପ୍ରକୃତି ଠିକ୍ ଅଛି
ଚମତ୍କାର ଫୁଲ ଫୁଟୁଛି ଗଛରେ
ସ୍ୱାଧୀନତାର ଉଡ଼ାଣରେ ମସଗୁଲ
ଅଛି ପକ୍ଷୀ,
ଶିଶୁମାନେ ଖେଳରେ ବ୍ୟସ୍ତ
ଦୁନିଆ ଠିକ ଚାଲିଛି, ସୁସ୍ଥ ଅଛି ।

ଆମର ବାହ୍ୟ ଚାକଚକ୍ୟ
ଦୁନିଆ ନୁହେଁ,
ଆମର କୃତ୍ରିମ ଆଡମ୍ବର
ଜୀବନ ନୁହେଁ,
ଆମର ଅଳୀକ ଅନ୍ଧବିଶ୍ୱାସ
ସତ୍ୟ ନୁହେଁ,

ଆମେ ଫାଷ୍ଟଫୁଡ ବିନା
ସପିଙ୍ଗ ବିନା
ଦୂରଦର୍ଶନ ବିନା
କ୍ରିକେଟ ବିନା,
ଏପରିକି ବସ, ଟ୍ରେନ ଓ ବିମାନ ବିନା
ଠିକ୍ ଅଛେ, ଦୁନିଆ ଠିକ ଅଛି ।

ଆମର ଅଯଥା ହସ୍ତକ୍ଷେପ ହିଁ
ପୃଥିବୀର ମୁଣ୍ଡବ୍ୟଥା,
ଆମର ଆଡମ୍ବର ଜୀବନଚର୍ଯ୍ୟା ହିଁ
ପ୍ରକୃତିର ବିପଦ ।
ପିଞ୍ଜରାବଦ୍ଧ ପକ୍ଷୀଟିଏର ଦୁଃଖ
ଜାଣିବା ପାଇଁ,
ସର୍କସ ଭିତର ବାଘର ଅସହାୟତା
ଜାଣିବା ପାଇଁ ଏତେବର୍ଷ ଲାଗିଗଲା,
କରୋନା ଆସିଲା
କୃତ୍ରିମତାର ଖୋଳପା ଛାଡିଗଲା
ଅସଲି ଜୀବନ ବଞ୍ଚିବାକୁ
ରାହା ଫିଟିଗଲା ।


+ ଭୁବନେଶ୍ୱର
(ମୋ) ୭୦୦୮୩୪୮୧୭୨


## ମୌସୁମୀ
### ନମିତା ପାଇକରାୟ



ତୁମେ ବିଶ୍ୱାସ ଦେଲ ବୋଲି
ପାପୁଲି ଅଂଶୁକୁ ମୁଠାଇ ଧରି
ମୁଁ ଭାବିଲି ଭାସ୍କର ମୋ ହାତ ମୁଠାରେ
ଆଦର ଜତେଇଲ ବୋଲି

ଆଞ୍ଜୁଳାଏ ଜ୍ୟୋସ୍ନାରେ ହୃଦୟକୁ ଭିଜାଇ
ଜ୍ୟୋସ୍ନାଭିଜା ତନୁ ମୋର
ରଜତ ରୂପ ନେଲା ଅନ୍ଧାରରେ
ଆଶା ଦେଲ ବୋଲି ତ ଉଆସରେ
ଆରାମରେ ଆଉଜି ବସିଲି ତୁମରି ପ୍ରତୀକ୍ଷାରେ
ପାଦ ମୋର ସ୍ଥିର ଥିଲା ନୃତ୍ୟରତା ମନ ମୋର
ଚିର ଅସ୍ଥିର ବେଫିକର ତୁମ ଭରସାରେ
ସେଇଥି ପାଇଁ ପବନକୁ ଡେଣାରେ ଝୁଲାଇ
ମେଘ ସହ ତାଳ ଦେଇ ଧାଉଁଥାଏ ଆକାଶରେ

କିଛି ଦୋଷ ନଥିଲେ ମୁଁ କ୍ଷତାକ୍ତ ହୁଏ
ରକ୍ତାକ୍ତ ହୁଏ ଋତୁମାନଙ୍କର ସଂଘର୍ଷରେ
ନିଆଁ ପରି ଜଳୁଥାଏ ନିବିଡ଼ ନିଦାଘ
ବୈଧାନିକ ବୈଶାଖ ବାରଣ୍ଡାରେ
କେଉଁଠି ଥିଲା କେଜାଣି ଅନିନ୍ଦ୍ୟା ଆଷାଢ଼ୀ

ଢ଼ାଳି ଦେଲା ନୀର ଭରା କୁମ୍ଭ
ନାରଙ୍ଗୀ ନିଦାଘ ନିଆଁରେ
ମୌସୁମୀ ସହ ଆସିଥିଲା
ଦକ୍ଷିଣୀ ବାଆରେ
ତୁମେ ଜାଣ ତ୍ୟାଗ ଓ ତିତିକ୍ଷାର
ବାସ୍ନା ଭରା ଫୁଲ କେମିତି ଫୁଟି ଉଠେ
ଅଋତୁରେ, ଅଦିନରେ, ବିନା ବସନ୍ତରେ
ଯେମିତି ମୌସୁମୀ ଆସେ ମିଠା ମିଠା ମୁହୂର୍ତ୍ତରେ
ମହକ ଝରାଇ ଆଦ୍ୟ ଆଷାଢ଼ରେ ।


+ ପ୍ଲଟ ନଂ-୩୫୨, ସେକ୍ଟର-୫,
ନିଳାଦ୍ରୀବିହାର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୨୧

## ଜନ୍ମବେଦୀରୁ କର୍ମବେଦୀକୁ ଯାତ୍ରା



ଜୟଶ୍ରୀ ପଟ୍ଟନାୟକ

ଶ୍ରୀ ଗୁଣ୍ଡିଚା ଓ ବାହୁଡାଯାତ୍ରାକୁ ବାଦ୍ ଦେଲେ ଆଡପ ମଣ୍ଡପରେ ମହାପ୍ରଭୁଙ୍କର ସପ୍ତାହ ବ୍ୟାପୀ ଅବସ୍ଥାନ ହେଉଛି ରତ୍ନବେଦୀରେ ଅବସ୍ଥାନ ଅପେକ୍ଷା ଅଶେଷ ପୁଣ୍ୟପ୍ରଦ । ଏହାପରେ ଆରମ୍ଭ ହୁଏ ଶ୍ରୀ ଜୀଉମାନଙ୍କର ବାହୁଡା ଯାତ୍ରା । ଜନ୍ମବେଦୀରୁ କର୍ମବେଦୀକୁ ପ୍ରତ୍ୟାବର୍ତ୍ତନର ଯାତ୍ରା । ଆଡପ ମଣ୍ଡପରୁ ନିଳାଦ୍ରୀ ବିଜେର ଯାତ୍ରା । ଜଗନ୍ନାଥ ସଂସ୍କୃତି ଯୁଗେ ଯୁଗେ ସର୍ବଧର୍ମ ସମଭାବ ଏବଂ ବିବିଧତା ମଧ୍ୟରେ ଏକତା ମନ୍ତ୍ର ଦ୍ୱାରା ବିଶ୍ୱ ସଂସ୍କୃତିକୁ ଉଦ୍‌ବୃଦ୍ଧ କରିଆସିଛି । ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀ ଜୀଉ ମାନଙ୍କର ରଥଯାତ୍ରା ଶାନ୍ତି, ମୁକ୍ତି , ମୈତ୍ରୀ, ବିଶ୍ୱ ଭାତୃତ୍ୱର ପ୍ରତୀକ ଅଟେ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପ୍ରତିବର୍ଷ ପାଳିତ ହେଉଥିବା ରଥଯାତ୍ରାରେ ଅମୃତମୟ ମାନବୀୟ ଲୀଳା ପ୍ରଦର୍ଶନ କରି ଅସଂଖ୍ୟ ଭକ୍ତ ମାନଙ୍କ ଗହଣରେ ଶ୍ରୀ ମନ୍ଦିର ଛାଡି ନବ ଦିନାତ୍ମକ ଯାତ୍ରାରେ ପ୍ରଭୁ ଯାଆନ୍ତି ଗୁଣ୍ଡିଚା ଘର । ସାଙ୍ଗରେ ଥାଆନ୍ତି ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା । ଏହା ଶ୍ରୀଜୀଉଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଯାତ୍ରା । ଏହି ଯାତ୍ରାକୁ ଆଡପ ମଣ୍ଡପ ଯାତ୍ରା, ଜନ୍ମ ଭୂମି ଯାତ୍ରା, ନବଦିନ ଯାତ୍ରା, ମହାବେଦୀ ଯାତ୍ରା, ଯଜ୍ଞବେଦୀ ଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ । ଗୁଣ୍ଡିଚା ମନ୍ଦିର ଶ୍ରୀମନ୍ଦିର ଠାରୁ ଦୂରତ୍ୱ ପ୍ରାୟ ତିନି କିଲୋମିଟର । ଗୁଣ୍ଡିଚା ଯାତ୍ରା ପରେ ଠାକୁର ମାନେ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚା ମନ୍ଦିର ନିକଟରେ ପହଁଚିଲା ପରେ ରାତିଟି ରଥ ଉପରେ ରହନ୍ତି ଏବଂ ଠାକୁରମାନଙ୍କର ଦଶାବତାର ବେଶ କରାଯାଏ । ପରଦିନ ଗୁଣ୍ଡିଚା ମନ୍ଦିରକୁ ଠାକୁର ମାନଙ୍କର ପହଣ୍ଡି ହୁଏ । ଶ୍ରୀ ମନ୍ଦିର ଭଳି ସେଠାରେ ମଧ୍ୟ ରତ୍ନ ସିଂହାସନ ରହିଛି । ସେଠାରେ ରଥଯାତ୍ରା ଓ ବାହୁଡାଯାତ୍ରା ଦୁଇ ଦିନକୁ ବାଦ୍ ଦେଲେ ଠାକୁରମାନେ ଏହି ଗୁଣ୍ଡିଚା ମଣ୍ଡପରେ ସାତଦିନ ରହିବାର ବିଧାନ ରହିଛି । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ପରେ ଅଶ୍ୱମେଧ ଯଜ୍ଞ କରାଯାଇ ଦାରୁମୂର୍ତ୍ତିମାନ ନିର୍ମାଣ ପରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ତେଣୁ ଏହି ଯଜ୍ଞମଣ୍ଡପ ହିଁ ଜଗନ୍ନାଥଙ୍କର ଆଦିସ୍ଥାନ ବା ଜନ୍ମସ୍ଥାନ । ଆଡ ଶବ୍ଦର ଅର୍ଥ କଡ, ପାଖ, ପାର୍ଶ୍ୱ । ଶ୍ରୀ ମନ୍ଦିର ଉତରପୂର୍ବ ଦିଗରେ ପ୍ରବାହିତ ମାଳିନୀ ନଦୀର ଅନ୍ୟପାର୍ଶ୍ୱରେ ଗୁଣ୍ଡିଚା ମନ୍ଦିରଟି ଥିଲା । ଏହି ନଦୀର ଉଭୟ ପାର୍ଶ୍ୱରେ ତିନିଗୋଟି ଲେଖାଏଁ ଛଅଟି ରଥ ନିର୍ମାଣ କରି ନଦୀର ଏପଟରୁ ତିନି ଠାକୁରଙ୍କୁ ପାରି କରି ଆରପଟେ ଥିବା ଗୁଣ୍ଡିଚା ମନ୍ଦିରକୁ ନିଆ ଯାଉଥିଲା । ତେଣୁ ଆଡପଟ ବା ଆରପଟ ଶବ୍ଦରୁ ଏହାକୁ ଆଡପ ମଣ୍ଡପ ବୋଲି କୁହାଯାଏ । ଶ୍ରୀ ମନ୍ଦିରରେ ମୂର୍ତି ମାନଙ୍କର ପ୍ରତିଷ୍ଠା ପରେ ସ୍ୱୟଂ ପ୍ରଭୁ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ପ୍ରତିବର୍ଷ ଶ୍ରୀମନ୍ଦିରରୁ ବାହାରି ଆସି ତାଙ୍କର ଜନ୍ମସ୍ଥାନ ଜନକପୁରୀରେ ସାତଦିନ ଅବସ୍ଥାନ କରିବେ । ଜନକପୁରୀରେ ସାତଦିନ ଅବସ୍ଥାନ କାଳରେ ଶ୍ରୀ ମନ୍ଦିରରେ ଭଳି ସେଠାରେ ମଧ୍ୟ ଠାକୁରଙ୍କର ବିଭିନ୍ନ ନୀତି କରାଯାଏ । ତିନି ଠାକୁର ଗୁଣ୍ଡିଚା ମନ୍ଦିର ପ୍ରବେଶ ଠାରୁ ପତ୍ୟାବର୍ତ୍ତନ ବା ବାହୁଡା ଯାତ୍ରା ପର୍ଯ୍ୟନ୍ତି ମନ୍ଦିରରେ ଯେଉଁ ପ୍ରସାଦ ହୁଏ ତାହାକୁ ଆଡପ ଅଭଡ଼ା କୁହାଯାଏ । ତିନିଠାକୁର ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଅର୍ଥାତ୍ ଦ୍ୱିତୀୟାଠାରୁ ଦଶମୀ ପର୍ଯ୍ୟନ୍ତ ଭକ୍ତମାନଙ୍କୁ ପ୍ରତ୍ୟେକ୍ଷ ଦର୍ଶନ ଦେଇଥାନ୍ତି । ଏହି ଦର୍ଶନକୁ ଆଡପ ଦର୍ଶନ କୁହାଯାଏ । ରଥଯାତ୍ରାର ପଂଚମ ଦିନ ଅର୍ଥାତ ଆଷାଢ଼ ଶୁକ୍ଳ ଷଷ୍ଠୀରେ ହେରା ପଚଂମୀ ଦିନ ମହାଲକ୍ଷ୍ମୀ ଶ୍ରୀ ମନ୍ଦିରରେ ପ୍ରଭୁଙ୍କୁ ନ ପାଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ମହାଲକ୍ଷ୍ମୀଙ୍କ ସହିତ ପୁଷ୍ପାଳକ, ସିଂହାରୀ, ପତି ମହାପାତ୍ର ଆଦି ସେବକ ମାନେ ଯାତ୍ରା କରନ୍ତି । ମହାଲକ୍ଷ୍ମୀ ଗୁଣ୍ଡିଚାରେ ପହଂଚିଲା ବେଳକୁ ଶ୍ରୀ ଜଗନ୍ନାଥଙ୍କର ସନ୍ଧ୍ୟା ଧୂପ ପୂଜା ବସିଥାଏ । ଧୂପ ଶେଷ ହେବାପରେ ଲକ୍ଷ୍ମୀ ଦେବୀ ଗୁଣ୍ଡିଚାରେ ପ୍ରବେଶ କରନ୍ତି କିନ୍ତୁ ଜଗନ୍ନାଥଙ୍କର ଦର୍ଶନ ନ ପାଇବାରୁ ସେଠାରୁ ପ୍ରତ୍ୟାବର୍ତନ ସମୟରେ କୋପାନ୍ୱିତା ହୋଇ ନନ୍ଦିଘୋଷ ରଥର ଖଣ୍ଡେ କାଠ ସେବକ ଦ୍ୱାରା ଭାଙ୍ଗି ଦେଇ ହେରା ଗୋହିରୀ ସାହି ବାଟେ ଶ୍ରୀମନ୍ଦିରକୁ ଫେରନ୍ତି । ଶ୍ରୀ ଜୀଉଙ୍କ ଶେଷ ତିନିଦିନ ଅର୍ଥାତ ସପ୍ତମୀ, ଅଷ୍ଟମୀ, ନବମୀରେ ଅନୁଷ୍ଠିତ ହୁଏ ରାସ । କାର୍ତ୍ତିକରେ ଶରତ ରାସ, ଫାଲଗୁନରେ ବସନ୍ତ ରାସ ଓ ଆଷାଢ଼ରେ ପ୍ରାବୃଟ ରାସ ହୁଏ । ଏଥିରେ ମହାପ୍ରଭୁଙ୍କ ପ୍ରତିନିଧି ମଦନମୋହନ ବିଜେ ହୁଅନ୍ତି ଜଗମୋହନ ରାସପିଣ୍ଡିକୁ ସେଠାରେ ଶ୍ରଜୀଉଙ୍କ ରାସ ଅନୁଷ୍ଠିତ ହୁଏ । ବିଭିନ୍ନ ରସମୟ ବେଶ କରାଯାଇଥାଏ । ଅଷ୍ଟମୀ ଦିନ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ତିନିରଥଙ୍କୁ ଦକ୍ଷିଣାଭିମୁଖୀ କରାଇ ବୁଲାଇ ଦିଆଯାଏ । ନବମୀ ଦିନ ଗୁଣ୍ଡିଚା ମନ୍ଦିରରେ ଶ୍ରଜୀଉ ମାନଙ୍କର ପ୍ରସିଦ୍ଧ ନବମୀ ଦର୍ଶନ ଅନୁଷ୍ଠିତ ହୁଏ । ନବମୀ ଦର୍ଶନର ପୁଣ୍ୟ ଫଳ ଲାଭ ନିମନ୍ତେ ଏହିଦିନ ଗୁଣ୍ଡିଚା ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥାଏ ତେଣୁ ଏହାକୁ ସନ୍ଧ୍ୟା ଦର୍ଶନ ବା ନବମୀ ଦର୍ଶନ କୁହାଯାଏ । ନୀଳାଦ୍ରୌ ଦଶବର୍ଷାଣି ଆଡପ ମଣ୍ଡପେ ଦିନେ ଅର୍ଥାତ ନୀଳାଦ୍ରି ବା ଶ୍ରୀମନ୍ଦିରରେ ନିରନ୍ତର ଭାବରେ ଦଶବର୍ଷ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ମନୁଷ୍ୟ ଯେଉଁ ଫଳ ଲାଭ କରିଥାଏ ମହାବେଦୀରେ ଦିନେ ମାତ୍ର ଦର୍ଶନ କଲେ ସେହିଫଳ ପ୍ରାପ୍ତ ହୋଇଥାଏ । ମହାବେଦୀରେ ଶ୍ରଜଗନ୍ନାଥଙ୍କୁ ଦିନରେ ଦର୍ଶନ କରିବା ଅପେକ୍ଷା ରାତ୍ରିରେ ଦର୍ଶନ କଲେ ମାନବ ଦଶଗୁଣ ଉତମ ଫଳ ଲାଭ କରିଥାଏ । ତେଣୁ ଯେଉଁମାନେ ମହାବେଦୀରେ ମହାପ୍ରଭୁଙ୍କୁ ତ୍ରିକାଳ ଦର୍ଶନ କରନ୍ତି ସେମାନେ କୋଟିଏ କଳ୍ପ ପର୍ଯ୍ୟନ୍ତ ବୈକୁଣ୍ଠରେ ବାସ କରିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି । ଆଡପରେ ନବମୀ ସନ୍ଧ୍ୟା ଦର୍ଶନ ପରେ ପ୍ରଭୁ ବାହୁଡା ପାଇଁ ପ୍ରସ୍ତୁତ ହୁଅନ୍ତି । ଠାକୁରଙ୍କ ଠାରେ ବାହୁଡା ଓ ସେନାପଟା ପ୍ରଭୃତି ଲାଗେ । ପ୍ରଭୁଙ୍କ ନୀଳାଚଳ ବିଜେ ପାଇଁ ସବୁ ବନ୍ଦୋବସ୍ତ ହୁଏ ।

ବିଜୟ ଅମାବାସ୍ୟା ( ଉଭା ଅମାବାସ୍ୟା) ରେ ପ୍ରଭୁ ରତ୍ନ ସିଂହାସନକୁ ଆସିଥାନ୍ତି ଗୁଣ୍ଡିଚା ଦିନ ପ୍ରଭୁ ରଥ ଉପରକୁ ବିଜେ କରନ୍ତି । ଏହାପରେ ବାହୁଡା ଯାତ୍ରା ଆରମ୍ଭ ହୁଏ । ଆଷାଢ଼ ଶୁକ୍ଳ ଦଶମୀ ସକାଳେ ମନ୍ଦିରରେ ମଙ୍ଗଳ ଆରତୀ, ମଇଲମ, ତଡପ ଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ବେଶ, ଗୋପାଳବଲ୍ଲଭ, ସକାଳଧୂପ ପରେ ସେନାପଟା ଲାଗି ଓ ମଙ୍ଗଳାର୍ପଣ ଆଦ ନୀତିମାନ କରାଯାଏ । ଠାକୁରମାନେ ପହଣ୍ଡି ହୋଇ ଗୁଣ୍ଡିଚା ଘରର ଉତର ଦ୍ୱାର ଦେଇ ସ୍ୱ- ସ୍ୱ ରଥରେ ବିଜେ କରନ୍ତି । ପୁରୀର ଗଜପତି ରାଜା ତିନିରଥର ଛେରାପହଁରା କରିସାରିବା ପରେ ଚାରମାଳ ଫିଟା, ଅଶ୍ୱଯୋଡା, ଦଉଡିବନ୍ଧା , ରଥଟଣା ପାଇଁ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହେବାପରେ ଘଂଟ, କାହାଳୀ, ମୃଦଙ୍ଗ ଧ୍ୱନି ସହିତ ଆରମ୍ଭ ହୁଏ ରଥଟଣା କାର୍ଯ୍ୟ । ଫେରିବା ବେଳେ ଶ୍ରୀ ଜଗନ୍ନାଥ ଭାଇ ଭଉଣୀଙ୍କୁ ଧରି ମାଉସୀମା ମନ୍ଦିରରେ ପୋଡପିଠା ମଣୋହି କରନ୍ତି ।

ପୁରୀ ବଡଦାଣ୍ଡଟି ମାଳିନୀ ନଦୀ ଦ୍ୱାରା ଦୁଇଭାଗରେ ବିଭକ୍ତ ଥିଲା ଶ୍ରୀ ମନ୍ଦିରରୁ ଚତୁର୍ଦ୍ଧା ମୂରତୀ ତିନି ରଥରେ ଆସି ନଦୀ ନିକଟରେ ଓହ୍ଲାଇ ପାରି କରି ପୁଣି ଆରପଟେ ଥିବା ତିନିରଥରେ ବିଜେ କରାଯାଉଥିଲା । ଏହି ଅସୁବିଧା ଦେଖି ଦେବୀ ଅର୍ଦ୍ଧାଶନୀ ମାଳିନୀ ନଦୀର ମହାପ୍ରଳୟ ଜଳକୁ ଶୋଷଣ କରିଥିବାରୁ ତାଙ୍କୁ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶନୀ ଆଖ୍ୟା ଦିଆଯାଇଛି । ଏହି ଅର୍ଦ୍ଧାଶନୀ ମହାପ୍ରଳୟ କାଳରେ ବନ୍ୟାଜଳକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିଥିଲେ। ପୁଣି ଦେବୀ ଯୋଗମାୟାଙ୍କ ସ୍ୱ-ଗାତ୍ରରୁ ରୂପ ନେଇଥିବା ହେତୁ ତାଙ୍କ ଭଗ୍ନୀଭାବେ ମାଉସୀ ମା ହେବା ବିଧେୟ । ଦେବୀ ଅର୍ଦ୍ଧାଶନୀ ଅଖିଳ ଲୋକ ଜନନୀ ସୁଭଦ୍ରାଙ୍କ ଭଗ୍ନୀ ଭାବରେ ମାତୃଭଗ୍ନୀ ମାଉସୀ ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି । ପୁରାଣରୁ ଜଣାଯାଏ ଯେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ବନବାସ ଯିବା ସମୟରେ ମାତା କୈକେୟୀଙ୍କୁ କହିଥଲେ ତୁମର ମୋର ସମ୍ପର୍କ ଜନ୍ମ ଜନ୍ମାନ୍ତର ରହିବ । ତ୍ରେତୟା ଯୁଗର ଅବସାନ ପରେ ଦ୍ୱାପର ରେ ତୁମେ ହେବ ଯଶୋଦା ମାତା ମୁଁ ନଟନାଗର । ତାପରେ କଳି ଆସିବ ମୁଁ ହେବି ଦାରୁବ୍ରହ୍ମ ଜଗନ୍ନାଥ, ଆଉ ତୁମେ ହେବ ମୋ ମାଉସୀ । ଘୋଷଯାତ୍ରା ଦିନ ବଡଦାଣ୍ଡରେ ମୋ ନନ୍ଦିଘୋଷ ରଥ ଗଡି ଯିବା ବେଳେ ତୁମ ହାତ ପୋଡପିଠା ଖାଇବା ପାଇଁ ମୁଁ ଅଟକିଯିବି । ତାପରେ ପୋଡପିଠା ମଣୋହି ପରେ ଗୁଣ୍ଡିଚା ଘର, ଶରଧା ବାଲି ଓ ମାଉସୀମା ମନ୍ଦିରକୁ ପଛରେ ପକାଇ ଠାକୁରମାନେ ବାହୁଡି ଆସନ୍ତି ଶ୍ରୀମନ୍ଦିର ଅଭିମୁଖେ । ବାହୁଡା ଦଶମୀ ଦିନ ଶ୍ରୀ ଜଗନ୍ନାଥଙ୍କ ରଥ ଗଜପତିଙ୍କ ନଅର ପାଖରେ ପହଁଚିଯାଏ । ଚାହାଣି ମଣ୍ଡପରୁ ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କରନ୍ତି । ମହାଲକ୍ଷ୍ମୀ ଅଭିମାନରେ ରଥର କିଛି ଅଂଶ ଭାଙ୍ଗି ଆସିଥିବାରୁ ଗଜପତି ରାଜାଙ୍କ ମଧ୍ୟସ୍ଥିରେ ଚାହାଣି ମଣ୍ଡପରେ ଲକ୍ଷ୍ମୀ ନାରାୟଣ ଭେଟ ହୁଏ । ମହାଲକ୍ଷ୍ମୀ କୁସୁମ, ଚନ୍ଦନ, ଧୂପ ଦୀପ ଦୁର୍ବାଦଳ, ତଣ୍ଡୁଳରେ ପ୍ରଭୁଙ୍କୁ ବନ୍ଦାପନା କରି ମନ୍ଦିରକୁ ଫେରି ଆସନ୍ତି ।ଏକାଦଶୀ ଦିନ ଠାକୁରମାନଙ୍କ ସୁନାବେଶ କରାଯାଏ । ଶ୍ରୀ ଜୀଉ ମାନଙ୍କର ସୁନାବେଶ ବର୍ଷକୁ ପ୍ରାୟ ପାଂଚଥର ଅନୁଷ୍ଠିତ ହୁଏ । ବିଜୟା ଦଶମୀ, ପୌଷ ପୂର୍ଣ୍ଣମୀ, ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀରେ ରଥଉପରେ ଅନୁଷ୍ଠିତ ହୁଏ । ରଥ ଉପରେ ଏହି ବେଶକୁ ବଡତଡ଼ାଉ ବେଶ, ରାଜ ରାଜେଶ୍ୱର ବେଶ ମଧ୍ୟ କୁହାଯାଏ । ଏହା ପରଦିନ ଅଧରପଣା ଆଷାଢ ଶୁକ୍ଳ ଦ୍ୱାଦଶୀରେ ଅନୁଷ୍ଠିତ ହୁଏ ଓ ଅନ୍ୟାନ୍ୟ ନୀତି ସରିବା ପରେ ଚତୁର୍ଦ୍ଦଶୀରେ ନିଳାଦ୍ରୀ ବିଜେ ହୁଏ । ମହାଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ଗୁଣ୍ଡିଚା ଯାତ୍ରାରେ ମହାଲକ୍ଷ୍ମୀ ଅଭିମାନ କରି ଦ୍ୱାର ବନ୍ଦ କରିଦିଅନ୍ତି । ଦେବୀଙ୍କ ମାନଭନ ପାଇଁ ପାଟଶାଢ଼ୀ ଓ ରସଗୋଲା ଅର୍ପଣ ପରେ ଦ୍ୱାର ଖୋଲେ ତାପରେ ପ୍ରଭୁ ରତ୍ନ ସିଂହାସନକୁ ପହଣ୍ଡି ବିଜେ କରନ୍ତି । ଶେଷ ହୁଏ ଜନ୍ମବେଦୀରୁ କର୍ମବେଦୀକୁ ପ୍ରତ୍ୟାବର୍ତ୍ତନର ଯାତ୍ରା ।

+ ଗଙ୍ଗନଗର, ଭୁବନେଶ୍ୱର

(ମୋ)୭୯୭୮୧୧୦୪୭୪

## ବାହୁଡା ରଥରେ ବିଜେ ମହାପ୍ରଭୁ



ରଶ୍ମି ସାମଲ

ଉତ୍କଳୀୟ ଧର୍ମ ଧାରଣାରେ ମହାପ୍ରଭୁ ଜଗନ୍ନାଥ କେବଳ ସ୍ଥାଣୁ ବିଗ୍ରହ ନୁହନ୍ତି । ସେ ମାନବ ରୂପୀ ଭଗବାନ ଅଟନ୍ତି । ଶ୍ରୀ ମହାପ୍ରଭୁଙ୍କର ବାର ମାସରେ ତେର ପର୍ବ। ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ସହିତ ଶ୍ରୀମନ୍ଦିର ବାହାରକୁ ଆସି ରଥାରୂଢ ହୋଇ ରତ୍ନ ବେଦୀରୁ ଜନ୍ମ ବେଦୀକୁ ବଡ ଦାଣ୍ଡରୁ ଗୁଣ୍ଡିଚା ମନ୍ଦିର ଯାତ୍ରା କରିଥାନ୍ତି ଲକ୍ଷ ଲକ୍ଷ ଭକ୍ତ ଓ ପତିତ ଜନଙ୍କୁ ଦର୍ଶନ ଦେଇଥାନ୍ତି ।ବରଷକେ ଥରେ ମାଆର କୋଳକୁ ଆସିଥାନ୍ତି ଭାବଗ୍ରାହୀ। ପୋଡପିଠା ଖାଇ ବଚନ ରଖନ୍ତି ଦାରୁ ଦିଅଁ ଶ୍ରୀ ମୁରାରୀ । ଜନ୍ମ ବେଦୀର ସ୍ପର୍ଶରେ ଅତ୍ୟନ୍ତ ଖୁସି ହୋଇଥାନ୍ତି। ଏକ ସପ୍ତାହ ପାଇଁ ମାଉସୀ ମାଆଙ୍କୁ କଥା ଦେଇଥିଲେ। । ଦଶମୀ ଦିନ ପୁଣି ପ୍ରତ୍ୟାବର୍ତ୍ତନ କରନ୍ତି ।ପ୍ରଭୁ ପରଂବ୍ରହ୍ମ ହେଉଛନ୍ତି ଜଗତର ସ୍ରଷ୍ଟା। ସକଳ ଶକ୍ତି ଦାତା ସକଳ ଦୁଖଃ ହାରୀ ପ୍ରଭୁ। ଜଗନ୍ନାଥ ସଂସ୍କୃତିରେ ଲାଳିତ ଉତ୍କଳୀୟ ମାନେ ଜଗନ୍ନଥଙ୍କ ଛତ୍ରଛାୟା ତଳେ ରହି ନିଜକୁ ଧନ୍ୟ ମନେ କରନ୍ତି। ସର୍ବ ଧର୍ମ ସର୍ବ ସଂସ୍କୃତି ସରୂପଧାରୀ କେବଳ ଦେବତା ନୁହନ୍ତି ମହାନ ପରମ୍ପରା ମଧ ଏହି ପରମ୍ପରା ବା ଧର୍ମ ଧାରଣାରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ। ଅଛି କେବଳ ବଡ଼ତ୍ୱ ମହନୀୟ ଚିନ୍ତା ଧାରା ମହତୀ ଚେତନା । ଏହି ସଂସ୍କୃତି ସହିତ ସମ୍ପୃକ୍ତ ବଡଦିଅଁ ବା ବଡ ଠାକୁର, ବଡ ଦେଉଳ, ବଡ ଦାଣ୍ଡ, ବଡ ପଣ୍ଡା, ମହା ଲକ୍ଷ୍ମୀ, ମହାପ୍ରସଦ ମହାଦୀପ, ମହୋଦଧି, ମହାସ୍ନାନ, ଆଦି ସମସ୍ତ ନାମ ମହାନ ଚେତନାର, ମହାପ୍ରକାଶ ।

ଗୁଣ୍ଡିଚା ମନ୍ଦିରକୁ ଭକ୍ତ ମାନେ ମାଉସୀ ମା ଘର ବୋଲି କହିଥାନ୍ତି । ବାସ୍ତବରେ ଏହା ହେଉଛି ପ୍ରଭୁଙ୍କର ଜନ୍ମ ସ୍ଥାନ। ସ୍କନ୍ଦ ପୁରାଣ ଓ ନିଳାଦ୍ରୀ ମହୋଦୟ ଅନୁସାରେ ଏହାକୁ ନରସିଂହ କ୍ଷେତ୍ର ବୋଲି କୁହା ଯାଏ। ପ୍ରଭୁ ନିଳକଣ୍ଠେଶ୍ୱର ମହାଦେବଙ୍କ ଦକ୍ଷିଣରେ ଅବସ୍ଥିତ ଏହି ପବିତ୍ର କ୍ଷେତ୍ରରେ ନାରଦଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ଯଜ୍ଞ ଶାଳା ନିର୍ମାଣ କରିବା ସହ ଯଜ୍ଞ ନୃସିଂହ ଙ୍କୁପ୍ରତିଷ୍ଠା କରିଥିଲେ। ସେଥି ପାଇଁ ଆଡ଼ପ ମଣ୍ଡପରେ ଭକ୍ତ ମାନଙ୍କର ଏହି ସାତ ଦିନ ଦର୍ଶନରେ ସର୍ବ ପୁଣ୍ୟ ଲାଭ ହୋଇଥାଏ। ଦଶମୀ ଦିନ ପ୍ରଭୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ ବାହୁଡା ଯାତ୍ରା କୁହାଯାଏ। ନଅ ଦିନ ପ୍ରଭୁଙ୍କ ଯାତ୍ରା । ଏହାକୁ ଆଡ଼ପ ମହୋତ୍ସବ କୁହାଯାଏ। ଦଶମୀ ଦିନ ରୋଷ ହୋମ ସକାଳ ଧୂପ। ତାପରେ ଡୋର ଲାଗି ହୋଇଥାଏ। ପ୍ରଥମେ ସୁଦର୍ଶନ ବିଜେ ହୋଇଥାନ୍ତି। ଶ୍ରୀ ମନ୍ଦିର ଆଉ ଶ୍ରୀ ଗୁଣ୍ଡିଚା ଘର ଭିତରେ ତଫାତ ବହୁତ କିଛି ହେଉଛି ଭଗବାନଙ୍କ ଏଶ୍ୱର୍ଯ୍ୟ ଭୂମି ଏଠାରେ ଭଗବାନ ଙ୍କର ମାଧୁର୍ଯ୍ୟ ଭୂମି । ଗୁଣ୍ଡିଚା ଘର କୁହା ଯାଏ। ଶ୍ରୀ ମନ୍ଦିରରେ ଚାରି ଦ୍ୱାର। ଗୁଣ୍ଡିଚା ଘର ଦୁଇଟି ଦ୍ୱାର। ଶ୍ରୀ ମନ୍ଦିରରେ ବାରମାସ ରୁହନ୍ତି ପ୍ରଭୁ ।ଏଠି ସାତ ଦିନ ମାତ୍ର। ସେଠାରେ ପ୍ରଭୁଙ୍କର ଚିରସ୍ଥାୟୀ ମନ୍ଦିର। ଏଠାରେ କ୍ଷଣ ସ୍ଥାୟୀ। ଶ୍ରୀ ମନ୍ଦିରରେ ମହାପ୍ରସାଦ। ଏଠାରେ ଯଜ୍ଞ ଚରୁଅର୍ଣ୍ଣ। ଶ୍ରୀମନ୍ଦିରରେ ପୂଜା କୁହାଯାଏ। କିନ୍ତୁ ଗୁଣ୍ଡିଚା ମନ୍ଦିରରେ ସେବା କୁହାଯାଏ। ସେବା ରେ ଭାବ ଆଉ ଭକ୍ତି ପ୍ରଧାନ। ଏଠାରେ ପ୍ରଭୁଙ୍କର ମା ଅଛନ୍ତି । ଶ୍ରୀ ମନ୍ଦିରରେ ବହୁ ଦେବତା। ଏଠି ଶୂନ୍ୟ ଦେବତା ଏମତି ବହୁତ କିଛି ଜଗନ୍ନାଥଙ୍କ କଥା ରହିଅଛି। ନବମୀ ଦିନ ରଥର ଦକ୍ଷିଣ ମୋଡ ହୋଇଥାଏ ।

ଗୋପାଳ ଶର୍ମାଙ୍କର ଏକ ଗୀତ
ଏଠାରେ ସମସ୍ତେ ସମାନ,
ଶ୍ରୀଗୁଣ୍ଡିଚା ନୀତି ପରି ଖେଚଡ଼ି ମଣୋହି,
ଧାଡି ପହଣ୍ଡିରେ ଚତୁଧା ମୁରତି
ନାକଚଣା ଦ୍ୱାର ଦେଇ ଚଳନ୍ତି
ଜଗତ ସାଇଁ,
ଶରଧା ବାଲିରେ ଥିବା ରଥର କତି,
ଚାରଚରି ଉପବେଶନ କି ବୋଲିବା
ଭକ୍ତଙ୍କ ଉଲ୍ଲାସ ମନ,
ବରଷକେ ଥରେ ପ୍ରଭୁ କରନ୍ତି
ଅତି ଲୀଳାମୟ ଯାତ୍ରା।
ଚାର ଉପରେ ଚଢ଼ିବେ
ଭଗବାନ ସୁଦର୍ଶନ ପ୍ରଥମେ ।

ଭାଇ ଭଉଣୀ ସଂଗେ କାଳିଆ ଗୁଣ୍ଡିଚା ମନ୍ଦିରରେ ସାତଦିନ ରହି ଆଡ଼ପ ମଣ୍ଡପ ସିଂହାସନେ ବସି ଭକ୍ତଙ୍କୁ ମହାଆନନ୍ଦରେ ଦର୍ଶନ ଦେଇ ଥାନ୍ତି। ଶତ୍ରୁଷ୍ଟ ନୟନରେ ପ୍ରଭୁଙ୍କର ଭୁବନ ମୋହନ ରୂପ ଲାବଣ୍ୟ ଦର୍ଶନ କରି ଭକ୍ତ ମାନଙ୍କ ଆତ୍ମା ତୃପ୍ତି ହୋଇଥାଏ।


ମହାପ୍ରଭୁ ମାଉସୀ ମା’ ଘରେ ରହୁଥିବା ସମୟରେ ସ୍ୱତନ୍ତ୍ର ଦର୍ଶନ ଦେଇଥାନ୍ତି। ତାହା ହେଉଛି ଆଡ଼ପ ଦର୍ଶନ। ଶ୍ରୀ କ୍ଷେତ୍ରରେ ଏବେ ଶହ ଶହ ଭକ୍ତ ସାଧୁସନ୍ଥ ଓ ସନ୍ୟାସୀ ମନେ ନବ ଦିନ ବ୍ରତ ପାଳନ କରୁଛନ୍ତି। ଏହି ବ୍ରତ ପାଳନ କାରୀ ମାନେ ଆଡ଼ପ ଅଭଡ଼ା ସେବନ କରିବା ସହ ପ୍ରଭୁଙ୍କ ଦର୍ଶନ କରୁଛନ୍ତି। ପିତୃପୁରୁଷଙ୍କ ଉଦ୍ଦେ୍ୟସରେ ଭକ୍ତ ଗଣ ଆଡ଼ପ ଅଭଡ଼ା ଅର୍ପଣ କରି ଚାଲିଛନ୍ତି।

କଥା ରେ ଅଛି ଆଡ଼ପ ମଣ୍ଡପ ରେ ପ୍ରଭୁଙ୍କୁ ଦର୍ଶନ କରି ମହାପ୍ରସାଦ ପାଇଲେ ଜୀବନରେ କୋଟି ପୁଣ୍ୟ ଅର୍ଜିତ ହୋଇଥାଏ ଓ ବୈକୁଣ୍ଠ ପ୍ରାପ୍ତ ମନୁଷ୍ୟ ହୋଇ ଥାନ୍ତି। ଗୁଣ୍ଡିଚା ମନ୍ଦିରରେ ରାତ୍ରି କାଳୀନ ଦର୍ଶନ ଯିଏ କରିବେ ଦଶ ଗୁଣ ଫଳ ପ୍ରାପ୍ତି ହୋଇଥାଏ। ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ ଓ ଦୀପ ଦାନର ମହତ୍ୱ ରହିଛି। ଦଶମୀ ଦିନ ଭକ୍ତି ରସରେ ନିମଜିତ ହୋଇ ଭକତ ମାନେ ରଜ୍ଜୁ ସାହାଯ୍ୟରେ ରଥ ଭିଡ଼ିବା ଆରମ୍ଭ କରିଥାନ୍ତି। ହରି ବୋଲ ହୁଳ ହୁଳିରେ ଗଗନ ପବନ ପ୍ରକମ୍ପିତ ହୋଇଥାଏ। ସଂକୀର୍ତ୍ତନ ଜଣାଣ ଓ ଭଜନ ରେ ବଡ ଦାଣ୍ଡ ଉଚ୍ଛୁଳି ପଡେ। ଗୁଣ୍ଡିଚା ମନ୍ଦିରରୁ ସିଂହ ଦ୍ୱାର ଦୁଇ କିଲୋମିଟର ରଥ ଗୁଡିକୁ ଟାଣି ଟାଣି ନେଇ ଯାଇଥାନ୍ତି । ଏହି ଯାତ୍ରା ଦେଖିବା ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ପୁରୀରେ ଉପସ୍ଥିତ ହୋଇ ଥାନ୍ତି। ଏହି ପରି ଭାବରେମହା ସମାରୋହରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଶେଷ ହୋଇଥାଏ। ବଡ଼ଦେଉଳର ସିଂହଦ୍ୱାର ପାଖରେ ରଥ ଗୁଡିକ ଉପସ୍ଥିତ ହେବା ପରେ, ଏକାଦଶୀ ଦିନ ରଥରେ ତିନି ଠାକୁରଙ୍କର ସୁନାବେଶ ହୁଏ । ତା ପର ଦିନ ନୀଳାଦ୍ରି ବିଜେ।

ନୀଳାଚଳ କ୍ଷେତ୍ର ଜନ୍ମ ସ୍ଥାନ ଟି ରାଣୀ ଗୁଣ୍ଡିଚା ମନ୍ଦିର ର ଆଡମ୍ବର ର ଗାଥା କିମ୍ବଦନ୍ତୀ ଇତିହାସରେ ରହିଅଛି ।

+ ଭୁବନେଶ୍ୱର

(ମୋ) ୯୪୩୭୧୧୫୮୬୫



## ବାହୁଡା ଯାତ୍ରା

ବିନୟ କୁମାର ସାମଲ

କଳା ସାଆନ୍ତଙ୍କ ବାହୁଡା ଯାତରେ
ନାହିଁ ଗହଳ ଚହଳ,
ପଥେ ସଜ ରଥ ନାହାନ୍ତି ଭକତ
ଶୁଭୁନାହିଁ ହରିବୋଲ।

ଦେଖ କରୋନାର କେଡେ ଟାଣପଣ
ଲୀଳା ଭାଙ୍ଗି ଦାଉସାଧେ,
ସେବକ ଟାଣିବେ ବଡଦାଣ୍ଡେ ରଥ
କଡ଼ା କଟକଣା ମଧ୍ୟେ।

ପତିତ ଭକତ ଦର୍ଶନୁ ବଞ୍ଚିତ
ଆତଙ୍କେ ଗୁମୁରି କାନ୍ଦେ,
ଧନ୍ୟ ଲୀଳାମୟ ଧୀକ ପ୍ରଭୁପଣ
ଲୋତକ ଝରାଇ ନିନ୍ଦେ।

ନବଦିନ ଯାତ ବିଦାୟ ବେଳାରେ
ଜନ୍ମବେଦୀ ଝୁରି ମରେ,
ଗୁଣ୍ଡିଚା ମନ୍ଦିର ଲୁହ ଝରାଉଛି
ଆସ ବରଷକେ ଥରେ।

ଆଜି ବାହୁଡାରେ ବଡ ଦେଉଳରେ
ଆନନ୍ଦର କୋଳାହଳ,
ଫେରିଆସ ବୋଲି ରତ୍ନବେଦୀ ହସେ
ସେବକ ଚଳ ଚଞ୍ଚଳ।

ପଥେ ପ୍ରତୀକ୍ଷାରେ ମାଉସୀ ମାଆ ଅଛି
ଖୁଆଇବା ପୋଡ଼ ପିଠା,
ମାଉସୀ ମା’ ସ୍ନେହ ମମତା ବନ୍ଧନ
ପିଠା ଠୁଁ ଅଧିକ ମିଠା।

ତୁମ ଦିବ୍ୟଲୀଳା ଦର୍ଶନେ ବ୍ୟାକୁଳ
ସରଗେ ଦେବତା ଗଣ,
କେମିତି ଭକତେ ବଞ୍ଚିବେ ମରତେ
ଗୁହାରୀ ଟିକିଏ ଶୁଣ।

ସାମାନ୍ୟ କରୋନା ଭୂତାଣୁ ରଚଇ
ମୃତ୍ୟୁର ତାଣ୍ଡବ ଲୀଳା,
ଆହେ ମହାବାହୁ ଦୁଃଖ ହଟିଯାଉ
ଆଉ କରନାହିଁ ହେଳା।

(ଅବସର ପ୍ରାପ୍ତ ଶିକ୍ଷକ)
ବେଡାପଡା, ହିନ୍ଦୋଳ
ଜିଲ୍ଲା- ଢେଙ୍କାନାଳ-୭୫୯୦୧୯
ଦୁରଭାଷ-୯୩୩୭୨୪୯୦୬୮

## ମୋ ଅନୁଭୂତିରେ ଜଗନ୍ନାଥଙ୍କ ରଥଯାତ୍ରା

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଯେନତେନ ପ୍ରକାରେଣ କାଳିଆକୁ ଟିକିଏ ଆଖିରେ ଭରିନେବାର ଚେଷ୍ଟା ସମସ୍ତଙ୍କର, କହିବା ବାହୁଲ୍ୟ ଆମ୍ଭର ମଧ । ମାତ୍ର ସେ ଜନଗହଳିରେ ତାହା ସମ୍ଭବ ନଥିଲା । ମନକୁ ଆସିଲା ଯିଏ ଆଣିଛି, ସିଏ ବୁଝିବ । କାଳିଆ ସାଆନ୍ତେ ବାଇଶି ପାହାଚକୁ ଆସିଲେ, ଟିକିଏ ଛିଡ଼ା ହେଲେ । ଭକ୍ତଙ୍କ ହାତ ଉପରେ ଥାଇ ସାରା ସଂସାରକୁ ଥରୁଟିଏ ନିରୀକ୍ଷଣ କରିନେଲେ । ତାପରେ ପୁଣି ଚାଲିବା ଆରମ୍ଭ କଲେ । କି ଅପୂର୍ବ ଥିଲା ସେ ଚାଲି;ଯିଏ ଆଖିରେ ନଦେଖିଛି ତାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ । କେତେବେଳେ ଆଗକୁ ଦୁଇପାଦ ଯାଇ ଛିଡ଼ା ହେଉଛନ୍ତି ତ ପୁଣି କେତେବେଳେ ସେହି ଦଇତା ସେବକଙ୍କ ହାତରେ ଏକଡ଼ ସେକଡ଼ ଲେଉଟି ପଡୁଛନ୍ତି । ଦଇତା ସେବକମାନେ ଆପ୍ରାଣ ଅଟକାଇବାକୁ ଚେଷ୍ଟାକରି ବିଫଳ ହେଉଛନ୍ତି । କି ଅପୂର୍ବ ସେ ଲୀଳା ! ଲାଗିଲା ସତେ ଯେପରି ସମସ୍ତଙ୍କୁ ଥରୁଟିଏ ଦେଖିନେବା ପାଇଁ ଜଗନ୍ନାଥ କେଡେ ବ୍ୟଗ୍ର । କେତେବେଳେ ପଛକୁ ତ କେତେବେଳେ ଦକ୍ଷିଣକୁ, ପୁଣି ବାମକୁ ଆଉ କେତେବେଳେ ନିଜର ଛାତି ଫୁଲାଇ ଶିରକୁ ଉପରକୁ କରି ପ୍ରତୀକ୍ଷମାଣ ସମସ୍ତ ଦେବାଦେବୀ ଓ ଅଶରୀରିଙ୍କୁ ଦର୍ଶନ ଦେଉଛନ୍ତି । କାରଣ ତାଙ୍କର ଦର୍ଶନ ମାତ୍ରେ ହିଁ ସର୍ବ ପାପ ବିମୁଚ୍ୟତେ । ସମସ୍ତ ଭକ୍ତ ସମାଜ ପ୍ରଭୁଙ୍କର ସେହି ଲୀଳା ସନ୍ଦର୍ଶନରେ ଭାବବିହ୍ୱଳିତ ହୋଇ ଉଠେ । ଆମର ସେତେବେଳକୁ ଦର୍ଶନ ହୋଇ ସାରିଥାଏ । କିଛି ସମୟ ପୂର୍ବରୁ ଦେଖି ନପାରିବାର ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ସେହି କରୁଣାମୟଙ୍କ ଇଛାରେ ପୂର୍ଣ୍ଣ ହୋଇଯାଇଥିଲା । ଜଗନ୍ନାଥଙ୍କ ଚାହାଣୀରେ ସତେ ଯେମିତି ଏକ ମାଦକତା ଥିଲା, ଲାଗୁଥିଲା ଯେମିତି ସେ କହୁଥିଲେ ମୁଁ ନଚାହିଁଥିଲେ ତମେ କ’ଣ ଆସିପାରିଥାନ୍ତ ? ମୁଁ ଆଣିଛି ତୁମମାନଙ୍କୁ ଦେଖିବା ପାଇଁ, ତୁମମାନଙ୍କର କଥା ବୁଝିବା ପାଇଁ । ମୁଁ ନ ଚାହିଁଲେ ମୋତେ ଦେଖିବାର ତୁମର ଦୃଷ୍ଟିଶକ୍ତି କାହିଁ ? ସେତେବେଳକୁ ଆମେ ଯେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇଛୁ ସେ ଚିନ୍ତା କଟିଯାଇ ଜଗନ୍ନାଥ ଆମକୁ ଆଣିଛନ୍ତିର ଚେତନା ଆସିଯାଇଥାଏ । ଜଗନ୍ନାଥ ବାଇଶିପାହାଚରୁ ଓହ୍ଲେଇ ଯିବା କ୍ଷଣି ଆମେ ସେହି ଦକ୍ଷିଣ ଦ୍ୱାର ଦେଇ ପତ୍ୟାବର୍ତ୍ତନ କରି ଯେଉଁପଟେ ଯାଇଥିଲୁ ସେହିପଟେ ଫେରି ଗୁଣ୍ଡିଚା ମନ୍ଦିର ନିକଟ ଆମ ଆଶ୍ରୟସ୍ଥଳୀରେ ପହଞ୍ଚିଲୁ । ଅନ୍ନ ପ୍ରସାଦ ବଣ୍ଟା ଯାଉଥିଲା, ମହାନନ୍ଦରେ ତାକୁ ପାଇଲୁ।

କିଛି ସମୟ ପରେ ରଥ ଟଣା ହେବାର ଅପୂର୍ବ ମୁହୁର୍ତ୍ତ ଉପସ୍ଥିତ ହେଲା । ଭିଡ଼ ଭିତର ନଯିବାକୁ ସ୍ଥିରକରି ସେହିଠାରେ ଛିଡ଼ା ହେବାର ସଂକଳ୍ପ ନେଇଥିଲେ ବି ପାଦେ ପାଦେ ଅଗ୍ରସର ହୋଇ କେତେବେଳେ ବଳଗଣ୍ଡି ପାର ହୋଇ ବଳରାମଙ୍କ ରଥ ନିକଟରେ ପହଞ୍ଚି ଯାଇଥିଲି ଜାଣେନା । ଗୋଟିଏ ଶିଶୁ (ପ୍ରାୟ ବର୍ଷେ କିମ୍ବା ଦେଢବର୍ଷର ହେବ)ତା ବାପାର କାନ୍ଧ ଆରୋହଣ ପୂର୍ବକ ବଡ଼ଦାଣ୍ଡରେ ଯାଉଥାଏ । ଲୋକମାନଙ୍କ ଜୟ ଜଗନ୍ନାଥ ଧ୍ୱନି ଶୁଣି ହେଉ କିମ୍ବା ପ୍ରାରବ୍ଧ ବଶତଃ ହେଉ ତାର ସମସ୍ତ ଶକ୍ତି ଲଗାଇ ସେ ତା ବାପା କାନ୍ଧରୁ ଡାକ ଦେଉଥାଏ ଜୟ ଜଗନ୍ନାଥ । ଶିଶୁରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ କଣ୍ଠରେ ଜୟ ଜଗନ୍ନାଥର ଧ୍ୱନି । ରଥ ନିକଟରେ ପହଞ୍ଚିବା ପରେ ରଥ ଟାଣିବାର ଲୋଭଟିଏ ମନକୁ ଆସିବାରୁ ସେହି ଅଦମ୍ୟ ଆକର୍ଷଣରେ ରଥ ଦଉଡ଼ି ଧରିବାକୁ ଚେଷ୍ଟାକଲି ମାତ୍ର ପଛରୁ ପ୍ରବଳ ମାତ୍ରାରେ ଧକକ୍କା ଖାଇ ସେ ଇଛା ମନରୁ କାଢି ସାମାନ୍ୟ ପାଦ ଆସିଛିକି ନାହିଁ ରଥ ଦଉଡ଼ିଟି ମୋତେ ଦେଖାଗଲା । ଯେଉଁ ରଥ ଦଉଡ଼ି ଟାଣିବାର ଲୋଭ ନେଇ ଧକକ୍କା ଖାଇଲି ତାହା ଆଖି ସାମ୍ନାରେ ପଡିବା ମାତ୍ରେ ତତ୍‌କ୍ଷଣାତ୍ ତାହା ଜାବୋଡ଼ି ଧରି ଦୁଇ ପାଦ ଯାଇ ପୁଣି ଏକ ଧକକ୍କା ଖାଇ ତାକୁ ଛାଡ଼ିବାକୁ ବାଧ୍ୟ ହେଲି । ମନକୁ ଭାବିଲି କେଡେ କରୁଣାମୟ ପ୍ରଭୁ ସେ । ସବୁ ଭକ୍ତଙ୍କ ମନକଥା ପରିପୂର୍ଣ୍ଣ କରିବାକୁ ଯେମିତି ସେ ଦୃଢସଂକଳ୍ପ । ମୋତେ ସ୍ଥାନାନ୍ତର କରି ପୁଣି କେଉଁ ଭକ୍ତକୁ ସ୍ଥାନ ଦେବାପାଇଁ ପ୍ରଭୁଙ୍କର ଏ ଲୀଳା, ସେଠାରୁ ଚାଲି ଆସିଲି । ରଥ ସନ୍ଧ୍ୟାରେ ଟଣା ଯାଇଥିବାରୁ ରଥ ଆଉ ଗୁଣ୍ଡିଚା ମନ୍ଦିରକୁ ଆସିନପାରି ସେହିଠାରେ ହିଁ ରହିଗଲା । ରାତି ପ୍ରାୟ ୧୧ଟା ହେବ ପୁଣି ଶ୍ରୀଜୀଉଙ୍କୁ ଦର୍ଶନ କରିବାର ଲୋଭନେଇ ପୁନର୍ବାର ଚାଲିଲୁ । ରଥଯାତ୍ରା ସମୟରେ ଥିବା ଭିଡ କମିଥିଲେ ବି ଭିଡ ସେମିତି ବେଶୀ କିଛି କମିନଥିଲା । ଭକ୍ତମାନେ ଶ୍ରୀଜୀଉମାନଙ୍କର ମନୋରଞ୍ଜନ ନିମନ୍ତେ ଭଜନ, କୀର୍ତ୍ତନ, ହରିକଥା ପାରାୟଣ ଆଦି କରୁଥାନ୍ତି । ପାଲାଗାୟକ ମାନେ ନିଜର କଳା ପରିବେଶଣ କରୁଥିବା ବେଳେ ବିଭିନ୍ନ କଳାରେ ନିପୁଣ କଳାକାରମାନେ ନିଜର କଳାକୁ ପରିବେଶଣ କରୁଥାନ୍ତି । ପ୍ରଶାସନର ଆଲୋକ ରାତିକୁ ଦିନର ଭ୍ରମ ସୃଷ୍ଟି କରୁଥାଏ । ସେହି ଭିତରେ ଆମେ ଯାଇ ବଳରାମଙ୍କ ରଥ ନିକଟରେ ପହଞ୍ଚିଲୁ । ଶ୍ରୀଜୀଉଙ୍କୁ ଦର୍ଶନ କରିବାରୁ ଲାଗିଲା ଯେମିତି ସାରା ସଂସାରର ସମ୍ରାଟ ଖୁବ୍ ଗମ୍ଭୀର ଭାବରେ ଉପବେଶନ କରିଛନ୍ତି । ମୁହଁ ସାମାନ୍ୟ ଉପରକୁ ଉଠାଇ ବେଖାତିର ହୋଇ ବସିଛନ୍ତି । ତାପରେ ଯାଇ ମାଆ କାମ୍ପିଲ୍ୟବାସିନୀ ସୁଭଦ୍ରାଙ୍କୁ ଦର୍ଶନ କଲୁ । ମାଆଙ୍କ ମୁହଁରୁ ଜଣା ପଡୁଥିଲା ଯେମିତି ସେ ମାଉସୀଘରେ ପହଞ୍ଚି ନପାରିଥିବାରୁ ଟିକିଏ ଉଦବିଗ୍ନ । ତଥାପି ବି ମନର ଭାବକୁ ଚାପିଦେଇ ଶାନ୍ତ ଭାବରେ ବସି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଏହାପରେ ଜଗନ୍ନାଥଙ୍କ ରଥ ନିକଟକୁ ଗଲୁ, ମାତ୍ର ସେଠାରେ ଯେମିତି ସାମାନ୍ୟ ତମ ଭିଡ଼ କମିନଥିଲା । ତାହାରି ଭିତର କଷ୍ଟେ ମଷ୍ଟେ ଯାଇ ରଥର ବ୍ୟାରିକେଡ ପାଖରେ ପହଞ୍ଚି ଉର୍ଦ୍ଧ୍ୱବାହୁ ହୋଇ ପ୍ରଣାମ କଲୁ । କାଳିଆର ଦର୍ଶନ ମାତ୍ରେ ଲାଗିଲା ସତେ ଯେପରି ଉଦବିଗ୍ନ ଅଛନ୍ତି ଜଗତକର୍ତ୍ତା । ଅଗଣିତ ଭକ୍ତ ସମାଜଙ୍କ କଥା ଚିନ୍ତାକରି ବୋଧେ ଅଶାନ୍ତ ଅଛନ୍ତି ସେ । କାଳେ କେଉଁଠି ଭକ୍ତଟିଏ ହଇରାଣ ହେଉଥିବ । ପୁଣି ସେହି ଚକାଡୋଳାକୁ ଆମେ ନିର୍ନିମେଷ ନୟନରେ ଚାହିଁ ରହିଲୁ । ଲାଗିଲା ଯେମିତି ତାଙ୍କର ସେହି ଚକ୍ଷୁ ଦୁଇଟି ଆମ ଉପରେ ସ୍ଥିର ଅଛି, ଅପୂର୍ବ ସେହି ମୁହୂର୍ତ୍ତର ଅନୁଭୂତି । ସାରା ଶରୀର ଆମର ରୋମାଞ୍ଚିତ ହୋଇଗଲା, କଣ୍ଠ ବାଷ୍ପରୁଦ୍ଧ ହୋଇଗଲା; ପାଟିରୁ ବାହାରି ଆସିଲା ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ । ଜଗନ୍ନାଥ ଆମକୁ କୃତକୃତ୍ୟ କରିଦେଲେ । ଜଗନ୍ନାଥଙ୍କୁ ଦର୍ଶନ କରି ଫେରିବା ବେଳକୁ ରାତି ଅନେକ ହୋଇଗଲାଣି । ଆଶ୍ରମ ନିକଟରେ ପହଞ୍ଚିଲା ବେଳକୁ ବିଜୟବାବା ଆଶ୍ରମ ଦ୍ୱାରରେ ଅପେକ୍ଷା କରିଥିଲେ, ପଚାରିଲେ କାଳିଆକୁ ତମେ ଦେଖିଲ ନା ସିଏ ତମକୁ ଦେଖିଲା । ପାଟିରୁ ବାହାରି ଆସିଲା ସେ ଆମକୁ ଦେଖିଲେ । ଭିତରକୁ ଯାଇ ପ୍ରସାଦ ଗ୍ରହଣ କରି ରାତିର ସେହି ଅନୁଭୂତିକୁ ବଖାଣିଲୁ, ଆଶ୍ଚର୍ଯ୍ୟର କଥା ସମସ୍ତେ ସେହି ସମାନ କଥା ବଖାଣୁଥିଲେ; କେମିତି କାଳିଆ ସାଆନ୍ତେ ସମସ୍ତଙ୍କୁ ଦର୍ଶନ ଦେଇ କୃତକୃତ୍ୟ କରିଛନ୍ତି । ତାହାରି ଭିତରେ ଜଣେ ଭକ୍ତ ତାଙ୍କର ମନି ପର୍ସଟି ଚୋରି ଯାଇଥିବା କଥା କହୁଥିଲେ ବି ଭଗବାନଙ୍କ ଇଛା ବୋଲି ତାହା ଧରିନେଇ ଭଗବାନା ସେହି ଚୋରକୁ କୃପା କରିଥିବାର କହି ଦୁଃଖ ପରିବର୍ତ୍ତେ ଆନନ୍ଦିତ ହେଉଥାନ୍ତି । ଧନ୍ୟ ସେହି ପ୍ରଭୁ ଧନ୍ୟ ତାଙ୍କର ସଂସ୍କୃତି ଓ ଲୀଳା । ନିଜକୁ ସର୍ବସ୍ୱାନ୍ତ କରି ମଧ୍ୟ ଏଠାରେ ପ୍ରାଣୀ କେବଳ ଆନନ୍ଦ ହିଁ ପାଇଥାନ୍ତି ।

॥ ଜୟ ଜଗନ୍ନାଥ ॥

(ସମାପ୍ତ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ,

ମୋ-୯୮୫୩୯୪୮୪୫୮

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ଭଦ୍ରକ,୧୯/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଅଞ୍ଚଳ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗଶେ ଚନ୍ଦ୍ର ପାଣିଗ୍ରାହୀଙ୍କର ଗତ ୧୭ ତାରିଖରେ ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଜଣେ ଅତ୍ୟନ୍ତ ଛାତ୍ରବତ୍ସଳ କର୍ତ୍ତବ୍ୟ ପରାୟଣ ଓ ସମୟାନୁବର୍ତ୍ତୀ ଶିକ୍ଷକ ଥିଲେ। ଏପରିକି ଚାକିରି କାଳ ମଧ୍ୟରେ ବର୍ଷକ ମଧ୍ୟରେ ନିର ମାତୃଶ୍ରାଦ୍ଧ ବ୍ୟତୀତ ଅନ୍ୟ କୌଣସି ଦିନ ବ୍ୟକ୍ତିଗତ ଛୁଟି ନେବାର ନଜିର ନାହିଁ। ତାଙ୍କର ବହୁ ଛାତ୍ର ଆଜି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଅଛନ୍ତି। ଯୁବାବସ୍ଥାରୁ ସେ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର କନ୍ୟା ସ୍ନେହଲତା, ସୁକାନ୍ତି, ସୁଜାତା ତଥା ଜାମାତା ଆଡ୍‌ଭୋକେଟ ଦେବେନ୍ଦ୍ର କୁମାର ପଣ୍ଡା, ସଞ୍ଜିବ ସେନାପତି, ବିବେକାନନ୍ଦ ପାଣିଗ୍ରାହି ତଥା ପୁତ୍ରବଧୂ ମିନାକ୍ଷି, ନାତି, ନାତୁଣୀ, କନଷ୍ଠ ଭ୍ରାତା ସୁବାସ ଚନ୍ଦ୍ର ପାଣିଗ୍ରାହ. ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ସତ୍ରବ୍ରତ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପାଣିଗ୍ରାହୀ ବିଶିଷ୍ଟ ସମାଜସେବୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପରମାନନ୍ଦ ପାଣିଗ୍ରାହୀଙ୍କ ସୁପୁତ୍ର ଥିଲେ। ପ୍ରକାଶ ଥାଉକି ଗତମାସ ତାଙ୍କର ପୁତରା ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କର ଦେହାନ୍ତ ହୋଇଥିଲା। ଯୋଗେଶ ସାର୍‌ଙ୍କର ପରଲୋକ ଖବର ପାଇ ବରିଷ୍ଠ ବିଜେପି ନେତା ଖାରବେଳ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବୀରକିଶୋର ମିଶ୍ର ପ୍ରମୁଖ ଶୋକବାର୍ତ୍ତା ପଠାଇଥିବା ବେଳେ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଜିଲ୍ଲାରେ ଶହେରୁ ତଳକୁ ଖସିଲା ସଂକ୍ରମଣ ହାର

# ଦିନକରେ ଚିହ୍ନଟ ୮୩ ନୂଆ ସଂକ୍ରମିତ : ୮୭ କେନ୍ଦ୍ରରେ ଟିକା ନେଲେ ୨୧,୧୦୮ଜଣ

ବାଲେଶ୍ୱର,୧୯/୦୭ (ନି.ପ୍ର): ବାଲେଶ୍ୱର ଜିଲାରେ ଦୈନିକ କରୋନା ସଂକ୍ରମଣ ହାର ଶହେ ତଳକୁ ଖସିବାକୁ ନେଇ ସାଧାରଣରେ ଆଶ୍ୱସ୍ତି ପରିଲକ୍ଷିତ ହୋଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୮୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଅଙ୍ଗାରଗଡ଼ିଆରୁ ୩ଜଣ, ଆଜିମାବାଦରୁ ୨, ମାନସିଂବଜାରରୁ ୨ ଓ ରାଣୀପାଟଣାରୁ ୨ ଜଣଙ୍କ ସମେତ ମାକଲପୁରର, ମୋତିଗଞ୍ଜ, ପଦ୍ମୁଆଁପଦା ସହଦେବଖୁଣ୍ଟା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୧୨ଜଣ, ବାଲିଆପାଳରୁ ଜଣେ, ବସ୍ତାରୁ ଜଣେ, ଜଳେଶ୍ୱରରୁ ୮, ଖଇରାରୁ ୧୧, ନୀଳଗିରିରୁ ୬, ଔପଦାରୁ ୬, ରେମୁଣାରୁ ୩, ସଦରରୁ ୧୩, ସିମୁଳିଆରୁ ୨ ଓ ସୋର ବ୍ଲକରୁ ୭ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୬,୮୩୧ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ଜିଲାରେ ମୋଟ ୩୫,୦୪୨ଜଣ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧୬୨୫ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୪୯୩ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୨ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ୩୯ ଓ ୬୮ ବର୍ଷର ଦୁଇଜଣ ପୁରୁଷ ଏବଂ ୪୩ ବର୍ଷର ଜଣେ ମହିଳାଙ୍କୁ ମିଶାଇ ମୋଟ ୩ଜଣଙ୍କ ମୃତ୍ୟୁ ତଥ୍ୟ ସରକାରୀ ଭାବେ ଘୋଷଣା କରାଯାଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୧୫୯ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜିଠାରୁ ଆରମ୍ଭ ହୋଇଥିବା ୩ଦିନିଆ ଟିକାକରଣରେ ପ୍ରଥମ ଦିନରେ ୮୭ କେନ୍ଦ୍ରରେ ମୋଟ ୨୧,୧୦୮ ଜଣଙ୍କୁ ଟିକା ନେଇଛନ୍ତି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୭,୩୦,୬୩୬ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୪୦,୫୫୩ଜଣ ପ୍ରଥମ ପାନ ଓ ୧,୯୦,୦୮୩ଜଣ ଦ୍ୱିତୀୟ ପାନ ଟିକା ନେଇ ସାରିଥିବା ଜଣାପଡିଛି ।

## ନୂଆ ପେଟ୍ରୋଲ ପମ୍ପ 'ମହେଶ ଫିଲିଂ ଷ୍ଟେସନ'ଉଦ୍‌ଘାଟିତ

ବାଲେଶ୍ୱର,୧୯/୦୭ (ନି.ପ୍ର): ବାଲେଶ୍ୱର ସହରର କାଦରାବାଦଠାରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର ଏକ ପେଟ୍ରୋଲ ପମ୍ପ ଆଜି ଉଦଘାଟିତ ହୋଇଯାଇଛି। ମହେଶ ଫିଲିଂ ଷ୍ଟେସନ ଆନୁକୂଲ୍ୟରେ ପ୍ରତିଷ୍ଠା ହୋଇଥିବା ଏହି ପେଟ୍ରୋଲ ପମ୍ପକୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଲଟ ରୋଡ଼ରେ ଯାତାୟତ କରୁଥିବା ଯାନବାହାନ ପାଇଁ ଏହି ଏହି ପେଟ୍ରୋଲ ପମ୍ପ ବିଶେଷ ସହାୟକ ହେବ ବୋଲି ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର କହିଥିଲେ। ପେଟ୍ରୋଲ ପମ୍ପର ସ୍ୱତ୍ୱାଧିକାରୀ ଶଶି ଶେଖର ଦାସ ଏହି ଉଦଘାଟନୀ କାର୍ଯ୍ୟରେ ପୌରୋହିତ୍ୟ କରିବା ସହ ଏହି ଅଞ୍ଚଳରେ ପୂର୍ବରୁ ପେଟ୍ରୋଲ ପମ୍ପ ନଥିବା ବେଳେ ଏହା ଲୋକଙ୍କ ପାଇଁ ଅଧିକ ଉପାଦେୟ ସାବ୍ୟସ୍ତ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଶେଖର ପଣ୍ଡା, ଆଇନଜୀବୀ ମାନସ ଚାନ୍ଦ, ରୋଟାରିଆନ ଡ. ମାତୃଦତ୍ତ ଦାସ, ସୁବ୍ରତ କର ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

## ନେପାଳର ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ,୧୯/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ନେପାଳର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଓ୍ୱାଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତ୍ତା କରିଛନ୍ତି ଏବଂ ତାଙ୍କୁ ନିର୍ବାଚିତ ତଥା ଆସ୍ଥା ଭୋଟ୍ ହାସଲ କରିବା ପାଇଁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି। ଭାରତ ଏବଂ ନେପାଳ ମଧ୍ୟରେ ଥିବା ପୁରୁଣା ସମ୍ପର୍କକୁ ସ୍ମରଣ କରିବା ସହିତ ଦୁଇ ନେତା ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବଢ଼ାଇବା ପାଇଁ ମିଳିମିଶି କାମ କରିବା ପାଇଁ ସମ୍ମତି ଜଣାଇଥିଲେ। ସେମାନେ ବିଶେଷତଃ କୋଭିଡ୍-୧୯ ମହାମାରୀର ବିରୁଦ୍ଧରେ ଜାରି ପ୍ରୟାସ ବିଷୟରେ ସହଯୋଗ ଏବଂ ସମନ୍ୱୟକୁ ଦୃଢ଼ କରିବା ଉପରେ ଚର୍ଚ୍ଚା କରିଥିଲେ।

## ରିଟେଲରଙ୍କ ଦୁର୍ବ୍ୟବହାର ଶିକାର ହେଲେ ରୋଗାଗ୍ରସ୍ତ ଓ ଶଯ୍ୟାଶାୟୀ ହିତାଧିକାରୀ

ନୀଳଗିରି,୧୯/୦୭ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର ସୀମା ରେଖା ତଳେ ଥିବା ପରିବାରକୁ ରେସନ ଯୋଗାଇ ଆସୁଥିବା ବେଳେ ଯେଉଁ ହିତାଧିକାରୀ ରୋଗାଗ୍ରସ୍ତ ଓ ଶଯ୍ୟାଶାୟୀ ସଂପୃକ୍ତ ରିଟେଲର ସେମାନଙ୍କ ଘରକୁ ଯାଇ ତାଙ୍କର ଟିପ ଓ ଆଖି ସ୍କାନ କରି ରେସନ ଦେବାର ଗାଇଡ ଲାଇନ ଥିବା ବେଳେ ଏହାକୁ ବେଖାତିର କରି ରାସନ ନ ଦେବା ସହ ପରିବାରର ସଦସ୍ୟଙ୍କୁ ପାଲଟା ଗାଳିଗୁଲଜ କରିବା ନେଇ ହିତାଧିକାରୀଙ୍କ ପୁଅ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ସଜନାଗଡ଼-୨ ରିଟେଲର କେନ୍ଦ୍ରରେ ସଜନାଗଡ଼ ଗ୍ରାମର ବଂଶୀଧର ମହାଲିକ (୮୨) ଓ ତାଙ୍କର ସ୍ତ୍ରୀ ଶାନ୍ତିଲତା ମହାଲିକ (୭୫) ଙ୍କ ନାମରେ ରେସନ କାର୍ଡ ଥିବା ବେଳେ ରୋଗାଗ୍ରସ୍ତ ଓ ଶଯ୍ୟାଶାୟୀ ଯୋଗୁଁ ରେସନକେନ୍ଦ୍ରକୁ ଆସିବାକୁ ଅକ୍ଷମ ଥିବାରୁ ତାଙ୍କର ପୁତ୍ର ରବିନ୍ଦ୍ର ମହାଲିକ ମା' ତାରିଣୀ ଏସ.ଏଚ.ଜି. ଗ୍ରୁପ ଠାରେ ଗୁହାରି କରିଥିଲେ ମଧ ଉକ୍ତ କେନ୍ଦ୍ର ରେସନ ଦେଇ ପାରିବେ ନାହିଁ ବୋଲି ରୋକଠୋକ ମନା କରିଥିଲେ । ତୁମେ କ'ଣ କରିବ ମୋର ଧମକଦେବା ସହ ଗାଳିଗୁଲୋଜ କରିଥିବା ନେଇ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ତାଙ୍କ ର ପୁତ୍ର । ଘଟଣାକୁ ଗୁରୁତ୍ୱ ଦେଇ ରିଟେଲରଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି ।

## ଛତ୍ରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା

ନୀଳଗିରି,୧୯/୦୭ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକମାନଙ୍କୁ ବିନାମୂଲ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଆସୁଛନ୍ତି । ତାହାକେମିତି ବାଟବଣା ହେଉଛି ତାହାର ନଗ୍ନ ନମୁନା ନୀଳଗିରି ବ୍ଲକର ଛତ୍ରପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାଟବଣା ହୋଇଥିବା ଜଣାପଡ଼ିଛି । ଏପରିକି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବଂଚିତ ହୋଇଥିବାରୁ ସେମାନେ ସୋମବାର ଦିନ ନୀଳଗିରି ଉପଜିଲ୍ଲାପାଳ, ନୀଳଗିରି ବି.ଡି.ଓ. ଙ୍କୁ ଲିଖିତ ଭାବେ ଜଣାଇଥିଲେ । ଘଟଣାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ଦାବୀ କରିଛନ୍ତି । ଉକ୍ତ ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ବେଳେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଇଛି । ପୂର୍ବ ପ୍ରକାଶିତ ତାଲିକାରେ ଯୋଗ୍ୟ ହିତାଧିକାରୀ ମାନଙ୍କର ନାମ ନ ଥିବା ବେଳେ ବ୍ଲକରେ ଥିବା ଅଭିଯୋଗ ବାକ୍ସରେ ଅଭିଯୋଗ ପକାଇଥିବା ବେଳେ ମଧ ସେମାନଙ୍କର ନାମକୁ ଯୋଗ କରାଯାଇ ନାହିଁ । ଅଯୋଗ୍ୟ ହିତାଧିକାରୀ ଯେଉଁମାନେ ପୂର୍ବରୁ ମଧ ଘର ପାଇଥିଲେ ସେମାନଙ୍କର ନାମକୁ ପୁନଃ ଯୋଗ କରାଯାଇ ମିଥ୍ୟା ବିଲ୍ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଉକ୍ତ ପଞ୍ଚାୟତର ଜି.ଆର.ଏସ. ଓ ଭି.ଏଲ.ଡବ୍ଲୁ. ଙ୍କ ସହଯୋଗରେ ଗୁହାଳ ଘର ନିର୍ମାଣରେ ଅନିୟମିତତା କରି ଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ଘର ଆବଣ୍ଟନ କରୁଥିବାର ଅଭିଯୋଗ ହୋଇଛି । ଉପଜିଲ୍ଲାପାଳ ଓ ବି.ଡି.ଓ. ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ମିଶନ ଅଲିମ୍ପିକ୍ସ ୨୦୨୦ ଶୀର୍ଷକ ଆଲୋଚନା ଚକ୍ର

## ଭାରତୀୟ ପ୍ରତିଯୋଗୀ ଦଳକୁ ଉତ୍ସାହିତ କଲେ ବିଶିଷ୍ଟ କ୍ରୀଡାବିତ




ଭୁବନେଶ୍ୱର,୧୯/୦୭ (ନି.ପ୍ର): ଆସନ୍ତା ୨୩ତାରିଖ ସକାଳଠାରୁ ଜାପାନର ଟୋକିଓଠାରେ ୨୫ତମ ଅଲିମ୍ପିକ କ୍ରୀଡା ମହାକୁମ୍ଭ ଆରମ୍ଭ ହେବାକୁ ଯାଉଥିବା ସମୟରେ ଭାରତୀୟ କ୍ରୀଡାବିତମାନଙ୍କୁ ବହୁ ବିଶିଷ୍ଟ ପୂର୍ବତନ ଅଲିମ୍ପିୟାନ, କ୍ରୀଡାବିତ, କ୍ରୀଡାପ୍ରେମୀ ଏବଂ ସାଧାରଣ ଜନତା ଉତ୍ସାହିତ କରିଛନ୍ତି । ଭୁବନେଶ୍ୱରଠାରେ ଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଆୟୋଜିତ ହୋଇଥିବା ଏକ ୱେବିନାର ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ଅର୍ଜୁନ ପୁରସ୍କାର ବିଜେତା ଖ୍ୟାତନାମା ଭାର ଉତ୍ତୋଳନକାରୀ କେ. ରବି କୁମାର କହିଥିଲେ ଯେ, ଭାରତୀୟ କ୍ରୀଡାବିତମାନଙ୍କୁ ଚିୟର ଅପ କରାଯିବା ପାଇଁ ସମସ୍ତ ପ୍ରକାରର ଉଦ୍ୟମ ହେବା ଆବଶ୍ୟକ । ଅଲିମ୍ପିକ ପାଇଁ ଯୋଗ୍ୟତା ହାସଲ କରିବା ଏକ ବଡ କଥା । ଏହି ଯୋଗ୍ୟତା ପାଇବା ପାଇଁ ଆମ କ୍ରୀଡାବିତମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିଛି । ଏହାସତ୍ୱେ ଟୋକିଓଠାରେ ପହଞ୍ଚିବା ପରେ ହଠାତ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ରହିଛି । ତେଣୁ କ୍ରୀଡାବିତମାନେ ଏଦିଗରେ ଧ୍ୟାନ ଦେବା ଉଚିତ । ତଥାପି 'ଜି ଫର ଗୋଲ୍ଡ ଏବଂ ଚିୟର ଫର ଇଣ୍ଡିଆ' ହିଁ ଆମ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିବା ଉଦେଶ୍ୟରେ ନାରା ଦିଆଯିବା ପାଇଁ ରବି କୁମାର ଅନୁରୋଧ କରିଥିଲେ । ଓଡିଶା ତଥା ଦେଶର ଅନ୍ୟତମ ମହିଳା କ୍ରୀଡାବିତ ଅନୁରାଧା ବିଶ୍ୱାଳ ଅଲିମ୍ପିକକୁ ବିଶ୍ୱର ଶ୍ରେଷ୍ଠ ଏବଂ ଶେଷ କ୍ରୀଡା ପ୍ରତିଯୋଗୀତା କହି ଏଥିପାଇଁ ଯୋଗ୍ୟତା ହାସଲକୁ ଏକ ବହୁତ ବଡ ସଫଳତା ବୋଲି ସେ ମତ ଦେଇଥିଲେ । ଆମ ଦେଶର କ୍ରୀଡାବିତ ଦଳକୁ ସବୁ ପ୍ରକାରର ଉତ୍ସାହିତ କରିବାକୁ ସେ ଦେଶବାସୀଙ୍କୁ ଅନୁରୋଧ କରିଥିଲେ । ବର୍ତ୍ତମାନ ହରିୟାଣା ରାଜ୍ୟ ଦେଶର ଏକ କ୍ରୀଡା ହବ ହୋଇପାରିଥିବାସ୍ଥଳେ ଓଡିଶା ମଧ ସେହିପରି ଏକ କ୍ରୀଡା ହବ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଇଣ୍ଡିଆନ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ତଥା ବିଶିଷ୍ଟ କ୍ରୀଡା ପ୍ରାବନ୍ଧିକ ଗିରିଜା ଶଙ୍କର ମିଶ୍ର ଅଲିମ୍ପିକର ଇତିହାସ, ପ୍ରାକ ସ୍ୱାଧୀନତା ସମୟରେ ଭାରତର ଅଂଶଗ୍ରହଣ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତର ସଫଳତା ଆଦି ଆଲୋଚନା କରିଥିଲେ । ପ୍ରସଙ୍ଗ କ୍ରମେ ବର୍ତ୍ତମାନର ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ରାଷ୍ଟ୍ର ସମୂହ, କ୍ରୀଡାବିତ, ବିଭିନ୍ନ ଖେଳର ସୂଚୀ ଆଦି ଆଲୋଚନା କରିଥିଲେ । ଭାରତୀୟ ଦଳର କ୍ରୀଡାବିତମାନଙ୍କ ମନୋବଳ, କଠିନ ପରିଶ୍ରମ ଏବଂ ଅଧ୍ୟବ୍ୟସାୟ ଉପରେ ଦେଶବାସୀଙ୍କ ଭରସା ଅଛି ବୋଲି କହି ଦେଶପାଇଁ ଅନ୍ୟୁନ ୪ଟି ସ୍ୱର୍ଣ୍ଣ ପଦକ ସମେତ ୧୭ଟି ବିଭିନ୍ନ ପଦକ ନେଇ ଆସିବେ ବୋଲି କହିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ଜାତୀୟ ଜୀବନରେ କ୍ରୀଡା ମହତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବିଭିନ୍ନ ରାଜ୍ୟ ନିର୍ଦ୍ଦିଷ୍ଟ କ୍ରୀଡାକୁ ଉତ୍ସାହିତ କରିଲେ ଦେଶ ପ୍ରତ୍ୟେକ ସ୍ତରର ପ୍ରତିଯୋଗିତାରେ ଗୌରବ ଲାଭ କରିବ ବୋଲି ସେ କହିଥିଲେ । ଏଥିପାଇଁ ଶୈଶବରୁ ଶିଶୁମାନଙ୍କୁ କ୍ରୀଡା ଦିଗରେ ପ୍ରସ୍ତୁତି କରିବା ପାଇଁ ଗୁରୁତ୍ୱ ଦେବାକୁ ମତ ଦେଇଥିଲେ । ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଲୋଚନା ଆରମ୍ଭରୁ ଅଲିମ୍ପିକ କ୍ରୀଡାର ୫ଟି ଗୁରୁତ୍ୱପୂର୍ଣ୍ଣ ନିୟମ ସମ୍ପର୍କରେ ଆଲୋଚନା କରିଥିଲେ । କ୍ରୀଡାକୁ ମାନବବାଦ ଏବଂ ଭାତୃଭାବର ପ୍ରତୀକ ହେବା ଉଚିତ ବୋଲି କହିଥିଲେ । ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ରାମେଶ୍ୱର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବହୁ ବିଶିଷ୍ଟ କ୍ରୀଡାବିତ, କ୍ରୀଡାପ୍ରେମୀ, କ୍ରୀଡା ସମୀକ୍ଷକ, ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଖଗେଶ ବାଇପେୟୀ ଅତିଥିମାନଙ୍କୁ ଧନ୍ୟବାଦ ଦେବା ସହ ଆଲୋଚନାର ସାରାଂଶ ଉପସ୍ଥାପନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କୃଷକ ଆନ୍ଦୋଳନ : ୨୨ ତାରିଖରୁ ....

ମହା ପଞ୍ଚାୟତରେ ଯୋଗ ଦେବେ । ଏହି କୃଷକମାନେ ଜନ୍ତର-ମନ୍ତର ଯିବାକୁ ଟ୍ରାକ୍ଟର ବ୍ୟବହାର ନକରି ବସରେ ଯିବେ । ଅନ୍ୟପଟେ କିଷାନ ମହାପଞ୍ଚାୟତରେ ଯୋଗ ଦେବାକୁ ଥିବା କୃଷକ ମାନଙ୍କ ପାଖରେ ଆଧାର କାର୍ଡ ରହିବ । ଏହାସହ ଭାରତୀୟ କିଷାନ ୟୁନିୟନ ବି ସେମାନଙ୍କୁ ପରିଚୟପତ୍ର ଜାରି କରିବ । ଏହାସହ ସଂସଦ ଚାଲୁଥିବା ପର୍ଯ୍ୟନ୍ତ ମହାପଞ୍ଚାୟତ ବସିବ ବୋଲି ସେ ସ୍ପଷ୍ଟ କରିଛନ୍ତି । କହିରଖୁ କି କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ନୂଆ କୃଷିନୀତିକୁ କୃଷକ ସଂଗଠନମାନେ ବିରୋଧ କରି ୮ ମାସ ହେବ ଆନ୍ଦୋଳନ ଜାରି ରଖିଛନ୍ତି । ଏହାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ସହ ଅନେକ ଥର ବୈଠକ ହୋଇଥିଲେ ବି କିଛି ସୁଫଳ ମିଳିପାରି ନାହିଁ ।

### ବାହୁଡା ଯାତ୍ରା ନେଇ ଶ୍ରୀମନ୍ଦିର ....

୭୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ବଡଦାଣ୍ଡରେ ଅମାନିଆଙ୍କ ଉପରେ ନଜର ରଖିବା ପାଇଁ ୨୦ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ସେପଟେ ଆଜି ଜନ୍ମବେଦୀରେ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ । ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ମହାପ୍ରଭୁଙ୍କ ଏହା ଜନ୍ମବେଦୀରେ ଶେଷ ଦର୍ଶନ । ପ୍ରତିବର୍ଷ ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବା ବେଳେ ଏଥର କରୋନା କଟକଣା ଯୋଗୁଁ ବିନା ଭକ୍ତରେ ହେବ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ନୀତି । ରାତି ୧୦ଟା ଭିତରେ ଏହି ନୀତିକୁ ସମ୍ପନ୍ନ କରି ବାହୁଡ଼ା ଯାତ୍ରାର ପ୍ରସ୍ତୁତି ଆରମ୍ଭ କରିବାକୁ ନିଷ୍ପତି ହୋଇଛି ।

### ୨୪ ପର୍ଯ୍ୟନ୍ତ ପ୍ରବଳ ....

କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ,ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଉକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୦ରୁ ୨୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ, କନ୍ଧମାଳ,କଳାହାଣ୍ଡି, ନବରଙ୍ଗପୁର, ରାୟଭଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି।ଏହାକୁ ଦୃଷ୍ଟିରେ ରଖିଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହା ବ୍ୟତୀତ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସହିତ ପ୍ରବଳ ବର୍ଷା ସମ୍ଭାବନା ରହିଛି।

### ଆଜିଠାରୁ ସାରା ଓଡିଶାରେ ....

ଏପ୍ରିଲରୁ ସେମାନଙ୍କ ଗାଁକୁ ଚାଲିଯାଇଛନ୍ତି । ସେପଟେ ପ୍ରତି ଗାଡ଼ିରେ ବ୍ୟବହାର ହେଉଥିବା ବ୍ୟାଟେରି ଚାର୍ଜ କରିବା ପାଇଁ ୪୮ ଘଣ୍ଟାରୁ ଅଧିକ ସମୟର ଆବଶ୍ୟକ ରହିଛି । ବସ୍ ଗୁଡ଼ିକ ଛିଡ଼ା ହୋଇ ରହିଥିବାରୁ ଏବେ ଟାୟାର ଓ ଟ୍ୟୁବ୍‌ର ମରାମତି, କ୍ଲଚ୍ ଓ ବ୍ରେକ୍‌ରେ ନୂଆ ରବର, ରେଗୁଲେଟରେ କୁଲନ୍ ପଡିବା ସହିତ ମୋବିଲ୍, ଏସିରେ ଗ୍ୟାସ ଫିଲିଂ ଓ ମରାମତି, ଇଲେକ୍ଟ୍ରିକ୍ କାମ ଆଦିର ମରାମତି ଆବଶ୍ୟକ କରୁଛି । ତେବେ ଗ୍ୟାରେଜ୍ ଗୁଡିକରେ ମେକାନିକ୍ ଓ ଶ୍ରମିକ ନଥିବାରୁ ଏବେ ବସ୍ ମରାମତି ପାଇଁ ସମସ୍ୟା ଦେଖାଯାଇଛି ।

### ଗୋଟିଏ ଦିନରେ ୧୬୪୮....

ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକରୁ ୩୩୫ସବୁଠାରୁ ଅଧିକ ୩୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୩ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୫, କଟକରୁ ୩୩୫, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୪ ଜଣ, ଗଜପତି ଜିଲ୍ଲାରୁ ୫ , ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୨ ଜଣ, ଯାଜପୁରରୁ ୧୧୩ ଜଣ, ଝାରସୁଗୁଡ଼ାରୁ ୦୯ ଜଣ, କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୫ ଜଣ. କେନ୍ଦ୍ରାପଡ଼ାରୁ ୫୦ ଜଣ, କେନ୍ଦୁଝରରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୩୦ ଜଣ, କୋରାପୁଟରୁ ୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୭୭ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ରୁ ୭୩ ଜଣ, ନୂଆପଡ଼ାରୁ ୦୭ ଜଣ, ପୁରୀରୁ ୬୭ ଜଣ, ରାୟଗଡ଼ାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୪ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୩୩ ଜଣ ଓ ଷ୍ଟେଟ୍ ପୁଲରୁ ୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।


### ପଞ୍ଜାବ ପରେ ରାଜସ୍ଥାନରେ ବଦଳିବେ....

ନିଷ୍ପତ୍ତି ହୋଇପାରି ନଥିଲା । ପାଇଲଟଙ୍କ ସମର୍ଥକଙ୍କୁ ମନ୍ତ୍ରୀ ମଣ୍ଡଳ ଓ ଦଳୀୟ ପଦବୀରେ ନିଯୁକ୍ତି ଦେବା ନେଇ ଏକ ଫର୍ମୁଲା ପ୍ରସ୍ତୁତ ହୋଇଥିଲା । ହେଲେ କୁହାଯାଇଛି କି ଗେହଲଟ୍ ପାଇଲଟଙ୍କ ସହ କ୍ଷମତାକୁ ନେଇ ଭାଗ କରିବାକୁ ପ୍ରସ୍ତୁତ ନଥିଲେ । ଏହାକୁ ନେଇ ନିରାଶ ହୋଇ ଫେରିଥିଲେ ଅଜୟ ମାକେନ । କୁହାଯାଇଛି କି ଗେହଲଟଙ୍କ ଏଭଳି ନିଷ୍ପତ୍ତି ଉପରେ କେବଳ ପ୍ରଭାରୀ ନୁହନ୍ତି ଦଳର ହାଇକମାଣ୍ଡ ବି ଖୁସି ନାହାନ୍ତି । ତେଣୁ ପଞ୍ଜାବ ଭଳି ରାଜସ୍ଥାନ କଂଗ୍ରେସର ବଡ ଧରଣର ଅଦଳ ବଦଳ ହୋଇପାରେ ବୋଲି ଅନୁମାନ କରାଯାଉଛି । ଅନ୍ୟପଟେ ୨୦୦୩ ଓ ୨୦୧୩ ମସିହାରେ ରାଜସ୍ଥାନ କଂଗ୍ରେସ ଅଶୋକ ଗେହଲଟଙ୍କ ନେତୃତ୍ୱରେ ନିର୍ବାଚନ ଲଢିଥିଲେ ବି ସଫଳତା ପାଇବାରେ ଅକ୍ଷମ ହୋଇଥିଲେ ଗେହଲଟ୍ । ମାତ୍ର ୨୦୧୮ ମସିହାରେ ଯେତେବେଳେ ଦଳ ସଚିନ ପାଇଲଟଙ୍କ ନେତୃତ୍ୱରେ ନିର୍ବାଚନ ଲଢିଥିଲା ସେତେବେଳେ ବିଜୟ ସହ କ୍ଷମତା ହାସଲ କରିବାରେ ସକ୍ଷମ ହୋଇଥିଲା କଂଗ୍ରେସ ।

### ପଞ୍ଜାବ ରାଜନୀତି : କ୍ୟାପଟେନଙ୍କୁ ....

ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ସିଦ୍ଧୁଙ୍କୁ ରାଜ୍ୟମୁଖ୍ୟ କରିବା ପ୍ରସଙ୍ଗରେ କ୍ୟପଟେନ ହଁ ଭରିଥିବା କୁହାଯାଇଛି । ଅନ୍ୟପଟେ କ୍ୟାପଟେନ ହଁ ଭରିବା ପୂର୍ବରୁ ସର୍ତ୍ତ ରଖିଥିଲେ କି ତାଙ୍କ ବିରୋଧରେ ଅଭଦ୍ର ଟିପ୍ପଣୀ କରିଥିବା ସିଦ୍ଧୁ ସର୍ବ ସାଧାରଣରେ କ୍ଷମା ମାଗନ୍ତୁ । ହେଲେ ଏପର୍ଯ୍ୟନ୍ତ ସିଦ୍ଧୁ କ୍ଷମା ମାଗିନଥିବାରୁ କ୍ୟାପଟେନ କିଭଳି ପ୍ରତିକ୍ରିୟା ରଖିବେ ତାହା କୁହାଯାଇ ନପାରେ । କୁହାଯାଉଛି କି ୨୦୧୭ ମସିହାରେ ଯେତେବେଳେ ସାରା ଦେଶର କଂଗ୍ରେସ ପୁରା ଦୁର୍ବଳ ହୋଇପଡିଥିଲା ସେତେବେଳେ କ୍ୟାପଟେନ୍ ଅମରିନ୍ଦର ସିଂ ପଞ୍ଜାବରେ ଦଳକୁ ବହୁମତ ଦେବାରେ ସଫଳ ହୋଇଥିଲେ । ଏଭଳି ସ୍ଥଳେ ସିଦ୍ଧୁଙ୍କୁ ନେଇ କଂଗ୍ରେସ ହାଇକମାଣ୍ଡ ଯେଉଁଭଳି ଭାବେ ନିଷ୍ପତ୍ତି ନେଲେ ତାହା କ୍ୟାପଟେନଙ୍କ ମନରେ ବାଧା ପହଂଚାଇଥିବା ଅନୁମାନ କରାଯାଉଛି ।

## ବିଦ୍ୟୁତ୍ ଷ୍ଟ୍ରକଚର ଅଫିସ ସାମ୍ନାରେ ବିଜେପି ପକ୍ଷରୁ ବିକ୍ଷୋଭ



ନୀଳଗିରି,୧୯/୦୭ (ନି.ପ୍ର): ଦେଶରେ କରୋନା ଭଳି ମହାମାରୀ ମାଡ଼ି ଋଲିଥିବା ବେଳେ ରାଜ୍ୟ ସରକାର କିଭଳି ବିଦ୍ୟୁତ୍ ବିଲ୍ ବୃଦ୍ଧି କରିବା ଓ ଗତ ଏପ୍ରିଲ ୪ ତାରିଖ ରୁ ରାଜ୍ୟ ସରକାର ବିଦ୍ୟୁତ୍ ବିଲ୍ ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି କରିବା ଯୋଗୁଁ ଗରିବ ଜନତାଙ୍କ ଉପରେ ଘୋର ଆଘାତ ସୃଷ୍ଟି କରିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ । ବିଦ୍ୟୁତ୍ ଦର ବୃଦ୍ଧି ହ୍ରାସ କରିବା ଓ ଓଡ଼ିଶାର ସାଧାରଣ ଜନତାଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଯୋଗାଇ ଦେବା ଦାବିରେ ନୀଳଗିରି ର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଙ୍କ ନେତୃତ୍ୱରେ ନୀଳଗିରି ବିଜେପି ପକ୍ଷରୁ ଆଜି ନୀଳଗିରିସ୍ଥିତ ବାଣପୁର ବିଦ୍ୟୁତ୍ ଷ୍ଟ୍ରକଚର ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପୂର୍ବରୁ ଦରବୃଦ୍ଧି ପ୍ରତିବାଦରେ ବିଜେପି ବିଧାନସଭା ଗୃହ ଭିତରେ ଓ ବାହାରେ ପ୍ରତିବାଦ କରିବା ପରେ ବି ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଲେ ନାହିଁ । ରାଜ୍ୟରେ ହୋଇଥିବା ବିଭିନ୍ନ ପ୍ରାକୃତି ବିପର୍ଯ୍ୟୟରେ ହଜାର ହଜାର କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଓଡ଼ିଶାକୁ ପ୍ରଦାନ କରାଯାଉଛି । କିନ୍ତୁ ରାଜ୍ୟ ସରକାର ଭିତ୍ତିଭୂମି ସୁଦୃଢ଼ ନ କରିବା ସହ ରାଜ୍ୟ ସରକାର ସେବା କମ୍, ଟିକସ ଅଧିକ ନେବା ନୀତିକୁ ବିଜେପି ଘୋର ନିନ୍ଦା କରିଛି । ଏହା ସହ ବାତ୍ୟା ପରେ ପରେ ମିଳିଥିବା କେନ୍ଦ୍ରୀୟ ସହାୟତାକୁ କିଭଳି ଖର୍ଚ୍ଚ କରାଯାଇଛି, କେଉଁ ଠିକାଦାରଙ୍କୁ କାମ ଦିଆଯାଇଛି, ଏବଂ କେତେ ପରିମାଣରେ କାମ ହୋଇଛି ତାହାର ସବିଶେଷ ତଥ୍ୟ ଏକ ଶ୍ୱେତପତ୍ର ମାଧମରେ ରାଜ୍ୟ ସରକାର ପ୍ରକାଶ କରନ୍ତୁ ବୋଲି ବିଧାୟକ ଶ୍ରୀ ନାୟକ ଦାବୀ କରିଛନ୍ତି । ପରିଶେଷରେ ନୀଳଗିରି ଇଲେକ୍ଟ୍ରିକାଲ ଏସ.ଡି.ଓ. ଯଯାତୀ କେଶରୀ ସିଂହ ଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ପାଞ୍ଚ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ଅକ୍ଷୟ ବେହେରା, ତାପସ ମହାନ୍ତି, ଅଶୋକ ନାୟକ, ସହ ବହୁ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# 'ଓସିଏ' ପକ୍ଷରୁ କ୍ରିକେଟ ଭିତ୍ତିଭୂମି ବିକାଶ ଉଦ୍ୟମ

ବାଲେଶ୍ୱର,୧୯/୦୭ (ନି.ପ୍ର): କ୍ରିକେଟ ଖେଳର ପ୍ରସାର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି ଭିଜନ ୨୦୨୪। ଏହି ପରିପ୍ରେକ୍ଷୀରେ କଟକ ବାରବାଟୀ ଷ୍ଟାଡିୟମ ସହ ବିଭିନ୍ନ ଜିଲାକୁ ନେଇ ଭର୍ଚୁଆଲ ମୋଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ସଚିବ ବିଶାଳ ଦେବ, 'ଓସିଏ'ର କାର୍ଯ୍ୟକାରୀ ସଭାପତି ଆଶୀର୍ବାଦ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ କ୍ରିକେଟ ଭିତ୍ତିଭୂମି ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି 'ଭିଜନ-୨୦୨୪'ଜରିଆରେ ପ୍ରତ୍ୟେକ ଜିଲାର କ୍ରିକେଟ ଷ୍ଟାଡିୟମର ଉନ୍ନତୀକରଣ ସହ ମ୍ୟାଚ ପାଇଁ ଦୁଇଗୋଟି ଓ ଅଭ୍ୟାସ ପାଇଁ ୨ଟି ଟର୍ଫ ପିଚ, ବଲିଂ ମେସିନ, ଗୋଟିଏ କଂକ୍ରିଟ ପିଚ, ରୋଲର, ଘାସକଟା ମେସିନ, ସ୍ପ୍ରିଙ୍କଲର ଓ ପ୍ରଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ଆବଶ୍ୟକତା ପୂରଣ କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲାରେ ଭିତ୍ତିଭୂମି ବିକାଶ ଓ କ୍ରିକେଟ ଏକାଡେମୀ ପ୍ରତିଷ୍ଠା ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅନୁରୂପ ଭାବେ ବାଲେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଜିଲା କ୍ରୀଡ଼ା ସଂଘର ସଭାପତି କେ ସୁଦର୍ଶନ ଚକ୍ରବର୍ତ୍ତୀ, କାର୍ଯ୍ୟକାରୀ ସଭାପତି ଅଧୀପ ଦାସ, ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ କ୍ରିକେଟ ଏକାଡେମୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓସିଏର ଏହି ବ୍ୟବସ୍ଥା କାର୍ଯ୍ୟକାରୀ ପରେ ବାଲେଶ୍ୱରରେ କ୍ରିକେଟ ଖେଳାଳିଙ୍କ ପାଇଁ ଉନ୍ନତ ଭିତ୍ତିଭୂମି ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ଲେଙ୍କା, ବିଷ୍ଣୁ ପ୍ରସାଦ ମହାନ୍ତି, ଅମର କୁମାର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ନାୟକ, ସଂଜୟ କୁମାର ଲେଙ୍କା, ପ୍ରେମଲତା ମହାନ୍ତି, କଳ୍ପଲତା ରଥ ପ୍ରମୁଖ ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗଙ୍ଗନଗରର ଆପାର୍ଟମେଂଟକୁ କଂଟେନମେଂଟ ଜୋନ୍ ଘୋଷଣା କଲା ବିଏମସି

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଭୁବନେଶ୍ୱରର ୟୁନିଟ୍ ୬ ଗଙ୍ଗନଗର ଅଂଚଳରେ ଥିବା ବୃନ୍ଦାବନ ପ୍ଲାଜାର କିଛି ଫ୍ଲାଟକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି। ଉକ୍ତ ଅଂଚଳରୁ ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ହେବାରୁ କଂଟେନମେଂଟ ଘୋଷଣା କରିଛି ବିଏମ୍ସି। ବିଏମସିର ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ୱାର୍ଡ ନଂ୫୨ ୟୁନିଟ୍ ୬ ଗଙ୍ଗନଗର ରେ ଥିବା ବୃନ୍ଦାବନ ପ୍ଲାଜାର ପଂଚମ ମହଲାରେ ଥିବା ୫୦୬,୫୦୯ ଓ ୫୧୦ ଫ୍ଲାଟ୍ ଗୁଡିକୁ ମାଇକ୍ରୋ କଂଟେନମେଂଟ୍ ଜୋନ୍ ଘୋଷଣା କରାଯାଇଛି। ସେଠାରେ ରହୁଥିବା ବ୍ୟକ୍ତି ଘର ମଧ୍ୟରେ ରହିବେ। ସେଠାକୁ ସାଧାରଣ ଲୋକଙ୍କପ୍ରବେଶ ଉପରେ କଟକଣା ରହିବ। ବିଏମସି ଆବଶ୍ୟକ ସାମଗ୍ରୀ ଓ ଔଷଧ ସେମାନଙ୍କୁ ପହଚଂାଇବ।

# ବେସରକାରୀ ପାନୀୟ ଜଳ ଯୋଗାଣକୁ ନେଇ ଅଭାବନୀୟ ସ୍ଥିତି

## ଥାନା ଆଗରେ ଗୋଧିବସା ବସ୍ତି ମହିଳାଙ୍କ ଧାରଣା



ବାଲେଶ୍ୱର,୧୯/୦୭ (ନି.ପ୍ର): ରେଲଓ୍ୱେ ଜାଗାରେ ହେଉ ପଛେ, ସହର ମଧ୍ୟରେ ଥାଇ ମଧ୍ୟ ବାଲେଶ୍ୱରର ବସ୍ତିବାସିନ୍ଦାଙ୍କୁ ମିଳୁନି ପିଇବା ପାଣି। ବେଆଇନ ହେଲେ ବି ପରିବାର ପିଛା ଦୈନିକ ୧୦ ଟଙ୍କା ଦେଇ ଘରୋଇ ପମ୍ପହାଉସରୁ ପାଣି ନେଉଥିବା ୭୦ରୁ ଉର୍ଦ୍ଧ୍ୱ ପରିବାର ନିଜ ନିଜ ମଧ୍ୟରେ ଗଣ୍ଡୋଗଳ ଲାଗି ଶେଷରେ ଥାନାରେ ପହଞ୍ଚିବା ଘଟଣା ଜନସ୍ୱାସ୍ଥ୍ୟ ବିଭାଗ ତଥା ପ୍ରଶାସନର ପାରିଲାପଣିଆ ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିଭଳି ସମ୍ବେଦନଶୀଳ ଘଟଣା ଘଟିଛି ବାଲେଶ୍ୱର ସହରର ଗୋଧିବସା ବସ୍ତିରେ। ଏଠାରେ ପାଖାପାଖି ଶହେ ପରିବାର ରେଲଓ୍ୱେ ଜାଗାରେ ଘର ନିର୍ମାଣ ସହ ଦୀର୍ଘବର୍ଷ ଧରି ବସବାସ କରିଆସୁଛନ୍ତି। ରେଳ ବିଭାଗ ଜାଗାରେ ଘର କରିଥିବା ଯୋଗୁଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ବସ୍ତିକୁ ଅଦ୍ୟାବଧି ପାଇପ ପାଣି ସଂଯୋଗ ହୋଇପାରି ନାହିଁ। ତତ୍କାଳୀନ ପୌରପାଳ ଅନୁପ ଦାସଙ୍କ ସମୟରେ ପୌରପାଳିକା ପକ୍ଷରୁ ଖନନ ହୋଇଥିବା ଦୁଇଗୋଟି ହାତମୋଡ଼ା ନଳକୂପରୁ ଲୋକେ ପାଣି ନେଇ କୌଣସି ମତେ ଚଳି ଯାଉଥିଲେ। ମାତ୍ର ସମ୍ପୃକ୍ତ ନଳକୂପ ଖରାପ ହୋଇଯିବା ଯୋଗୁଁ ଲୋକେ ପାଣି ପାଇଁ ସମସ୍ୟା ସାମ୍ନା କରିବାରୁ ସେ ଅଞ୍ଚଳର ଅଚିନ୍ତ ସ୍ୱାଇଁ ନିଜସ୍ୱ ଘରେ ଏକ ଗଭୀର ନଳକୂପ ଖୋଳି ପମ୍ପ ସାହାଯ୍ୟରେ ପାଣି ଉଠାଇ ପାଇପ ସାହାଯ୍ୟରେ ସ୍ଥାନୀୟ ଲୋକଙ୍କୁ ପରିବାର ପିଛା ଦୈନିକ ୧୦ଟଙ୍କା ନେଇ ପାଣି ଯୋଗାଉଥିଲେ। ବେଆଇନ ହେଉ ପଛେ ଦୀର୍ଘ ୫ ବର୍ଷ ଧରି ଏହି ନୀତିରେ ଶ୍ରୀ ସ୍ୱାଇଁ ଲୋକଙ୍କୁ ପାଣି ଯୋଗାଇ ଅର୍ଥ ଆଦାୟ କରିଆସୁଥିଲେ। ମାତ୍ର ରଥ ପାତ୍ର ନାମକ ବ୍ୟକ୍ତି ବକେୟା ପାଣିଟଙ୍କା ନଦେବା ଯୋଗୁଁ ତା ଘରକୁ ପାଣି ପାଇପ ସଂଯୋଗ ବିଚ୍ଛିନ୍ନ କରାଯିବା ଫଳରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ରଥପାତ୍ରଙ୍କ ଘରକୁ ପାଣି ସଂଯୋଗ ବିଚ୍ଛିନ୍ନ ହେବା କାରଣରୁ ତାଙ୍କ ଜାଗା ଦେଇ ଅନ୍ୟମାନଙ୍କ ଘରକୁ ଯାଇଥିବା ପାଣି ପାଇପକୁ ସେ କାଟି ଦେଇଥିଲେ। ଫଳରେ ଦୁଇଦିନ ଧରି ଲୋକେ ପାଣି ନପାଇବା ଯୋଗୁଁ ସେଠାରେ ଅଭାବନୀୟ ପରିସ୍ଥିତି ଉପୁଜିବା ସହ ଲୋକେ ବାଡ଼ିଆ ପିଟା ଲାଗି ଶେଷରେ ସହଦେବଖୁଣ୍ଟା ଥାନାରେ ପହଞ୍ଚିଥିଲେ। ଥାନା ସମ୍ମୁଖରେ ମହିଳାମାନେ ଧାରଣାରେ ବସିବା ସହ ତୁରନ୍ତ ପାଣି ବ୍ୟବସ୍ଥା ପାଇଁ ଦାବି କରିଥିଲେ। ପୁଲିସ ସେମାନଙ୍କୁ ବୁଝାସୁଝା କରି ସେମାନଙ୍କଠାରୁ ଏତଲା ଗ୍ରହଣ ପରେ ତଦନ୍ତ ଜାରି ରଖିଛି।

## ଲବଣଗିରି ପୀଠରେ ବୃକ୍ଷରୋପଣ ଓ ଅଷ୍ଟପ୍ରହରୀ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଜଟଣୀ ନିର୍ବାଚନ ମଣ୍ଡଳୀର ଲବଣଗିରି ପୀଠରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସେଠାରେ ଅଷ୍ଟପ୍ରହରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୋଭିଡ ଆଇନକୁ ଅନୁପାଳନ କରି ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ କହିଥିଲେ ଧଉଳିଗିରି, ଖଣ୍ଡଗିରି ପରି ଲବଣଗିରିର ପରିସରକୁ ଅଧିକ ଉନ୍ନତ ଓ ଆକର୍ଷଣୀୟ କରାଯିବ। ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀରେ କରିବା ପାଇଁ ସମସ୍ତ ଉଦ୍ୟମ ହେଉଛି। ଏଠାରେ ନୂତନ ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର ଓ ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଲବଣଗିରି ପୀଠର ଉନ୍ନତି ପାଇଁ ଯେଉଁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି, ସେହି କମିଟି ସଭ୍ୟମାନଙ୍କର ସର୍ବସମ୍ମତି କ୍ରମେ ବିଶିଷ୍ଟ ସମାଜ ସେବୀ ତିରୁପତି ପାଣିଗ୍ରାହୀଙ୍କୁ ଅଧକ୍ଷ ଭାବେ ମନୋନୀତ କରାଯାଇଛି। ପରିଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ ହୋଇଥିଲା।

## ବ୍ରାଉନସୁଗର ଜବତ : ଜଣେ ଗିରଫ

ଖୋର୍ଦ୍ଧା,୧୯/୦୭ (ନି.ପ୍ର): ଯେତେ ଚଢ଼ାଉ କଲେ ମଧ ବ୍ରାଉସୁଗର କାରବାର ରେ ରୋକ ଲାଗିପାରୁ ନି। ଖୋର୍ଦ୍ଧା ପାଲଟିଛି ବ୍ରାଉନସୁଗାର କାରବାର ର ପେଣ୍ଠ ସ୍ଥଳୀ। କଟକ ଗୋଇନ୍ଦା ଅବକାରୀ ବିଭାଗ ଖୋର୍ଦ୍ଧା। ଗୁରୁଜଙ୍ଗ ଅଞ୍ଚଳରେ ଚଢ଼ାଉ କରି ୧୩୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣ କୁ ଗିରଫ କରିଛି। ଗିରଫ ବ୍ୟକ୍ତି ର ନାମ କପିଳେନ୍ଦ୍ର ସୁନ୍ଦରାୟ। ଗତ କିଛିଦିନ ଧରି ସ୍ଥାନୀୟ ପୋଲିସ, ଅବକାରୀ ବିଭାଗ ର ମଧ ଚଢ଼ାଉ ଚାଲିଛି। ତଥାବି ବ୍ରାଉନସୁଗାର ବ୍ୟବସାୟ ବଢ଼ିବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ଯୁବକ ଏହି କାରବାର ରେ ସମ୍ପୃକ୍ତ ହେଉଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ମୟୂରଭଞ୍ଜର ନୂତନ ଆରକ୍ଷୀ ଅଧିକ୍ଷକ କେ. ଆର. ଦ୍ୟାନଦେଓ



ବାରିପଦା,୧୯/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ ଭାବରେ ଆଜି ପୂର୍ବାହ୍ନରେ କେ. ଆର. ଦ୍ୟାନଦେଓ ଅନୁଷ୍ଠାନିକ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବାର ଜଣା ଯାଇଛି । ସେ ଆଜି ବାଲେଶ୍ୱର ଏସପି ଙ୍କ ଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ମାଲକାନା ଗିରି ଏସପି ଭାବରେ କାର୍ଯ୍ୟ ତୁଲାଉଥିଲେ । ତେବେ ନୂତନ ଏସପି ଶ୍ରୀ ଦ୍ୟାନଦେଓ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀ ମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ, ଏସପି ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିବାର ଜଣା ଯାଇଛି ।

## ନିର୍ମାଣ କାର୍ଯ୍ୟ ପାଇଁ ୫ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୧୯/୦୭ (ନି.ପ୍ର): କୋଟଭାଲାସା-ପାଲାସା ସେକ୍ସନରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ ପାଇଁ ଆଲମଣ୍ଡା ଏବଂ କୋରୁକୋଣ୍ଡା ଷ୍ଟେସନ୍ ମଧରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୫ ଟି ଟ୍ରେନ୍ ବାତିଲ ରଖିବାକୁ ପୂର୍ବତଟ ରେଳପଥ ନିଷ୍ପତି ନେଇଛି। କିଛି ଟ୍ରେନ୍ ଜୁଲାଇ ମାସ ୧୮ ଓ ୧୯ ତାରିଖରେ ବାତିଲ କରାଯାଇଥିଲା ବେଳେ ଏହାର ଲିଙ୍କ ଟ୍ରେନ ଗୁଡିକ ସେମାନଙ୍କ ଉତ୍ପତି ଷ୍ଟେସନ ମାନଙ୍କରୁ ଜୁଲାଇ ମାସ ୨୦ ତାରିଖ ଦିନ ବାତିଲ୍ ହୋଇ ରହିବ।ସୂଚନା ଅନୁଯାୟୀ ୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ବିଶେଷ ଟ୍ରେନ ଭୁବନେଶ୍ୱର ଠାରୁ ୨୦ ଜୁଲାଇ ଦିନ ବାତିଲ ରହିବ ।୦୮୦୪୭ ହାଓଡ଼ା-ଭାସ୍କୋ ଡା ଗାମା ବିଶେଷ ଟ୍ରେନ ହାଓଡ଼ା ଠାରୁ ୨୦ ଜୁଲାଇ ତାରିଖ ଦିନ ବାତିଲ ରହିବ । ୦୨୫୪୩ ହାଓଡ଼ା-ଚେନ୍ନାଇ ବିଶେଷ ଟ୍ରେନ ହାଓଡ଼ା ଠାରୁ ୨୦ ଜୁଲାଇ, ତାରିଖ ଦିନ ବାତିଲ ରହିବ। ସେହିପରି ୦୨୮୭୪ ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ଯଶୋବନ୍ତପୁର ଠାରୁ ୨୦ ଜୁଲାଇ, ୨୦୨୧ ତାରିଖ ଦିନ ବାତିଲ ରହିବ । ୦୮୪୬୪ ବାଙ୍ଗାଲୋର-ଭୁବନେଶ୍ୱର ବିଶେଷ ଟ୍ରେନ ବାଙ୍ଗାଲୋରରୁ ୨୦ ଜୁଲାଇ ତାରିଖ ଦିନ ବାତିଲ ରହିବ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୧୩ ଗିରଫ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୬୯୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୨୨,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବିଡିଓଙ୍କୁ ଘେରିଲେ ଆନ୍ଦୋଳନକାରୀ



ଜଳେଶ୍ୱର ୧୯/୭(ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଆବାସ ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀ ବାଦ ପଡିଥିବାର ଅଭିଯୋଗ ହୋଇଛି । ଏଥିନେଇ କଂଗ୍ରେସ ପକ୍ଷରୁ ବ୍ଲକ ଅଫିସ୍ ଘେରାଓ କରାଯିବା ସହିତ ଏକ ଘଣ୍ଟା ଧରି ବିଡିଓଙ୍କୁ ନାକାବନ୍ଦି କରିଥିଲେ । ତ୍ରୁଟିପୂର୍ଣ୍ଣ ତାଲିକାକୁ ସଂଶୋଧନ କରିବା, ଭୂମିହୀନ ମାନଙ୍କୁ ପଟ୍ଟା ପ୍ରଦାନ ସହିତ ଆବାସ ଗୃହ ପ୍ରଦାନ, କାଳିଆ ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ଏବଂ ସବୁ ପରିବାରକୁ ପାଇଖାନା ଯୋଗାଇଦେବା ଦାବିରେ ଆଜି ସୋମବାର ଦିନ ୧୦ଟାରୁ ଏହି ଧାରଣା ଓ ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ବ୍ଲକ ସଭାପତି ରାଜୀବ ପରିଡା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସଂଜୀବ ଗିରି, ସତ୍ୟସୁନ୍ଦର ଦାସ, ଟାଉନ୍ ସଭାପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର, ସରପଂଚ ପଦ୍ମଲୋଚନ ବେହେରା, ପୂର୍ବତନ କାଉନ୍ସିଲର ଜଗଦୀଶ ନନ୍ଦୀ, ସବ୍ୟସାଚୀ ଦାସ, ଗୋପାଳକୃଷ୍ଣ ଜେନା, ରବିନ୍ଦ୍ର ଦାସ, ଶ୍ରୀକାନ୍ତ ସିଂ, ମିହିର ଭୂୟାଁ, ସୁରେଶ ମହାନ୍ତ, ଦୀପକ ପାତ୍ର, ନବୀନ ଦାସ, ଉମା ମହାପାତ୍ର, ସୁଶାନ୍ତ ଜେନା, ଅଜିତ୍ ସେଠୀ, ମଦନ ପାତ୍ର, ମଂଜୁବାଳା ପଣ୍ଡା. ଅଂଜନ ପଟ୍ଟାୟତ, ବୁଲା ଗିରି, ସପନ ଜେନା, ଜଗଦୀଶ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଆବାସ ତାଲିକାର ସର୍ଭେକାର୍ଯ୍ୟ ଆସନ୍ତା ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯିବା ସହିତ ଆସନ୍ତା ବୁଧବାର ଦିନ ଏକ ପ୍ରତିନିଧି ଦଳ ସହିତ ଆଲୋଚନା କରାଯିବ ବୋଲି ବିଡିଓ ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ଅତ୍ୟାତି ଟେକ୍ନୋଲୋଜି ପକ୍ଷରୁ ଅକ୍ସିଜେନ କନସେନଟ୍ରେଟର ପ୍ରଦାନ

ବାଲେଶ୍ୱର,୧୯/୦୭ (ନି.ପ୍ର): କରୋନା ପୀଡ଼ିତଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଅତ୍ୟାତି ଟେକ୍ନୋଲୋଜି ପକ୍ଷରୁ ଆଜି ୧୦ଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରାଯାଇଛି। ଗୁରୁ ଋଣ ପରିଶୋଧ କରିବାକୁ ଯାଇ ଅଧ୍ୟାପକ ଡଃ ପଙ୍କଜ କୁମାର ଜେନାଙ୍କ କଥାରେ ଅନୁପ୍ରାଣିତ ହୋଇ କମ୍ପାନିର ଓଡ଼ିଶା ହେଡ ଛାତ୍ର ରଘୁନାଥ ବାରିକ, କମ୍ପାନୀ ସି.ଇ.ଓ. ପ୍ରକାଶ ପ୍ରଭୁଙ୍କ ଅନୁମୋଦନ କ୍ରମେ ୧୦ଟି ମେସିନ୍ ଦେବାକୁ ରାଜି ହୋଇଥିଲେ। ସୋମବାର ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସି.ଡି.ଏମ୍.ଓ. ଡାକ୍ତର ଦୁଲାଲସେନ ଜଗଦେବ, ଏ.ଡି.ଏମ୍. ନୀଲୁ ମହାପାତ୍ର, କୋଭିଡ୍ ହେଡ୍ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଅଧ୍ୟାପକ ଡ. ପଙ୍କଜ କୁମାର ଜେନାଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଆଗାମୀ ଦିନରେ ତାଙ୍କ ଗୁରୁ ଡ. ଜେନାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓଡ଼ିଶାର ବାଲେଶ୍ୱର ଜିଲାକୁ କମ୍ପାନି ଅଗ୍ରାଧିକାର ଦେବ ବୋଲି କହିଥିଲେ । ଡ. ଜେନାଙ୍କର ବହୁତ ଛାତ୍ରଛାତ୍ରୀ ଡ଼ାକ୍ତର, ଇଂଜିନିୟର, ଆ.ଏ.ଏସ୍, ଓ.ଏ.ଏସ୍ ଅଫିସର ହୋଇଥିବା ବେଳେ ଅନ୍ୟମାନେ ତାଙ୍କ ପରି ହେଲେ ଦେଶ ଆଗେଇବ ବୋଲି କହିଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୧୮୧ ପଜିଟିଭ୍

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜଧାନୀରେ କମିଛି ସଂକ୍ରମଣ। ଗତକାଲି ଭୁବନେଶ୍ୱରରେ ୩ଶହରୁ ଉର୍ଦ୍ଧ୍ୱ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଏହି ସଂଖ୍ୟା ୨୦୦ ତଳକୁ ଖସିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ସୋମବାର ଦିନ ଆଉ ୧୮୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୧୬ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୫୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୬୦୬୫ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୩୯୮୮ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୪୦୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୬୫୩କୁ ବୃଦ୍ଧି ପାଇଛି।

# ରାଜ୍ୟରେ କରୋନାରେ ଆଉ ୫୮ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୫୧୧୬ ହେଲା

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୫୧୧୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୧୧୬ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୯ ଜଣ ମୃତ୍ୟୁବରଣ କରିଛନ୍ତି। ବରଗଡ ଜିଲ୍ଲାରୁ ୭ ଜଣ, ଗଂଜାମ ଜିଲ୍ଲାରୁ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୪ ଜଣ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲାରେ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ, ଭଦ୍ରକ, କେନ୍ଦ୍ରାପଡା ଜିଲ୍ଲାରେ ୨-୨ ଜଣ ଚଛା ବୌଦ୍ଧ. ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, ମୟୁରଭଂଜ ଜିଲ୍ଲାରେ ୧-୧ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ଅନଲାଇନ ଶିକ୍ଷା ଲାଗି ଆଗାମୀ ୫ ବର୍ଷ ପାଇଁ ୬ ହଜାର ୧୪୩ କୋଟି ବ୍ୟୟବରାଦ : ଧର୍ମେନ୍ଦ୍ର ପ୍ରଧାନ

## ଓଡିଶାକୁ ୫ ବର୍ଷ ପାଇଁ ୨୧୮ କୋଟି

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯/୦୭ (ନି.ପ୍ର): ପଂଚଦଶ ଅର୍ଥ କମିଶନର ସୁପାରିଶ ଅନୁସାରେ ଅନଲାଇନ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ଭାରତ ସରକାର ଆଗାମୀ ୫ ବର୍ଷ ପାଇଁ ସବୁ ରାଜ୍ୟକୁ ୬ ହଜାର ୧୪୩ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶା ପାଇଁ ଏହି କ୍ଷେତ୍ରରେ ଆଗାମୀ ୫ ବର୍ଷ ପାଇଁ ୨୧୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଓଡ଼ିଶାରେ ୧୪ଟି ଆଦର୍ଶ ଡିଗ୍ରୀ କଲେଜ୍ ସ୍ଥାପନ ପାଇଁ ଭାରତ ସରକାରଙ୍କ ପକ୍ଷରୁ ଅନୁମୋଦନ ଦିଆଯାଇଛି ବୋଲି ସଂସଦରେ ଏ ସମ୍ପର୍କୀତ ପ୍ରଶ୍ନର ଉତରରେ କହିଛନ୍ତି କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସଂସଦରେ ଅନଲାଇନ ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ ଉଚ୍ଚ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ପ୍ରଶ୍ନର ଉତରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଉଚ୍ଚ ଶିକ୍ଷା ବିଭାଗର ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଶିକ୍ଷା ଉପରେ ରାଷ୍ଟ୍ରୀୟ ଅଭିଯାନ (ଏନଏମଇଆଇସିଟି) ଦ୍ୱାରା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ଆଧାରିତ ଶିକ୍ଷା ଉପଲବ୍ଧ କରାଯାଉଛି । ଏହି ଯୋଜନା ଅନ୍ତର୍ଗତ ସ୍ୱୟମ, ସ୍ୱୟମ୍ ପ୍ରଭା, ଏନଡ଼ିଏଲ, ଭର୍ଚୁଆଲ ଲ୍ୟାବ୍, ଇ-ୟନ୍ତ୍ର, ଫୋସେସ, ଇ-ଏସଏସ, ସୋଦ୍ଧ-ସୁଦ୍ଧି,ଇଆରପି(ସମର୍ଥ) ଇତ୍ୟାଦି ଭଳି ଡ଼ିଜିଟାଲ ପଦକ୍ଷେପ ନିଆଯାଇଛି। ସ୍ୱୟମ୍ ମାଧ୍ୟମରେ ଗୁଣାତ୍ମକ ଅନଲାଇନ ଶିକ୍ଷା ପ୍ରଦାନ କରାଯାଉଛି। ଆଂଚଳିକ ଭାଷାରେ ଅନଲାଇନ କୋର୍ସ ମୁକ୍ତ, ଡ଼ିଜିଟାଲ କ୍ଲାସରୁମର ବ୍ୟବସ୍ଥା କରିବା ସହ ୨୫ ଲକ୍ଷ ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଲାପ୍ଟପ୍ ବ୍ୟବସ୍ଥା କରାଯାଇଛି। ସେହିପରି କେନ୍ଦ୍ର ସରକାର ଓଡ଼ିଶା ସମେତ ଦେଶର ସବୁ ରାଜ୍ୟକୁ ଏହି ଅନଲାଇନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ଆଗାମୀ ୫ ବର୍ଷ ପାଇଁ ୬ ହଜାର ୧୪୩ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ଓଡ଼ିଶାରେ ଅନଲାଇନ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ଆଗାମୀ ୫ ବର୍ଷ ପାଇଁ ୨୧୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଏବଂ ସବୁଠି ଶିକ୍ଷା ଉପଲବ୍ଧ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କୋଭିଡ୍ ଯୋଗୁଁ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ନହୁଏ ଏବଂ ଅନଲାଇନ ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୪.୭୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଗତ ବର୍ଷ ମଇ ୧୭ ତାରିଖରେ ଆତ୍ମନିର୍ଭର ଭାରତ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଇବିଦ୍ୟା ଯୋଜନା ଆରମ୍ଭ କରାଯାଇଛି।

# ଆବାସ ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

## ଜିଲ୍ଲାପାଳଙ୍କଠାରେ ବର୍ଦ୍ଧନପୁର ମହିଳାଙ୍କ ଫେରାଦ



ବାଲେଶ୍ୱର,୧୯/୦୭ (ନି.ପ୍ର): ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ନେଇ ଜିଲାର ବିଭିନ୍ନ ଅଞ୍ଚଳରୁ ଏବେ ଜିଲାପାଳଙ୍କ ନିକଟକୁ ଅଭିଯୋଗର ସୁଅ ଛୁଟିଛି। ପ୍ରତିଦିନ ଯୋଗ୍ୟ ହିତାଧିକାରୀମାନେ ସ୍ଥାନୀୟ ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତଞ୍ଚକତା ବିରୋଧରେ ଜିଲାପାଳଙ୍କୁ ଅବଗତ କରୁଛନ୍ତି। ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିମାନେ ଯୋଗ୍ୟ ହିତାଧିକାରୀଙ୍କ ପରିବର୍ତ୍ତେ କିଛି କଛି ଅର୍ଥ ନେଇ ଅପେକ୍ଷାକୃତ ସ୍ୱଚ୍ଛଳ ବର୍ଗଙ୍କୁ ଗୃହ ମଞ୍ଜୁର କରିଦେଉଥିବା ଆରୋପ ହେଉଛି। ଏହି ପରିପ୍ରେକ୍ଷୀରେ ହିତାଧିକାରୀ ତାଲିକାରୁ ବାଦ ପଡ଼ିଥିବା ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ପଞ୍ଚାୟତର ବହୁ ଯୋଗ୍ୟ ହିତାଧିକାରୀ ମହିଳା ସୋମବାର ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୟସ ବାତ୍ୟାରେ ସେମାନଙ୍କର ଝାଟିମାଟି ଘର ନଷ୍ଟ ହୋଇ ଯାଇଥିଲେ ବି ଏବେ ଆବାସ ନିର୍ମାଣ ପାଇଁ ହେଉଥିବା ଯାଞ୍ଚ ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରାଯାଉ ନାହିଁ। ହିତାଧିକାରୀ ତାଲିକାରେ ସେମାନଙ୍କ ନାମ ନଥିବା ମହିଳାମାନେ କହିଛନ୍ତି। ତେବେ ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ ନିଜ ଉପରୁ ଦୋଷ ଛଡ଼େଇ ବିଡିଓଙ୍କ ନିର୍ଦ୍ଦେଶରେ ସବୁକିଛି କରାଯାଇଥିବା ସେମାନେ ସୂଚନା ଦେଇଛନ୍ତି। ତୁରନ୍ତ ଏହି ଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ ସହ ସେମାନଙ୍କୁ ଆବାସ ତାଲିକାଭୁକ୍ତ କରିବାକୁ ମହିଳାମାନେ ନିବେଦନ କରିଛନ୍ତି। ନତୁବା ଆଗାମୀ ଦିନରେ ତାଲିକାରୁ ବାଦ ପଡ଼ିଥିବା ଶତାଧିକ ପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ସୁମତୀ ମଲିକ, ରୀତା ମଲିକ, ସବିତା ମଲିକ, ରେବତୀ ମଲିକ, ସସ୍ମିତା ମଲିକ ପ୍ରମୁଖଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo